
ଧରିତ୍ରୀ
DHARITRI
ବ୍ରହ୍ମପୁର, ଶନିବାର, ମେ ୧୫/୨୦୨୧ (୧୨ ପୃଷ୍ଠା) | Berhampur, Saturday, May 15/2021 | ★★★
୧୭ଶ ଭାଗ ୧୦୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-


KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ୱା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଲ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


ରିଦ୍ଧି
ପରିବାରବର୍ଗ


ଅରିତ୍
ପରିବାରବର୍ଗ


ବନ୍ଦନା
ପରିବାରବର୍ଗ


ମାମୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଆଜିର ମନ୍ତବ୍ୟ

"କୋଭିଡ୍ ଏକ ଅଦୃଶ୍ୟ ତଥା ତ୍ୱରିତ୍ ରୂପ ବଦଳାଉଥିବା ଶତ୍ରୁ, ଯାହା ସାରା ବିଶ୍ୱ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳସୀ ମାରଇ ଫାଲୁଆ ଗୁଣ୍ଡା**
**ଚାହିଁ ଦେଖୁଥାଏ ଗେରସ୍ତ ହୁଣ୍ଡା।**

କେତେଜଣ ନାରୀ ଅତ୍ୟନ୍ତ ଅଳସୁଆ ପ୍ରକୃତିର ହୋଇଥାନ୍ତି। କାମଦାମ ନ କରି ଖାଇପିଇ ଘରେ ଖୁଣ୍ଟ ଭଳି ବସି ରହିଥାନ୍ତି। ଏପରି ନାରୀଙ୍କୁ ଘର କାମରେ ମନୋନିବେଶ କରାଇବା ବିଚରା ସ୍ୱାମୀ ପକ୍ଷେ ଦୁରୂହ ବ୍ୟାପାର ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଇଲେ ଅମିନ ମାଇଲେ ମେଖ**
**ବାର ହାଣ୍ଡିଆଙ୍କ ଚାଲାକି ଦେଖ।**

ଅମିନ ଜମି ମପାମପି କାମ କରନ୍ତି। ଜମି ମାପ କରି ମାଲିକାନା ସାବ୍ୟସ୍ତ କରନ୍ତି। ଫଳସ୍ୱରୂପ ଲୋକଙ୍କୁ ଭୁଆଁ ବୁଲେଇ ହାତ ଚିକ୍କଣ କରୁଥିବା ଟାଉଟର, ମାମଲତକାର ବ୍ୟକ୍ତିଙ୍କ ଉପୁରିର ବାଟ ବନ୍ଦ ହୋଇଯାଏ। ପରୋକ୍ଷରେ ପେଞ୍ଚ କାଢ଼ିବାକୁ ଅସମର୍ଥ ବ୍ୟକ୍ତି ନିଜ ଦୋଷ ଦୁର୍ବଳତାକୁ ଘୋଡେଇବାକୁ ଯାଇ ତୁଚ୍ଛା ବାହାଦୁରି ଦେଖାଉଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଘରୋଇ ଲାବ୍‌କୁ ସରକାରଙ୍କ ଚେତାବନୀ

## କରୋନା ଟେଷ୍ଟ ପାଇଁ ଧାର୍ଯ୍ୟ ଦରଠାରୁ ଅଧିକ ନେଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୪।୫(ବ୍ୟୁରୋ)

କରୋନା ଟେଷ୍ଟ ପ୍ରସଙ୍ଗରେ ଘରୋଇ ଲାବ୍‌କୁ କଡ଼ା ଚେତାବନୀ ଦେଇଛନ୍ତି ରାଜ୍ୟ ସରକାର। ଆର୍‌ଟି-ପିସିଆର୍ ଟେଷ୍ଟ ପାଇଁ ଧାର୍ଯ୍ୟ ଦର ଠାରୁ ଅଧିକ ଟଙ୍କା ନେଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଡ଼ଭାଇଜରି ଜାରି ହୋଇଛି। ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଓ ଜିଲା ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। କେତେକ ଘରୋଇ ଲାବ୍ କରୋନା ସନ୍ଦିଗ୍ଧ ରୋଗୀଙ୍କ ଘରକୁ ଯାଇ ଆର୍‌ଟି-ପିସିଆର୍ ଟେଷ୍ଟ ପାଇଁ ନମୁନା ସଂଗ୍ରହ କରୁଛନ୍ତି। କିନ୍ତୁ ସରକାରଙ୍କ ନିର୍ଦ୍ଧାରିତ ଦରଠାରୁ ଅଧିକ ଟଙ୍କା ନେଉଥିବା ଓ ଠିକ୍ ସମୟରେ ରିପୋର୍ଟ ଦେଉ ନ ଥିବା ଅଭିଯୋଗ ହୋଇଛି। ତେଣୁ ଘରୋଇ ଲାବ୍ ପାଇଁ ସରକାର ଆଡ଼ଭାଇଜରି ଜାରି କରିଥିବା ପ୍ରଦୀପ୍ତ ମହାପାତ୍ର ଚିଠିରେ ଉଲ୍ଲେଖ କରିଛନ୍ତି। ଉକ୍ତ ଆଡ଼ଭାଇଜରି ଅନୁସାରେ, ଲାବ କର୍ମଚାରୀମାନେ ଠିକ୍ ଗାଇଡ୍‌ଲାଇନ ପାଳନ କରି ପିପିଇ କିଟ୍ ପିନ୍ଧି ଘରୁ ନମୁନା ସଂଗ୍ରହ କରିବେ। ଅଧିକୃତ ଲାବ୍ ନମୁନା ସଂଗ୍ରହ ପାଇଁ ଅନ୍ୟ ଲାବ୍‌କୁ ନିୟୋଜିତ କରିପାରିବେ ନାହିଁ। ପରୀକ୍ଷା ପାଇଁ ଘରୋଇ ଲାବ୍ ସରକାରୀ ଧାର୍ଯ୍ୟ ଦର ହିଁ ଦାବି କରିପାରିବେ। ଅତିରିକ୍ତ ସେବା ପାଇଁ ଟଙ୍କା ନେଇପାରିବେ ନାହିଁ। ଅଧିକ ଦର ନେଲେ ଓ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ନ ମାନିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମହାପାତ୍ର କହିଛନ୍ତି।

# ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧଦିବସରେ କରୋନା ପୀଡ଼ିତଙ୍କୁ ସାହାଯ୍ୟ କର

## ଦଳୀୟ ନେତା, କର୍ମୀଙ୍କୁ ପିସିସି ସଭାପତିଙ୍କ ଅନୁରୋଧ

ଭୁବନେଶ୍ୱର, ୧୪।୫(ବ୍ୟୁରୋ)

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧଦିବସ ଆସନ୍ତା ୨୧ ତାରିଖରେ ପଡୁଛି। କଂଗ୍ରେସ ତରଫରୁ ପ୍ରତିବର୍ଷ ଏହି ଦିନ ରାଜୀବ ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବାପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। କିନ୍ତୁ ଚଳିତବର୍ଷ କରୋନା ମହାମାରୀ ସାରା ଭାରତର ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଜନସାଧାରଣ ନିଜ ଜୀବନ ଜୀବିକା ପାଇଁ ସଂଘର୍ଷ କରୁଛନ୍ତି। ତେଣୁ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧଦିବସକୁ କରୋନା ପୀଡ଼ିତଙ୍କ ସେବା ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାକୁ ନିଷ୍ପତ୍ତି ନିଷ୍ପତ୍ତି ନିଆଯାଇଛି ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି। ଉକ୍ତ ଦିନ କରୋନା ପୀଡ଼ିତଙ୍କୁ ମାସ୍କ, ସାନିଟାଇଜର, ଔଷଧ, ଖାଦ୍ୟ ବଣ୍ଟନ ସହ ଯଥାସମ୍ଭବ ସାହାଯ୍ୟ କରିବାକୁ ଜିଲା କଂଗ୍ରେସ କମିଟି ସଭାପତି, ପିସିସି ପର୍ଯ୍ୟବେକ୍ଷକ, ଏମ୍‌ପି, ଏମ୍‌ପି ପ୍ରାର୍ଥୀ, ବିଧାୟକ ଏବଂ ବିଧାୟକ ପ୍ରାର୍ଥୀ, ଛାମୁଆ ସଙ୍ଗଠନ, ପ୍ରକୋଷ୍ଠ ଓ ବିଭାଗର କର୍ମକର୍ତ୍ତା ଏବଂ ବ୍ଲକ ଓ ନଗର କଂଗ୍ରେସ ସଭାପତିମାନଙ୍କୁ ନିରଞ୍ଜନ ନିବେଦନ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଘାରିଲା ବ୍ଲାକ୍ ...

ଚିକିତ୍ସା ପାଇଁ ଏକ ଏକ୍ସପର୍ଟ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ଘରୋଇ ଓ ସରକାରୀ ହସ୍ପିଟାଲ ନିୟମିତ ଭାବେ ବ୍ଲାକ୍ ଫଙ୍ଗସ୍ ରୋଗୀଙ୍କ ଆଡମିଶନ ସମ୍ପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟକୁ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ଏସ୍‌ସିବି ମେଡିକାଲ କଲେଜର ମାଇକ୍ରୋବାୟୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡା. ନିରୁପମା ଚଇନି ରାଜ୍ୟସ୍ତରୀୟ କମିଟିରେ ଅଧ୍ୟକ୍ଷ ଥିବାବେଳେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ସଦସ୍ୟ ଆବାହକ ରହିଛନ୍ତି। ସେହିପରି ଏସ୍‌ସିବି ମେଡିକାଲ କଲେଜର ଅନ୍ୟ ୫ ଜଣ ପ୍ରଫେସରଙ୍କୁ ଏହି କମିଟିର ସଦସ୍ୟ ରଖାଯାଇଛି। ସେମାନେ ହେଲେ ପ୍ରଫେସର ଡା.ଜ୍ୟୋତି ପଟ୍ଟନାୟକ, ପ୍ରଫେସର ଡା.ଜୟନ୍ତ କୁମାର ପଣ୍ଡା, ପ୍ରଫେସର ଡା. ଶୁଭବ୍ରତା ପରିଡା, ପ୍ରଫେସର ଡା. ସୁବ୍ରତ ବେହେରା, ପ୍ରଫେସର ଡା. ପ୍ରସନ୍‌ଜିତ ମହାନ୍ତି। ଏହି କମିଟି ରାଜ୍ୟର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହେଉଥିବା ବ୍ଲାକ୍ ଫଙ୍ଗସ୍ ରୋଗୀଙ୍କୁ ତଦାରଖ କରିବା ସହ ଏହି ରୋଗକୁ ତୁରନ୍ତ ଚିହ୍ନଟ ଓ ନିରାକରଣ ପାଇଁ ଏକ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରିବ।

ସେହିପରି ରାଜ୍ୟର ସମସ୍ତ ସରକାରୀ ମେଡିକାଲ ମଧ୍ୟ ଏକ ବିଶେଷଜ୍ଞ କମିଟି ଗଠନ କରିବେ। କମିଟିରେ ମେଡିସିନ କିମ୍ବା ପଲ୍‌ମୋନାରି ମେଡିସିନ, ଡର୍ମାଟୋଲୋଜି, ଇଏନ୍‌ଟି, ଅପ୍‌ଥାମୋଲୋଜି ଓ ନ୍ୟୁରୋଲୋଜି ବିଭାଗର ଡାକ୍ତରଙ୍କୁ ସାମିଲ କରାଯିବ। ସେମାନେ ମିଳିତ ଭାବେ ଏହି ବ୍ଲାକ୍ ଫଙ୍ଗସ୍ ରୋଗୀଙ୍କ ଚିହ୍ନଟ ଓ ଚିକିତ୍ସା କରିବେ। ସରକାରୀ ମେଡିକାଲ କଲେଜର ଇଏନ୍‌ଟି ବିଭାଗରେ ରୋଗୀ ଚିହ୍ନଟ ପାଇଁ ବ୍ୟବସ୍ଥା କରିବେ। କରୋନାରୁ ସୁସ୍ଥ ହୋଇଥିବା ଓ ଆର୍‌ଟି-ପିସିଆର୍ ନେଗେଟିଭ୍ ଥିବା ରୋଗୀଙ୍କ ପାଇଁ ଅପ୍‌ଥାମୋଲୋଜି ବିଭାଗରେ ଚିକିତ୍ସା ସୁବିଧା କରାଯିବ। ଯଦି କୋଭିଡ୍ ସଂକ୍ରମିତଙ୍କ ଶରୀରରେ ବ୍ଲାକ୍ ଫଙ୍ଗସ୍ ରୋଗ ଚିହ୍ନଟ ହୁଏ ତା'ହେଲେ ସମ୍ପୃକ୍ତ ରୋଗୀଙ୍କୁ ଇଏନ୍‌ଟି ଓ ଅପ୍‌ଥାମୋଲୋଜି ଡାକ୍ତରଙ୍କ ସହଯୋଗରେ ଚିକିତ୍ସା କରାଯିବ। ସମସ୍ତ ସରକାରୀ, କର୍ପୋରେଟ, ମିଶନାରି ଏବଂ ଘରୋଇ ହସ୍ପିଟାଲ ଏହି ବ୍ଲାକ୍ ଫଙ୍ଗସ୍ ରୋଗୀଙ୍କ ଭର୍ତ୍ତି ହେବାର ସୂଚନା ଓ ରୋଗୀଙ୍କ ଇନ୍‌ଭେଷ୍ଟିଗେଶନ ରେକର୍ଡକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟକୁ ନିଶ୍ଚିତ ପଠାଇବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ବର୍ତ୍ତମାନ ଦେଶରେ ସବୁଠୁ ଚର୍ଚ୍ଚାର ବିଷୟ ହେଉଛି ବ୍ଲାକ୍ ଫଙ୍ଗସ୍, ଯାହାର ଲକ୍ଷଣ ହେଉଛି ମୁଣ୍ଡବ୍ୟଥା, ଜ୍ୱର, ଆଖିରେ ପୀଡ଼ା, ନାକ ରୁନ୍ଧି ହେବା। ଏହି ରୋଗରେ ବେଶି ଶିକାର ହେଉଛନ୍ତି କରୋନା ଆରୋଗ୍ୟମାନେ। ଯେଉଁ ବ୍ୟକ୍ତିଙ୍କ ଶରୀରରେ ରୋଗପ୍ରତିରୋଧକ ଶକ୍ତି କମ୍, ସେମାନଙ୍କୁ ବ୍ଲାକ୍ ଫଙ୍ଗସ୍ ହେବାର ଅଧିକ ଆଶଙ୍କା ରହିଛି। ରୋଗର ଲକ୍ଷଣ ପ୍ରାଥମିକ ସ୍ତରରେ ଜଣାପଡ଼ିଲେ ଏହାକୁ ଆୟତ୍ତ କରିହେବ ବୋଲି ବିଶେଷଜ୍ଞ ମତପ୍ରକାଶ କରିଛନ୍ତି।

### ୧୨,୩୯୦ ଆକ୍ରାନ୍ତ ...

ନୂଆ ସଂକ୍ରମଣ ଏହା ତଳକୁ ରହିଥିବାବେଳେ ମୋଟ ଆକ୍ରାନ୍ତ ସଂଖ୍ୟା ୫,୮୮,୬୮୭ରେ ପହଞ୍ଚିଛି। ଅନ୍ୟପକ୍ଷରେ କରୋନାର ଏହି ନୂଆ ଷ୍ଟ୍ରେନ୍ ଅଧିକ ଘାତକ ହେଉଛି। ମୃତ୍ୟୁ ସଂଖ୍ୟା ହୁହୁ ବଢୁଛି। ଦିନକରେ ୨୨ଜଣଙ୍କ ଜୀବନ ଯିବା ପରେ ଚିନ୍ତା ବଢ଼ିଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ୪ଜଣ ଥିବାବେଳେ ଅନୁଗୋଳରୁ ୩, କଳାହାଣ୍ଡି, ସୁନ୍ଦରଗଡ଼, ରାୟଗଡ଼ା, ଓ କେନ୍ଦ୍ରାପଡ଼ାରୁ ୨ଜଣ ଲେଖାଏ ଏବଂ କନ୍ଧମାଳ, ଦେବଗଡ଼, ଗଞ୍ଜାମ, ଗଜପତି, ବଲାଙ୍ଗୀର, ବୌଦ୍ଧ ଓ କଟକରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୨,୨୭୩କୁ ବୃଦ୍ଧି ପାଇଛି।

### କରୋନା ଆକ୍ରାନ୍ତ ...

ଶିଶୁ କିଭଳି ସଂକ୍ରମିତ ହେଲେ ତାହାକୁ ନେଇ ଆଲୋଡନ ସୃଷ୍ଟି ହୋଇଛି। ଗତ ୯ ତାରିଖରେ ଜନ୍ମିତ ଶିଶୁର ନିଃଶ୍ୱାସ ନେବାରେ କଷ୍ଟ ହେବାରୁ ଏମ୍‌କେସିଜି ମେଡ଼ିକାଲର ଶିଶୁ ବିଭାଗରେ ଭର୍ତ୍ତି ହୋଇଥିଲା। ସେ ସମୟରେ ଶିଶୁ ବିଭାଗ ମୁଖ୍ୟ ଡ.ସୁନୀଲ ଅଗ୍ରୱାଲ ତାହାର ଆଣ୍ଟିଜେନ୍ ଟେଷ୍ଟ କରିବାରୁ ରିପୋର୍ଟ ପଜିଟିଭ୍ ଆସିଥିଲା। ତେଣୁ ଶିଶୁଟିର ମା' ବାପାଙ୍କର ବି କରୋନା ପରୀକ୍ଷା କରାଯାଇଥିଲା। ସେମାନଙ୍କ ରିପୋର୍ଟ ନେଗେଟିଭ୍ ଆସିଥିଲା। ସଂକ୍ରମିତ ଶିଶୁଟିକୁ ଏସ୍‌ଏନ୍‌ସିୟୁର କୋଭିଡ୍ କର୍ନରରେ ଚିକିତ୍ସା କରାଯାଉଥିଲା। ଶୁକ୍ରବାର ଅପରାହ୍ନରେ ତାହାର ମୃତ୍ୟୁ ଘଟିଥିବା ଡ. ଅଗ୍ରୱାଲ କହିଛନ୍ତି। ସେହିପରି ୧୬ ଦିନ ତଳେ ଜନ୍ମିତ ଶିଶୁଟି ମଧ୍ୟ ନିଃଶ୍ୱାସ ନେଇ ନ ପାରିବାରୁ ଗତ ଗୁରୁବାର ଏମ୍‌କେସିଜି ଶିଶୁ ବିଭାଗରେ ଭର୍ତ୍ତି କରାଯାଇଥିଲା। ତାହାର ଆଣ୍ଟିଜେନ୍ ପରୀକ୍ଷା ପରେ କରୋନା ପଜିଟିଭ୍ ଥିବା ଜଣାପଡ଼ିଥିଲା। ମା' ବାପାଙ୍କ ରିପୋର୍ଟ ନେଗେଟିଭ୍ ରହିଥିବା ଡ.ଅଗ୍ରୱାଲ ସୂଚନା ଦେଇଛନ୍ତି। ଶିଶୁ ବିଭାଗର କୋଭିଡ୍ କର୍ନରରେ ଚିକିତ୍ସିତ ଶିଶୁର ଅବସ୍ଥା ଗୁରୁତର ହେବାରୁ ଏମକେସିଜିରେ ଥିବା ଡେଡିକେଟେଡ କୋଭିଡ୍ ହସ୍ପିଟାଲ -୧ରେ ଚିକିତ୍ସା ଚାଲିଥିବା ଡ.ଅଗ୍ରୱାଲ କହିଛନ୍ତି।

### ସ୍ପୁଟନିକ୍-ଭି ଡୋଜ୍ ...

ତୃତୀୟ କୋଭିଡ୍ ଟିକା ଭାବେ ସାମିଲ ହେବାକୁ ଯାଉଛି। ରୁଷିଆ ପଠାଇଥିବା ପ୍ରଥମ ପର୍ଯ୍ୟାୟ ଟିକା ମେ' ୧ରେ ଭାରତରେ ପହଞ୍ଚିଥିଲା ଏବଂ ୧୩ ତାରିଖରେ କେନ୍ଦ୍ରୀୟ ଡ୍ରଗ୍ସ ଲାବରେଟୋରି ଏହାକୁ ମଞ୍ଜୁରୀ ପ୍ରଦାନ କରିଥିଲା। ଆଗାମୀ ମାସରେ ଅଧିକ ପରିମାଣରେ ସ୍ପୁଟନିକ୍ ଭି ଟିକା ଭାରତରେ ପହଞ୍ଚିବ ବୋଲି ଡ. ରେଡ୍ଡିସ୍ ଲାବରେଟୋରିଜ୍ ପକ୍ଷରୁ କୁହାଯାଇଛି। ଭାରତରେ ଦିଆଯାଉଥିବା କୋଭାକ୍ସିନ ଏବଂ କୋଭିଶିଲ୍ଡ ତୁଳନାରେ ସ୍ପୁଟ୍‌ନିକ ଭି ଅଧିକ ଫଳପ୍ରଦ। ୩ଟି ଭାକ୍ସିନ ଫାଇଜର, ମଡର୍ନା ଏବଂ ସ୍ପୁଟ୍‌ନିକ ଭି ସଫଳତା ହାର ସର୍ବାଧିକ ରହିଛି। ରୁଷିଆ ପ୍ରସ୍ତୁତ ସିଙ୍ଗଲ ଡୋଜ୍ ଟିକା ସ୍ପୁଟ୍‌ନିକ ଲାଇଟକୁ ଭାରତ ଆଣିବା ପାଇଁ ଜୁନ୍ ମାସରେ ଡ. ରେଡ୍ଡିସ୍ ଲାବରେଟୋରିଜ୍ ସରକାରଙ୍କ ସହ ଆଲୋଚନା କରିବ ବୋଲି କହିଛି। ଏହା ଭାରତରେ ପ୍ରଥମ ସିଙ୍ଗଲ ଡୋଜ୍ ଟିକା ହେବ।

### ପେଟ୍ରୋଲ ୨୯...

ବୋଲି ଓଡ଼ିଶାର ସର୍ବପୁରାତନ ତୈଳ ଡିଲରମାନେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଶୁକ୍ରବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୨୯ ପଇସା ଏବଂ ଡିଜେଲ ୩୭ ପଇସା ବୃଦ୍ଧି ଘଟିଛି। ଫଳରେ ଏଠାରେ ପେଟ୍ରୋଲ ଦର ୯୩.୦୪ ଟଙ୍କାକୁ ଛୁଇଁଥିବା ବେଳେ ଡିଜେଲ ୯୦.୩୭ ଟଙ୍କାରେ ବିକ୍ରି ହେଉଥିବା ଜଣାପଡ଼ିଛି। ସେହିଭଳି ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୨୯ ପଇସା ଏବଂ ଡିଜେଲ ୩୪ ପଇସା ବଢ଼ିଥିବା ସୂଚନା ମିଳିଛି। ଫଳରେ ସେଠାରେ ପେଟ୍ରୋଲ ଦର ଲିଟର ପିଛା ୯୨.୩୪ ଟଙ୍କା ଓ ଡିଜେଲ ଲିଟର ପିଛା ୮୨.୯୫ ଟଙ୍କାରେ ପହଞ୍ଚିଛି।

ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୯୪.୦୯ ଟଙ୍କା, ୯୨.୪୪ ଟଙ୍କା ଏବଂ ୯୮.୬୫ ଟଙ୍କାକୁ ବୃଦ୍ଧି ଘଟିଛି। ସେହିପରି ଏହିସବୁ ମେଟ୍ରୋ ସହରରେ ଡିଜେଲ ଲିଟର ପିଛା ୮୭.୮୧ ଟଙ୍କା, ୮୫.୭୯ ଟଙ୍କା ଏବଂ ୯୦.୧୧ ଟଙ୍କାରେ କାରବାର ହେଉଥିବା ଜଣାପଡିଛି।

ଅନ୍ୟପକ୍ଷରେ ମହାମାରୀ ସମୟରେ ତେଲ ଦରଠାରୁ ସରକାରଙ୍କ ପକ୍ଷରୁ ଲାଗୁ କରାଯାଉଥିବା ଉତ୍ପାଦ ଶୁଳ୍କ ଖାଉଟିଙ୍କୁ ବେଶ୍ ମହଙ୍ଗା ପଡୁଛି। ବର୍ତ୍ତମାନ ସମୟରେ କେନ୍ଦ୍ର ସରକାର ତେଲ ଉପରେ ଶୁଳ୍କ ଆକାରରେ ପେଟ୍ରୋଲ ଉପରୁ ୨୧.୫୮ ଟଙ୍କା ଏବଂ ଡିଜେଲରୁ ୧୯.୧୮ ଟଙ୍କା ପରୋକ୍ଷରେ ଖାଉଟିଙ୍କଠାରୁ ଆଦାୟ କରୁଛନ୍ତି। ସେହିଭଳି ବିଭିନ୍ନ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟ ଅନୁସାରେ ଟିକସ ଲାଗୁ କରାଯାଉଛି। ମହାମାରୀ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀଠାରୁ ଆରମ୍ଭକରି ତେଲ ଦର ପର୍ଯ୍ୟନ୍ତ ସବୁଥିରେ ଉପଭୋକ୍ତାଙ୍କୁ ଅତିରିକ୍ତ ଖର୍ଚ୍ଚନ୍ତା ହେବାକୁ ପଡୁଛି।

### ଚାଷୀଙ୍କ ଖାତାକୁ ...

ସୂଚନା ଯୋଗ୍ୟ ଯେ 'କାଳିଆ' ରାଜ୍ୟ ସରକାରଙ୍କ ଶ୍ରେଷ୍ଠ କୃଷି କଲ୍ୟାଣ ଯୋଜନା। ଏହାଦ୍ୱାରା ଚାଷୀ କୃଷି ସାମଗ୍ରୀ କିଣିବା ବେଳେ ଭୂମିହୀନ ଚାଷୀ ଛେଳି, କୁକୁଡ଼ା, ବତକ ପାଳନ ଆଦିରେ ଏହାକୁ ବିନିଯୋଗ କରି ତାଙ୍କ ରୋଜଗାର ବଢ଼ାଉଛନ୍ତି। ଏହି କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ ସାହୁ ଯୋଗ ଦେଇ କାଳିଆ ଯୋଜନା କିପରି କୋଭିଡ୍ ସମୟରେ ଚାଷୀ ପରିବାର ପାଇଁ ଉପାଦେୟ ସାବ୍ୟସ୍ତ ହୋଇ ପାରିଛି ତା' ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା, ମୁଖ୍ୟ ଶାସନ ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

### ଅଷ୍ଟମ କିସ୍ତିରେ ...

ସରକାର ଏହି ଯୋଜନାରେ ପ୍ରାୟ ୧,୩୫,୦୦୦ କୋଟି ଟଙ୍କା ଚାଷୀମାନଙ୍କୁ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କଲେଣି ବୋଲି ମୋଦି କହିଛନ୍ତି। ଏହା ବ୍ୟତୀତ ଚାଷୀଙ୍କ ଆୟ ବଢ଼ାଇବା ପାଇଁ ସରକାର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ରେ ଅଧିକ ପରିମାଣର ଚାଉଳ ଓ ଗହମ କିଣୁଥିବା ପ୍ରଧାନମନ୍ତ୍ରୀ ସୂଚନା ଦେଇଥିଲେ। ୨୦୧୯ ଫେବୃୟାରୀରେ ପିଏମ୍-କିଷାନ ଯୋଜନା ପ୍ରଥମ କିସ୍ତି ପୈଠ କରାଯାଇଥିଲା। କରୋନା ମହାମାରୀ ସମୟରେ ଅସୁବିଧାରେ ଥିବା ଚାଷୀଙ୍କୁ ସହାୟତା ପାଇଁ ପାଖାପାଖି ୬୦,୦୦୦ କୋଟି ଟଙ୍କା ସେମାନଙ୍କ ଆକାଉଣ୍ଟକୁ ପଠାଗଲାଣି।

# ପିଏମ୍-କିଷାନରେ ୪୦ଲକ୍ଷ ଚାଷୀ ଉପକୃତ ହେବା ଲାଗି ପଦକ୍ଷେପ ନିଆଯାଉ

## ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୪।୫(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ-କିଷାନ୍) ଯୋଜନା ଅନ୍ତର୍ଗତ ୮ମ କିସ୍ତିରେ ଓଡ଼ିଶାର ୨୭ ଲକ୍ଷ ୮୩ ହଜାର ୨୦୯ ଜଣ ଚାଷୀଙ୍କୁ ମୋଟ ୫୫୬.୬୪ କୋଟି ଟଙ୍କା ପ୍ରଦାନ କରିଛନ୍ତି। ସେହିପରି ଦେଶର ସାଢେ ୯ କୋଟି ଚାଷୀଙ୍କୁ ୧୯ ହଜାର କୋଟି ଟଙ୍କା ସିଧାସଳଖ ବ୍ୟାଙ୍କ ଖାତାରେ ପ୍ରଦାନ କରାଯାଇଛି। ହେଲେ ପିଏମ୍-କିଷାନରେ ପଞ୍ଜୀକୃତ ରାଜ୍ୟର ୪୦ ଲକ୍ଷ ୫୦ ହଜାର ୧୦୩ ଜଣ ଚାଷୀ ଯେପରି ଉପକୃତ ହୋଇପାରିବେ ସେଥିପାଇଁ ପଦକ୍ଷେପ ନେବାକୁ ଧର୍ମେନ୍ଦ୍ର ପୁଣିଥରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି, ଓଡ଼ିଶାର ଚାଷୀ ଭାଇମାନେ ପିଏମ୍ କିଷାନ ଯୋଜନା ଅଧୀନରେ ୮ଟି କିସ୍ତିରେ ୨ ହଜାର ଟଙ୍କା ଲେଖାଏ ହିସାବରେ ମୋଟ ୩,୮୩୦.୮୫ କୋଟି ଟଙ୍କାର ସହାୟତା ରାଶି ପାଇଛନ୍ତି। ପିଏମ୍ କିଷାନ ଯୋଜନାରେ ଓଡ଼ିଶାର ୪୦ ଲକ୍ଷ ୫୦ ହଜାର ୧୦୩ ଜଣ ଚାଷୀ ପଞ୍ଜୀକୃତ ହୋଇଥିଲେ ମଧ୍ୟ ତନ୍ମଧ୍ୟରୁ କେବଳ ସପ୍ତମ କିସ୍ତିରେ ୨୪ ଲକ୍ଷ ୭୦ ହଜାର ୬୭୧ ଜଣ ଚାଷୀ ମୋଟ ୪୯୪ କୋଟି ୧୩ ଲକ୍ଷ ଟଙ୍କାର ସହାୟତା ରାଶି ପାଇଥିଲେ। ଏନେଇ ଧର୍ମେନ୍ଦ୍ର ଗତ ମାର୍ଚ୍ଚ ପହିଲାରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ପରେ ଅଷ୍ଟମ କିସ୍ତିରେ ୨୭ ଲକ୍ଷ ୮୩ ହଜାର ୨୦୯ ଜଣ ଚାଷୀ ଲାଭ ପାଇଛନ୍ତି, ଯାହା ସପ୍ତମ କିସ୍ତିରୁ ୩ ଲକ୍ଷ ୧୨ ହଜାର ୫୩୮ ଜଣ ଅଧିକ ଚାଷୀ। ରାଜ୍ୟର ସମସ୍ତ ଚାଷୀ ଯେପରି ଏହାର ସମ୍ପୂର୍ଣ୍ଣ ଲାଭ ପାଇପାରିବେ ସେଥିପାଇଁ ପୁନର୍ବାର ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି।

# ୧୫ ଜିଲାରେ ଝଡ଼ବର୍ଷା

ଭୁବନେଶ୍ୱର, ୧୪।୫(ବ୍ୟୁରୋ)

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୧୫ ଜିଲାରେ ଝଡ଼ବର୍ଷା ସମ୍ଭାବନା ରହିଛି। ସେହି ଜିଲାଗୁଡ଼ିକ ହେଲା ଭଦ୍ରକ, ବାଲେଶ୍ୱର, ଯାଜପୁର, କୋରାପୁଟ, କେନ୍ଦ୍ରାପଡ଼ା, କଟକ, ମାଲକାନଗିରି, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ରାୟଗଡ଼ା, ନୂଆପଡ଼ା, କଳାହାଣ୍ଡି, ଗଞ୍ଜାମ ଓ ନବରଙ୍ଗପୁର। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ସବୁ ଜିଲାରେ ପରିସ୍ଥିତି ଉପରେ ନଜର ରଖିବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗତ କିଛିଦିନ ହେବ ରାଜ୍ୟର ବିଭିନ୍ନ ଭାଗରେ ଝଡ଼ବର୍ଷା ଲାଗିରହୁଛି। ଫଳରେ ଗ୍ରୀଷ୍ମ ପ୍ରକୋପ ହ୍ରାସ ପାଇଛି। ଶୁକ୍ରବାର ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୩୯ଡିଗ୍ରୀ ସେଲ୍‌ସିୟସ୍ ତଳେ ରହିଛି।

# ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଜବତ

ଡେଲାଙ୍ଗ, ୧୪।୫(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକ ଅଞ୍ଚଳ ରେଳଧାରଣା ନିକଟରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଜିଆର୍‌ପି ପୋଲିସ ଜବତ କରିଛି। ସେ ହେଲେ ଏହି ବ୍ଲକ ଉଦୟପୁର ଗ୍ରାମର ସୁମନ୍ତ ସାମନ୍ତରାୟ (୩୩)। ଏ ନେଇ ସାକ୍ଷୀଗୋପାଳ ଜିଆରପି ପୋଲିସ ନଂ.୧୯/୨୧ରେ ମାମଲା ରୁଜୁ କରିଛି। ଶୁକ୍ରବାର ସକାଳ ୬ ଟା ସମୟରେ ଓଳିଆ ଖାତର ଖୋର୍ଦ୍ଧା-ପୁରୀ ରେଳ ପଥର ଖୁଣ୍ଟି ନମ୍ବର ୪୨୮/୨୭ ଓ ୪୨୮/୨୯ ଠାରେ ହାୱଡା-ପୁରୀ ଏକ୍ସପ୍ରେସ ଟ୍ରେନରେ ଧକ୍କା ହୋଇଥିବାର ସ୍ଥାନୀୟ ଲୋକେ ଦେଖିଥିଲେ। ଖବରପାଇ ସାକ୍ଷୀଗୋପାଳ ଜିଆଇପି ଫାଣ୍ଡି ଏଏସଆଇ ପ୍ରସନ୍ନ କୁମାର ପାତ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ତେବେ ସୁମନ୍ତ ମାନସିକ ବିକାର ଗ୍ରସ୍ତ ଥିଲେ ବୋଲି ସ୍ଥାନୀୟ ଅଞ୍ଚଳରୁ ଜଣାପଡିଛି।

classifieds Everyday 0674-2580101, 2549302



**SALE**

Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.
D-20685

1/2/3 BHK ready to move apartment for sale at DHPL Enclave 2 Kalarahanga. Contact 9937059891.
D-20642

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ରହି ଯାଇଥିବା ଫାଇଲ କାମଟିକୁ ଆଜି ହିଁ ଆରମ୍ଭ କରିବାକୁ ମନ ବଳାଇବେ। ବନ୍ଧୁମାନଙ୍କ ପରାମର୍ଶାନୁସାରେ ପାରିବାରିକ ଝମେଲା ସମାଧାନ ଆଡ଼କୁ ଗତି କରିବ। କୃଷି, ବ୍ୟବସାୟ, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ପ୍ରିୟବନ୍ଧୁଙ୍କ ଆକସ୍ମିକ ଉପସ୍ଥିତି ଯୋଗୁ ମାନସିକ ସ୍ତରରେ ଆନନ୍ଦ ଅନୁଭବ କରିବେ।

**ବୃଷ**
ମାନସିକ ସ୍ତରରେ କିଛିଟା ବ୍ୟତିକ୍ରମ ଥିଲେ ମଧ୍ୟ ବନ୍ଧୁଙ୍କ ସାହାଯ୍ୟ ପାଇ କାମ ହାସଲ କରିବେ। ଘରେ କିମ୍ବା ଅଫିସରେ ଏକ ସାଧାରଣ କଥାରେ ବିତର୍କ ହୋଇପାରେ। ସାଂଗଠନିକ କିମ୍ବା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ବ୍ୟବସାୟ,ପରିବହନ ଓ ନିର୍ମାଣ, ଜମିଜମା କ୍ଷେତ୍ର କିମ୍ବା ମାଲିମକଦ୍ଦମା କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ**
ପାରିବାରିକ ସମସ୍ୟାର ସମାଧାନ ଘଟିବ, କିନ୍ତୁ ଏଥିପାଇଁ ବନ୍ଧୁଙ୍କ ସାହାଯ୍ୟ ନେବାକୁ ପଡ଼ିବ। ବନ୍ଧୁମାନଙ୍କ ସହ ସକାଳୁଆ ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ। ଦେହ ଭଲ ରହିବ, ମାତ୍ର କଠିନ ପରିଶ୍ରମଜନିତ କ୍ଳାନ୍ତିବୋଧ କରିପାରନ୍ତି। କର୍ମକ୍ଷେତ୍ରରେ ଛୋଟ ଛୋଟ କଥାକୁ କେନ୍ଦ୍ର କରି ମାନସିକ ଦ୍ୱନ୍ଦ୍ୱ ଲାଗି ରହିପାରେ।

**କର୍କଟ**
ଆଜିର କର୍ମକ୍ଷେତ୍ରରେ ମନ ବୁଝିଲା ଭଳି କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ। ଅଫିସ କାମର ବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। ପରିଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସାଙ୍ଗକୁ ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ। ପରିବାରରେ ଆର୍ଥିକ ଅଭାବ ସମସ୍ୟା ଆଣିପାରେ।

**ସିଂହ**
ବନ୍ଧୁଙ୍କ ସାହାଯ୍ୟ ଆଜି ଆପଣଙ୍କ କାମ ହାସଲ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରିବ। ଅର୍ଥର ଅଭାବ ଲାଗି ରହିଥିଲେ ମଧ୍ୟ ଆବଶ୍ୟକତା ଠିକ୍ ସମୟରେ ପୂରଣ ହୋଇଯିବ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁ ମାନସିକ ସ୍ଥିତି ଭଲ ରହି ନ ପାରେ। ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବା ସକାଶେ ନିଜକୁ ଖାପ ଖୁଆଇ ଚଳିବା ଭଲ।

**କନ୍ୟା**
ସମସ୍ୟା ଜଡିତ ହେଲେ ମଧ୍ୟ ପ୍ରତ୍ୟେକ କାମକୁ କୌଶଳରେ ହାସଲ କରିପାରିବେ। ଯାନବାହନରେ ଲାଭ, ଦୋକାନବାଡିରେ ଉନ୍ନତି, ଅଚାନକ ଗୃହ, ଭୂମି ଲାଭ ଯୋଗ ରହିଛି। ପ୍ରଶାସନ, କଚେରି ମାମଲା ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। କଳା, କ୍ରୀଡା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ହୋଇଯିବ।

**ତୁଳା**
ସକାଳୁ ସକାଳୁ କୌଣସି ଖବର ପାଇ ମନ ଖୁସୀ ହୋଇଯିବ। କଳା, ସଙ୍ଗୀତ ଆସର, ସାହିତ୍ୟ ଚର୍ଚ୍ଚା ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ କରିବା ଭଲ ହେବ।

**ବିଛା**
ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଆଜି କାମଗୁଡିକ ସହଜ ଓ ସୁବିଧାରେ ହୋଇଯିବ। ଅପ୍ରିୟ ସତ୍ୟ କଥାରେ ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। ପାଖରେ ଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ।

**ଧନୁ**
ଆଜି ଦିନଟିରେ ଆପଣଙ୍କୁ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ବୃଥା ଭାବନାରେ ଭାସିଯାଇ ମାନସିକ ଚିନ୍ତାଧାରା ବିକ୍ଷିପ୍ତ ହୋଇପାରେ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ସାମୟିକ ଖୁସୀ ରହିବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ମକର**
ଆଜି ଆପଣ ଯାହାକୁ ଯାହା ମାଗିବେ ସେହି ବ୍ୟକ୍ତି କଦାପି ମନା କରିବ ନାହିଁ। ଅବଶ୍ୟ ପରିବାରର ଲୋକମାନେ ମଧ୍ୟ ଅଧିକାଂଶ କ୍ଷେତ୍ରରେ ଭୁଲ୍ ବୁଝିପାରନ୍ତି। ଅନ୍ୟମାନଙ୍କ କଥାକୁ ବିଶ୍ୱାସ କରି ଗୃହରେ କଳହ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ପରସ୍ପର ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ**
ଚାହୁଁଥିବା କାମଟି ଠିକ୍ ସମୟରେ ନ ହୋଇପାରିବା କାରଣରୁ ମନ ଭଲ ଲାଗିବ ନାହିଁ। ପିଲାମାନଙ୍କ ବୈବାହିକ କର୍ମ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିର କରିବା ସକାଶେ ଚିନ୍ତା କରିପାରନ୍ତି। କେତେକ ସାଧାରଣ ଅସୁବିଧା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବ୍ୟବସାୟ ଓ ପରିବହନ ପାଇଁ କୌଣସି ଅସୁବିଧା ହେବନାହିଁ।

**ମୀନ**
ବନ୍ଧୁଙ୍କ ପ୍ରାୟୋଜିତ କୌଣସି ନୂତନ କାମରେ ମନଦେବା ପାଇଁ ମନସ୍ଥ କରିବେ। ସମସ୍ୟା ଥିବା କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। ସାମାଜିକ ସ୍ତରରେ କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ମାନସିକ ଚାପର ସମ୍ମୁଖୀନ ହୋଇପାରନ୍ତି।

ଆଜି ବୃଷସଂକ୍ରାନ୍ତି, ଅକ୍ଷୟତୃତୀୟା, ଦିବା ଘ.୦୮.୦୦ମି. ଗତେ ଚତୁର୍ଥୀ, ରଥକାଠ ଅନୁକୂଳ, ଚନ୍ଦନଯାତ୍ରା ଆରମ୍ଭ। ରେବତୀ ବିବାହୋତ୍ସବ, କବି ଜୟଦେବ ଜୟନ୍ତୀ, ମେ ୧୫ ତାରିଖ, ଶନିବାର, ବିଶ୍ୱ ପରିବାର ଦିବସ। ରାଶିନକ୍ଷତ୍ର- ଦିବା ଘ.୦୮.୩୮ମି. ଗତେ ଆରଦ୍ରା/ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୫୫ମି. ଗତେ ଘ.୦୭.୩୯ମି. ମଧ୍ୟେ ଅମୃତବେଳା। ଦିବା ଘ.୧୦.୦୬ମି. ଗତେ ଘ.୧୨.୦୯ମି. ମଧ୍ୟେ, ଘ.୦୨.୫୭ମି. ଗତେ ଘ.୦୩.୩୬ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ.୦୫.୧୪ମି. ଗତେ ଘ.୦୬.୫୧ମି. ମଧ୍ୟେ ରାହୁକାଳ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୬,୨୨,୫୩,୭୭୯ | ୩୩,୬୪,୬୬୬ | ୧୪,୦୧,୩୪,୪୯୧ |
| ଭାରତ | ୨,୪୩,୨୦,୬୬୮ | ୨,୬୫,୦୪୧ | ୨,୦୩,୫୧,୫୨୪ |
| ଓଡ଼ିଶା | ୫,୮୮,୬୮୭ | ୨୨୭୩(+୫୩) | ୪,୯୧,୬୭୪ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଓଜେଇଇ ଆବେଦନ ଅବଧି ବଢ଼ିଲା

**ଭୁବନେଶ୍ୱର, ୧୪।୫(ବ୍ୟୁରୋ):** ବର୍ତ୍ତମାନର କରୋନା ସ୍ଥିତି ଓ ଲକ୍‌ଡାଉନକୁ ନଜରରେ ରଖି ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ)-୨୦୨୧ ପାଇଁ ଆବେଦନ ଅବଧିକୁ ବୃଦ୍ଧି କରାଯାଇଛି। ଓଜେଇଇର ସମସ୍ତ ବିଷୟ ପାଇଁ ଅନ୍‌ଲାଇନ୍ ଆବେଦନ ଅବଧି ଜୁନ୍ ୧୫ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଜୁନ୍ ୧୭ ଫି' ଦାଖଲର ଶେଷ ଦିନ ରଖାଯାଇଛି। ତେବେ ଆଇକାର୍ଡ କେବେ ମିଳିବ ଓ ପରୀକ୍ଷା କେବେ ଅନୁଷ୍ଠିତ ହେବ ସେ ନେଇ ଠିକ୍ ସମୟରେ ଜଣାଇ ଦିଆଯିବ ଓ ଜୁନ୍ ୧୫ ପରେ ସ୍ଥିତି ଦେଖି ବିଜ୍ଞପ୍ତି ପ୍ରକାଶ ପାଇବ। ତେବେ ସମସ୍ତ ଛାତ୍ରୀଛାତ୍ର ନିୟମିତ ଭାବେ ଓଜେଇଇ ୱେବ୍‌ସାଇଟ୍‌କୁ ଦେଖିବା ପାଇଁ ଓଜେଇଇ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ପରାମର୍ଶ ଦିଆଯାଇଛି।

### ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସମୀକ୍ଷା

#### ୫ ମିନିଟ୍‌ରେ ଗାଇଲେ ୨୮ ହିନ୍ଦୀ ଦେଶାତ୍ମବୋଧକ ସଙ୍ଗୀତ



ସାର୍ଟିଫିକେଟ୍ ଓ ମେଡାଲ ସହ ସାଇସମୀକ୍ଷା।

**ବାଲିଆ,୧୪।୫:** ଜଗତ୍‌ସିଂହପୁର ଜିଲା ବିରିଡି ବ୍ଲକ ଅନ୍ତର୍ଗତ କୂଳକଇଜଙ୍ଗା ଗ୍ରାମର ସାଇସମୀକ୍ଷା ସ୍ୱାଇଁ (୮) ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ୪ ମିନିଟ ୨୦ ସେକେଣ୍ଡରେ ୨୮ଟି ହିନ୍ଦୀ ଦେଶାତ୍ମବୋଧକ ଗୀତ ଗାଇ ସେ ଏହି ଗୌରବ ହାସଲ କରିଛନ୍ତି। ୧୫ ପୃଷ୍ଠା ସମ୍ବଳିତ ୨୮ଟି ଗୀତକୁ ନିର୍ଦ୍ଧାରିତ ସମୟ ଅର୍ଥାତ୍ ୫ ମିନିଟ ପୂର୍ବରୁ ସେ ଗାଇ ଶେଷ କରିଛନ୍ତି। ଭବିଷ୍ୟତରେ ଗିନିଜ ବୁକ ଅଫ ୱାର୍ଲ୍ଡ୍ ରେକର୍ଡରେ ସ୍ଥାନ ପାଇବାକୁ ଉଦ୍ୟମ ଜାରି ରଖିଛନ୍ତି ବୋଲି ସାଇ ସମୀକ୍ଷା କହିଛନ୍ତି। ପୂର୍ବରୁ ସେ ବିଭିନ୍ନ ରାଜ୍ୟ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ୨୦୦ରୁ ଉର୍ଦ୍ଧ୍ୱ ପୁରସ୍କାର ପାଇଛନ୍ତି। ଏହି ସଫଳତାର ଶ୍ରେୟ ସେ ମା'ଓ ବାପାଙ୍କୁ ଦେଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ବାପା ଜନରଞ୍ଜନ ସ୍ୱାଇଁ ଏବଂ ମା' ଶୁଭସ୍ମିତା ସ୍ୱାଇଁ ଖୁସିବ୍ୟକ୍ତ କରିଛନ୍ତି।

# ପିଲାଙ୍କ ପ୍ରତି ବଢ଼ିବ ରିସ୍କ

**ସଂକ୍ରମିତ ହେଲେଣି ୨୯,୪୧୩**

**ସତର୍କ କଲେ ଶିଶୁ ରୋଗ ବିଶେଷଜ୍ଞ**

- ଟିକା ଆସି ନ ଥିବାରୁ ପିଲାଙ୍କ ଯତ୍ନ ଗୁରୁତ୍ୱପୂର୍ଣ୍ଣ
- ମା'ମାନେ ସବୁପ୍ରକାର ସତର୍କ ରହିବା ଜରୁରୀ

**ଭୁବନେଶ୍ୱର,୧୪।୫(ବ୍ୟୁରୋ)**

ରାଜ୍ୟରେ କରୋନାର ଦ୍ୱିତୀୟ ଲହର ଅଧିକ ଶକ୍ତିଶାଳୀ ରହିଛି। ଏହି ଲହରରେ ଏବେ ଯୁବପିଢ଼ି ଓ ଶିଶୁ ବହୁ ଆକ୍ରାନ୍ତ ହେଉଛନ୍ତି। ଏଯାବତ୍ ୨୯,୪୧୩ ପିଲା ଆକ୍ରାନ୍ତ ହୋଇସାରିଲେଣି। ତେବେ ବୟସ୍କଙ୍କ ତୁଳନାରେ ପିଲାମାନେ କମ୍ ଗୁରୁତର ହେଉଛନ୍ତି। ବର୍ତ୍ତମାନ ଏହି ଧାରା ଚାଲିଥିଲେ ମଧ୍ୟ ଆଗକୁ ତୃତୀୟ ଲହରରେ କ'ଣ ହେବ ତାହାକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଚିନ୍ତା ବଢ଼ିଛି। କାରଣ ସେତେବେଳକୁ ବୟସ୍କମାନେ ଟିକା ନେଇସାରିଥିବେ। ତେଣୁ ପିଲାଙ୍କ ରିସ୍କ ବଢ଼ିଯିବ ବୋଲି ଭୁବନେଶ୍ୱରସ୍ଥିତ ଜଗନ୍ନାଥ ହସ୍ପିଟାଲ ନବଜାତ ଶିଶୁ ରୋଗ ବିଶେଷଜ୍ଞ ଡା. ଅରିଜିତ୍ ମହାପାତ୍ର।

ସେ କହିଛନ୍ତି, ପିଲାଙ୍କ ପ୍ରତି ରିସ୍କ ବଢ଼ିଲେ ମଧ୍ୟ କେହି ଭୟଭୀତ ନ ହେବା ଉଚିତ। ରାଜ୍ୟରେ ଗୁରୁତର ପିଲାଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଉପଯୁକ୍ତ ଇକ୍ୟୁପ୍‌ମେଣ୍ଟ ରହିଛି। ପିଲାଙ୍କ ପାଇଁ ଭେଣ୍ଟିଲେଟର ମଧ୍ୟ ରହିଛି। ଏବେ ବି ପିଲା ଗୁରୁତର ହେଲେ ଚିକିତ୍ସା କରାଯାଇପାରୁଛି। ଛୋଟ ପିଲାଙ୍କ ପାଇଁ ଟିକା ଏବେ ଆସି ନାହିଁ। ତେଣୁ ସମସ୍ତେ ସତର୍କ ହୋଇ ପିଲାଙ୍କ ଯତ୍ନ ନେବା ଉଚିତ। ଘରର ବଡ଼ମାନଙ୍କଠାରୁ ହିଁ ଶିଶୁମାନେ ସଂକ୍ରମିତ ହେଉଛନ୍ତି। ତେଣୁ ବଡ଼ମାନେ ଅଧିକ ସତର୍କ ରହିବା ସହିତ ଟିକା ନେବା ଜରୁରୀ। ପିଲାଙ୍କୁ ଜ୍ୱର, ଥଣ୍ଡା, କାଶ, ଝାଡ଼ା ବାନ୍ତି କିମ୍ବା ଶରୀରରେ କିଛି ଫଳିଯିବା ଭଳି ଲକ୍ଷଣ ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ। ସେହିପରି ଶିଶୁଙ୍କ ସମ୍ପର୍କରେ ଆସୁଥିବା ମା' ମୁହଁରେ ମାସ୍କ ପିନ୍ଧିବା ସହ ବାରମ୍ବାର ହାତ ଧୋଇବା ଦରକାର। କରୋନାରେ ଆକ୍ରାନ୍ତ ଥିବା ମା' ମଧ୍ୟ ସବୁ ପ୍ରକାର ସତର୍କତା ଅବଲମ୍ବନ କରି ଶିଶୁକୁ ସ୍ତନ୍ୟପାନ କରିପାରିବେ ବୋଲି ଡା. ମହାପାତ୍ର ପରାମର୍ଶ ଦେଇଛନ୍ତି।

## କରୋନାକୁ ହରାଇଲେ ଦୁଇ ନବଜାତକ

### ଭେଣ୍ଟିଲେଟରରେ ରହି ସୁସ୍ଥ ହେଲେ ଈଶାନୀ, ସାଇ ସମ୍ପୂର୍ଣ୍ଣା



ଈଶାନୀ



ସାଇ ସମ୍ପୂର୍ଣ୍ଣା

କରୋନାର ଦ୍ୱିତୀୟ ଲହର ଅଧିକ ସକ୍ରିୟ ଓ ଘାତକ ହେଉଛି। ନୂଆ ଷ୍ଟ୍ରେନ୍ ଏବେ ଶିଶୁମାନଙ୍କୁ ଆକ୍ରାନ୍ତ କରୁଥିବାରୁ ମା'ବାପାଙ୍କ ମନରେ ଛନକା ପଶିଛି। ଏ ପରିସ୍ଥିତିରେ ୨ ନବଜନ୍ମିତ ଶିଶୁ କରୋନାରୁ ସୁସ୍ଥ ହେବା ଘଟଣା ଆଶ୍ୱସ୍ତି ଦେଇଛି। ଈଶାନୀ ଅଗ୍ରୱାଲ ନାମକ ୨୫ଦିନର ଶିଶୁକନ୍ୟା କରୋନାରେ ଆକ୍ରାନ୍ତ ହୋଇ ଗୁରୁତର ହୋଇପଡିଥିଲେ। ତାଙ୍କର ମଲ୍‌ଟି ଅର୍ଗାନ ଫେଲ୍ୟୁର ହୋଇଯାଇଥିଲା। ଭୁବନେଶ୍ୱରସ୍ଥିତ ଜଗନ୍ନାଥ ହସ୍ପିଟାଲରେ ୧୦ଦିନ ଭେଣ୍ଟିଲେଟରରେ ରହିଥିଲେ। ଆବଶ୍ୟକ ଚିକିତ୍ସା ପରେ ଶିଶୁଟି କରୋନାକୁ ହରାଇବା ସହ ସୁସ୍ଥ ହୋଇଥିବା ଜଣାପଡିଛି। ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଥିବାବେଳେ ଅନ୍ୟ ଶିଶୁ ଓ ଚିକିତ୍ସକଙ୍କ ପାଇଁ ସାହସ ଯୋଗାଇଛି।

କଳାହାଣ୍ଡି ଜିଲା ମଦନପୁର-ରାମପୁରର ଅଙ୍କିତ ଅଗ୍ରୱାଲଙ୍କ ସ୍ତ୍ରୀ ପ୍ରୀତି ଛତିଶଗଡ଼ ରାୟପୁରରେ ଈଶାନୀଙ୍କୁ ଜନ୍ମଦେଇଥିଲେ। ଡାକ୍ତରଖାନାରୁ ଫେରିବା ପରେ ପରିବାରର ସମସ୍ତ ସଦସ୍ୟ ଅସୁସ୍ଥ ହୋଇପଡ଼ିବାରୁ ଟେଷ୍ଟ କରିଥିଲେ। ରିପୋର୍ଟ ପଜିଟିଭ୍ ଆସିବାରୁ ସମସ୍ତଙ୍କୁ ଭବାନୀପାଟଣାସ୍ଥିତ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ୨୫ ଦିନର ଶିଶୁକନ୍ୟା ଈଶାନୀଙ୍କର ମଧ୍ୟ କରୋନା ପରୀକ୍ଷା ହୋଇଥିଲା ଓ ରିପୋର୍ଟ ପଜିଟିଭ୍ ବାହାରିଥିଲା। ଈଶାନୀଙ୍କ ସମେତ ବାପା ଓ ଜେଜେଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରରେ ଏକ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଜେଜେଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ଗୁରୁତର ହେବାରୁ ତାଙ୍କୁ ହାଇଦ୍ରାବାଦକୁ ଏୟାରଲିଫ୍ଟ କରାଯାଇଥିଲା। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଗଲା। ଏହା ଭିତରେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ବିଗିଡିବାରେ ଲାଗିଥିଲା। ନିଃଶ୍ୱାସ ପ୍ରଶ୍ୱାସ ନେଇପାରୁ ନ ଥିବାରୁ ତାଙ୍କୁ ଗତ ଏପ୍ରିଲ ୧୮ରେ ଜଗନ୍ନାଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରଥମ ୧୦ଦିନ ଭେଣ୍ଟିଲେଟରରେ ରଖାଯାଇଥିଲା। ତାଙ୍କର ଚିକିତ୍ସା କରୁଥିଲେ ଡା. ଅରିଜିତ୍ ମହାପାତ୍ର। ସେ କୁହନ୍ତି, ଶିଶୁଟିକୁ ବିପଦମୁକ୍ତ କରାଇବା ବଡ଼ ଚ୍ୟାଲେଞ୍ଜ ଥିଲା। ମା'-ବାପାଙ୍କ ଅନୁମତିରେ ରେମ୍‌ଡେସିଭିର୍ ଓ ଷ୍ଟିରଏଡ୍ ଦିଆଯାଇଥିଲା। ଛୋଟ ପିଲାଙ୍କୁ ଏସବୁ ଔଷଧ ଦେବା ସରକାରୀ ଅନୁମତି ନ ଥିଲେ ମଧ୍ୟ ଜରୁରିକାଳୀନ ପରିସ୍ଥିତିରେ ଜୀବନ ବଞ୍ଚାଇବା ପାଇଁ ଆମେ ଏହାକୁ ବ୍ୟବହାର କରିଥିଲୁ। ଭେଣ୍ଟିଲେଟରରେ ଥିବା ଅବସ୍ଥାରେ ପିଲାଟି ଧୀରେ ଧୀରେ ସୁସ୍ଥ ହେବା ସହ ମା' କ୍ଷୀର ଖାଇଥିଲା। ପ୍ରାୟ ତିନି ସପ୍ତାହ ଚିକିତ୍ସା ପରେ ଶିଶୁଟି ସମ୍ପୂର୍ଣ୍ଣ ସୁସ୍ଥ ହୋଇଛି। ଡାକ୍ତରୀ ଦଳର ପ୍ରୟାସ ଓ ସର୍ବୋପରି ଭଗବାନଙ୍କ ଆଶୀର୍ବାଦ ଯୋଗୁ ଏଥିରେ ଆମେ ସଫଳତା ପାଇଲୁ ବୋଲି ଡା. ମହାପାତ୍ର କହିଛନ୍ତି।

ସେହିପରି ଆଉଜଣେ ମାସକର ଶିଶୁ ମଧ୍ୟ କରୋନାକୁ ହରାଇଛି। ସେ ହେଲେ କଟକ ଜିଲା ତ୍ରିଶୁଳିଆ ଅଞ୍ଚଳର ସାଇ ସମ୍ପୂର୍ଣ୍ଣା। କରୋନରେ ଆକ୍ରାନ୍ତ ହୋଇ ଗତ ୭ ତାରିଖରେ ଜଗନ୍ନାଥ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଶିଶୁଟିର ମା' କରୋନାରେ ଆକ୍ରାନ୍ତ ହୋଇଥିଲା। ଯଦିଓ ଶିଶୁର ସ୍ୱାସ୍ଥ୍ୟ ସେତେଟା ଗୁରୁତର ନ ଥିଲେ ମଧ୍ୟ ଭେଣ୍ଟିଲେଟରର ଆବଶ୍ୟକତା ରହିଥିଲା। ୩ଦିନ ଭେଣ୍ଟିଲେଟରରେ ରହି ଚିକିତ୍ସିତ ହେବା ପରେ ସେ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଡା. ମହାପାତ୍ର କହିଛନ୍ତି।

## ମାସ୍କର ଠିକ୍ ବ୍ୟବହାର ବିଶଲ୍ୟକରଣୀ ଭଳି କାମ କରିବ

**ଭୁବନେଶ୍ୱର, ୧୪।୫(ବ୍ୟୁରୋ)**

**ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ**



କରୋନା ଭୂତାଣୁ ବାୟୁ ମାଧ୍ୟମରେ ବ୍ୟାପୁଛି। ତେଣୁ ଠିକ୍ ଭାବେ ମାସ୍କ ପିନ୍ଧିବାକୁ ପରାମର୍ଶ ଦେଇଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ପରାମର୍ଶଭିତ୍ତିକ କାର୍ଯ୍ୟକ୍ରମରେ ଶୁକ୍ରବାର କଟକ ଏସ୍‌ସିବି ମେଡିକାଲର ପ୍ରଫେସର ଡା. ନିବେଦିତା ପାଣି ଯୋଗଦେଇ ମାସ୍କ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଲେ, ମାସ୍କକୁ ଠିକ୍ ଭାବେ ବ୍ୟବହାର କଲେ ତାହା ବିଶଲ୍ୟକରଣୀ ଭଳି କାମ କରିବ। ବଜାରରେ ମିଳୁଥିବା ମୁଖ୍ୟତଃ ୩ ପ୍ରକାରର ମାସ୍କ ଯେପରି କି କଟନ, ସର୍ଜିକାଲ ଓ ଏନ୍-୯୫ ପିନ୍ଧିବା ପୂର୍ବରୁ ସତର୍କ ରହିବା ଜରୁରୀ। କଟନ ବା କପଡ଼ା ମାସ୍କକୁ ସାବୁନରେ ସଫା କରି ପୁଣି ବ୍ୟବହାର କରିପାରିବେ। କିନ୍ତୁ ସର୍ଜିକାଲ ମାସ୍କକୁ ଧୋଇକି ପୁଣି ଥରେ ବ୍ୟବହାର କରାଯାଇପାରିବ ନାହିଁ। ମାସ୍କ ପିନ୍ଧିବା ସମୟରେ କେତେକ ସତର୍କତା ଅବଲମ୍ବନ କରିବା ଜରୁରୀ। ମାସ୍କର ସମ୍ମୁଖ ଭାଗକୁ ଧରି କାଢ଼ନ୍ତୁ ନାହିଁ। ମାସ୍କ ପିନ୍ଧିବା ପୂର୍ବରୁ ଓ ଓହ୍ଲାଇଲାବେଳେ ହାତ ସାନିଟାଇଜ୍ କରିବା ଉଚିତ। ଏଥିସହ ମାସ୍କ ଯେପରି ମୁହଁ, ପାଟି, ନାକ ଘୋଡ଼ାଇ ରଖୁଥିବ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। ଏନ୍-୯୫ ମାସ୍କ ୯୫% ପ୍ରତିଶତ ସଂକ୍ରମଣକୁ ରୋକିପାରେ। ହୋମ୍ ଆଇସୋଲେଶନରେ ଥିବା ରୋଗୀ ମଧ୍ୟ ଡବଲ ଲେୟାର ଥିବା ମାସ୍କ ପିନ୍ଧିବା ଜରୁରୀ। ରୋଗୀଙ୍କ ସେବା କରୁଥିବା ବ୍ୟକ୍ତି ମଧ୍ୟ ଡବଲ ଲେୟାର ମାସ୍କ ପିନ୍ଧିବା ଦରକାର। କରୋନା ସମୟରେ କୌଣସି ବଡ଼ କାମ ନ ଥିଲେ ବାହାରକୁ ନ ଯାଆନ୍ତୁ ବୋଲି ଡା. ପାଣି ପରାମର୍ଶ ଦେଇଛନ୍ତି। କରୋନାରୁ ରକ୍ଷା ପାଇବାକୁ ହେଲେ ଆମ ସମସ୍ତଙ୍କୁ ସଜାଗ ଓ ସଚେତନ ହେବା ସହ ମାସ୍କକୁ ଭଲ ଭାବେ ପିନ୍ଧିବାର ଆବଶ୍ୟକତା ରହିଛି। ସେହିଭଳି ଘର ଭିତରୁ ବାହାରକୁ ନ ଯାଇ ମଧ୍ୟ ବୟସ୍କ ବ୍ୟକ୍ତି କରୋନାରେ ସଂକ୍ରମଣ ହେଉଛନ୍ତି। ଘରର ଅନ୍ୟ ଯୁବପିଢ଼ି କରୋନା ନିୟମକୁ ପାଳନ କରୁ ନ ଥିବାରୁ ଏଭଳି ହେଉଛି। ତେଣୁ ସଂକ୍ରମଣକୁ ଏଡ଼ାଇବାକୁ ହେଲେ ମାସ୍କ ପିନ୍ଧିବା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାମ ବୋଲି ଡା. ପାଣି କହିଛନ୍ତି।

## ୮୪ଦିନ ପୂର୍ବରୁ କୋଭିଶିଲ୍ଡର ଦ୍ୱିତୀୟ ଡୋଜ୍ ମନା

**ଭୁବନେଶ୍ୱର, ୧୪।୫(ବ୍ୟୁରୋ)**

**ରାଜ୍ୟ ସରକାରଙ୍କ ସାନି ଗାଇଡ୍‌ଲାଇନ୍ ଜାରି**




କରୋନା ଟିକା କୋଭିଶିଲ୍ଡର ଦୁଇଟି ଡୋଜ୍ ମଧ୍ୟରେ ଥିବା ବ୍ୟବଧାନ ବୃଦ୍ଧି ପ୍ରସ୍ତାବକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ପରେ ଏ ନେଇ ସାନି ଗାଇଡ୍‌ଲାଇନ ଜାରି କରିଛନ୍ତି ରାଜ୍ୟ ସରକାର। ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଓ ଜିଲା ଚିକିତ୍ସାଧିକାରୀଙ୍କୁ ଚିଠି ଲେଖିଛନ୍ତି। ପ୍ରଥମ ଡୋଜ୍ ନେବାର ୧୨ ସପ୍ତାହ ବା ୮୪ ଦିନ ପରେ ଦ୍ୱିତୀୟ ଡୋଜ୍ ନେବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ ଏହା ପୂର୍ବରୁ ଦ୍ୱିତୀୟ ଡୋଜ୍ ନେବାକୁ ବାରଣ କରାଯାଇଛି। ସେହିଭଳି ୮୪ଦିନ ପୂର୍ବରୁ ଦ୍ୱିତୀୟ ଡୋଜ୍ ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ ହୋଇପାରିବ ନାହିଁ। ତେବେ ଦ୍ୱିତୀୟ ଡୋଜ୍ ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ ହୋଇସାରିଥିଲେ ତାହାକୁ ବାତିଲ କରିବନି କୋୱିନ ପୋର୍ଟାଲ। ଏଭଳି କ୍ଷେତ୍ରରେ ପୁଣି ଥରେ ନିଜ ତରଫରୁ ବୁକିଂ ପାଇଁ ବା ସ୍ଲଟ୍ ରିସିଡ୍ୟୁଲ କରିବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି। ବ୍ୟକ୍ତି ଜଣକ ଯଦି ପୂର୍ବ ବୁକିଂ ଅନୁଯାୟୀ ୮୪ ଦିନ ପୂର୍ବରୁ ଟିକା ନେବାକୁ ଚାହିଁବେ, ତେବେ ଟିକା ନେଇପାରିବେ ବୋଲି ସ୍ୱାସ୍ଥ୍ୟ ବିଭାଗ ସ୍ପଷ୍ଟ କରିଛି। ନୂଆ ନିୟମାନୁସାରେ, ଏବେ ଦ୍ୱିତୀୟ ଡୋଜ୍ ନେବା ପାଇଁ ଆଉ ଭିଡ଼ ରହିବ ନାହିଁ। ଏଭଳି କ୍ଷେତ୍ରରେ ଏବେ ପ୍ରଥମ ଡୋଜ୍ ନେବାକୁ ଅପେକ୍ଷା କରିଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦେବାକୁ ବିଭାଗ ନିର୍ଦ୍ଦେଶ ଦେଇଛି।

## 'ହିରୋ' ମୃତ୍ୟୁ ପଛରେ ହର୍‌ପିସ୍

**ଢେଙ୍କାନାଳ ଅଫିସ,୧୪।୫**



- କପିଳାସ ଏଲିଫ୍ୟାଣ୍ଟ ରେସ୍‌କ୍ୟୁ ସେଣ୍ଟରରେ ଆତଙ୍କ
- ଅନ୍ୟ ୪ ହାତୀ ପାଇଁ ଚିନ୍ତାରେ ବନ ବିଭାଗ
- ପଦ୍ମାକୁ ପୃଥକ୍ କରାଗଲା, ଦିଆଗଲା ଆଣ୍ଟିଭାଇରାଲ

ଢେଙ୍କାନାଳ ଜିଲା କପିଳାସ ଏଲିଫ୍ୟାଣ୍ଟ ରେସ୍‌କ୍ୟୁ ସେଣ୍ଟରରେ ଗତ ଗୁରୁବାର ପ୍ରାଣ ହରାଇଥିବା ଅଣ୍ଡିରା ହାତୀ 'ହିରୋ'ର ଅସ୍ୱାଭାବିକ ମୃତ୍ୟୁ ପଛରେ 'ହର୍‌ପିସ୍' ଭୂତାଣୁ ରହିଥିବା ସ୍ପଷ୍ଟ ହୋଇଛି। ଏହା ଜଣାପଡ଼ିବା ପରେ ଏଠାରେ ରହୁଥିବା ଅନ୍ୟ ୪ ହାତୀ କାର୍ତ୍ତିକ, ଉମା, ଚନ୍ଦୁ ଏବଂ ପଦ୍ମାକୁ ନେଇ ଚିନ୍ତାରେ ପଡ଼ିଛି ବନ ବିଭାଗ।

'ହିରୋ'ର ମୃତଦେହ ବ୍ୟବଚ୍ଛେଦ ପରେ ନମୁନା ସଂଗ୍ରହ କରି ଭୁବନେଶ୍ୱର ଓୟୁଏଟିକୁ ପଠାଯାଇଥିଲା। ଶୁକ୍ରବାର ଏହାର ରିପୋର୍ଟ ହସ୍ତଗତ ହୋଇଛି। ପରୀକ୍ଷା କରାଯାଇଥିବା ନମୁନାରେ ହର୍‌ପିସ୍ ଭୂତାଣୁ ଠାବ ହୋଇଛି। କମ୍ ବୟସର ହାତୀଙ୍କୁ ହର୍‌ପିସ୍ ଭୂତାଣୁ ସଂକ୍ରମଣ ଆଶଙ୍କା ବେଶି। ବିଶେଷକରି ବ୍ରହ୍ମପୁର ବନାଞ୍ଚଳରୁ ଉଦ୍ଧାର ହୋଇ ଆସିଥିବା ମାଈ ହାତୀ ପଦ୍ମାର ଆନୁମାନିକ ବୟସ ଦେଢ଼ବର୍ଷ ହୋଇଥିବାରୁ ଏହାର ସୁରକ୍ଷାକୁ ନେଇ ସତର୍କ ହୋଇଉଠିଛି ବନ ବିଭାଗ। ପଦ୍ମାକୁ ପୃଥକ୍ ରଖାଯାଇଛି। ସମସ୍ତ ୪ ହାତୀଙ୍କୁ ଶୁକ୍ରବାରଠାରୁ ଆଣ୍ଟିଭାଇରାଲ ଔଷଧ ଦିଆଯାଉଛି। ବ୍ୟାପକ ସତର୍କତାମୂଳକ ପଦକ୍ଷେପ ସତ୍ତ୍ୱେ ଚିଡ଼ିଆଖାନାରେ ହର୍‌ପିସ୍ ଭୂତାଣୁ ପଶିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ହର୍‌ପିସ୍‌ରେ ହିରୋର ମୃତ୍ୟୁ ହୋଇଥିବା ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଏବେ ହାତୀ ଶାବକ ପଦ୍ମାକୁ ନେଇ ଚିନ୍ତା ବଢ଼ିଛି। ୪ ହାତୀଙ୍କୁ ପ୍ରତିଷେଧକ ଦିଆଯାଉଛି। ଗତ ଜାନୁୟାରୀରେ ରେସ୍‌କ୍ୟୁ ସେଣ୍ଟରରେ ଥିବା ସମସ୍ତ ହାତୀଙ୍କ ହର୍‌ପିସ୍ ପରୀକ୍ଷା କରାଯାଇଥିବାବେଳେ ରିପୋର୍ଟ ନେଗେଟିଭ୍ ଆସିଥିଲା। ବନ କର୍ମଚାରୀମାନେ ହାତୀଙ୍କ ଉପରେ କଡ଼ା ନଜର ରଖିଥିବା ସେ ସୂଚନା ଦେଇଛନ୍ତି।

## ଏଥର ବିନା ଭକ୍ତରେ ଚନ୍ଦନ ଯାତ୍ରା

**ଆଜିଠୁ ୨୧ ଦିନ ଯାଏ ୧୪୪ ଧାରା ଜାରି**



- ପାସ୍ ଧରି ଯିବେ ସେବାୟତ ଓ କର୍ମଚାରୀ
- କେବଳ କୋଭିଡ୍ ନେଗେଟିଭଙ୍କୁ ଅନୁମତି

**ପୁରୀ ଅଫିସ,୧୪।୫**

କରୋନା ପରିସ୍ଥିତି ଦୃଷ୍ଟିରୁ ଏଥର ମହାପ୍ରଭୁଙ୍କ ଚନ୍ଦନଯାତ୍ରା କଟକଣା ମଧ୍ୟରେ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ଶନିବାର ପବିତ୍ର ଅକ୍ଷୟ ତୃତୀୟା ତଥା ଚନ୍ଦନଯାତ୍ରା ଅବସରରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିବେ। ଉକ୍ତ ଅଞ୍ଚଳରେ ଜନସମାଗମକୁ ଏଡ଼ାଇବା ଲାଗି ପ୍ରଶାସନ ପକ୍ଷରୁ ଶୁକ୍ରବାର ୧୪୪ ଧାରା ଜାରି କରାଯାଇଛି। ଏହି କଟକଣା ଆସନ୍ତା ୨୧ ଦିନ ଅର୍ଥାତ ମେ ୧୫ ତାରିଖ ଅପରାହ୍ନ ୩ଟାରୁ ଜୁନ ୪ତାରିଖ ରାତ୍ର ୯ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ନରେନ୍ଦ୍ର ପୁଷ୍କରିଣୀ ଚାରିପାଖ, ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ନରେନ୍ଦ୍ର ପୁଷ୍କରିଣୀ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ସମେତ ଶ୍ରୀମନ୍ଦିର କାର୍ଯ୍ୟାଳୟ ଓ ଶ୍ରୀମନ୍ଦିର ଫାଣ୍ଡି ସମ୍ମୁଖ ଅଞ୍ଚଳରେ ୧୪୪ ଧାରା ଲାଗୁ ହୋଇଛି। ଏଥିଲାଗି ଜଣେ ଅତିରିକ୍ତ ଏସ୍‌ପି, ୪ ଡିଏସ୍‌ପି, ୧୦ ଇନ୍ସପେକ୍ଟର, ୨୮ ଏସ୍‌ଆଇ କିମ୍ବା ଏଏସ୍‌ଆଇ, ୪୮ଜଣ କନଷ୍ଟେବଳ ଓ ହାବିଲଦାରଙ୍କ ସମେତ ୧୦ ପ୍ଲାଟୁନ୍ ଫୋର୍ସ ମୁତୟନ ରହିବେ। ଜରୁରିକାଳୀନ ସ୍ଥିତି ପାଇଁ ଅଗ୍ନିଶମ ବିଭାଗ ପ୍ରସ୍ତୁତ ରହିଛି। କୋଭିଡ୍ ଗାଇଡ୍‌ଲାଇନ୍ ସମେତ ଏହି ଏସ୍‌ଓପିକୁ କଡ଼ାକଡ଼ି ପାଳନ କରାଯିବ ବୋଲି ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି। ନରେନ୍ଦ୍ର ପୁଷ୍କରିଣୀ ଚନ୍ଦନ ଚକଡ଼ାରେ ୪୦ଜଣ ସେବାୟତ ରହିବେ। ଚନ୍ଦନଯାତ୍ରା ପରିଚାଳନା ପାଇଁ ୬ଟି କୋଭିଡ୍ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ ହୋଇଛି। ଜନସାଧାରଣ ଚନ୍ଦନଯାତ୍ରା ଦେଖିବା ପାଇଁ ନରେନ୍ଦ୍ର ପୁଷ୍କରିଣୀ ପାଖକୁ ନ ଯିବାକୁ ପୋଲିସ ପ୍ରଶାସନ ଅପିଲ୍ କରିଛି। କେବଳ ପାସ୍‌ଧାରୀ ଓ କୋଭିଡ୍ ନେଗେଟିଭ୍ ଥିବା ସେବାୟତମାନଙ୍କୁ ହିଁ ସେବା କରିବାର ସୁଯୋଗ ମିଳିବ। ରଥନିର୍ମାଣ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ସେବାୟତମାନଙ୍କୁ ମଧ୍ୟ ପାସ୍ ମିଳିସାରିଛି। ଅନ୍ୟପକ୍ଷରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଚନ୍ଦନଯାତ୍ରାକୁ ସୀମିତ ସେବାୟତ ଓ ବିନା ଭକ୍ତରେ ଆୟୋଜନ କରାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ଜନସାଧାରଣ ଲାଇଭ ଷ୍ଟ୍ରିମିଂ ମାଧ୍ୟମରେ ଚନ୍ଦନଯାତ୍ରା ଦେଖିପାରିବେ।




ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

DSPL-33

କୃଷକ ଦିବସ ଓ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ରାଜ୍ୟର ଚାଷୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । କୋଭିଡ ସମୟରେ ଆମର ଚାଷୀ ଭାଇଭଉଣୀମାନେ ହିଁ ଆମ ଅର୍ଥନୀତିର ମୁଖ୍ୟ ଆଶା ଓ ଭରସା ହୋଇ ପାରିଛନ୍ତି ।

ଆସନ୍ତୁ, ସରକାରଙ୍କ କୃଷି ବିକାଶ ଯୋଜନାଗୁଡ଼ିକର ସଫଳ ରୂପାୟନ କରି ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ କରିବା ପାଇଁ ସମସ୍ତେ ମିଳିତ ଉଦ୍ୟମ ଜାରି ରଖିବା ।

କୋଭିଡର ଦ୍ୱିତୀୟ ଲହରୀର ଭୟବହତା ଦୃଷ୍ଟିରୁ ସମସ୍ତେ ମାସ୍କ ପିନ୍ଧିବା, ହାତ ଧୋଇବା ଓ ସାମାଜିକ ଦୂରତା ରକ୍ଷା ଆଦି ସବୁ କୋଭିଡ ନିୟମର ଅନୁପାଳନ କରିବାକୁ ମୋର ନିବେଦନ ।

ନବୀନ ପଟ୍ଟନାୟକ

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-01034/13/0002/2122



ଡଃ ଅରୁଣ କୁମାର ସାହୁ
ମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ,
ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଉଚ୍ଚଶିକ୍ଷା

DSPL-33

ଶୁଭେଚ୍ଛା ବାର୍ତ୍ତା

ପବିତ୍ର ଅକ୍ଷୟ ତୃତୀୟା ଓ କୃଷକ ଦିବସ ଉପଲକ୍ଷେ ଆମ ଅନ୍ନଦାତା କୃଷକ ଭାଇ ଓ ଭଉଣୀମାନଙ୍କୁ ସମ୍ମାନ ଓ ସଦିଚ୍ଛା ଜଣାଉଛି ।

ଚଳିତ ବର୍ଷ କରୋନା ମହାମାରୀର ଦ୍ୱିତୀୟ ଲହର ଜନିତ ସଂକ୍ରମଣ ବିଭୀଷିକାମୟ ପରିସ୍ଥିତିରେ ଆପଣମାନେ ସମ୍ପୂର୍ଣ୍ଣ ସତର୍କତା ସହିତ କୋଭିଡ୍-୧୯ର ନିୟମାବଳୀ ପାଳନ କରି ପ୍ରତୀକାତ୍ମକ ଭାବେ ଅକ୍ଷିମୁଠି ଅନୁକୂଳ କରି କୃଷି କାର୍ଯ୍ୟ ଆରମ୍ଭ କରିବା ସହିତ ସମସ୍ତ ବିପଦ ଆପଦକୁ ସାହସର ସହିତ ସମ୍ମୁଖୀନ ହୋଇ କୃଷି କ୍ଷେତ୍ରରେ ଆମ ରାଜ୍ୟକୁ ସମୃଦ୍ଧ କରିବା ପାଇଁ ମୁଁ ଆପଣମାନଙ୍କୁ ନିବେଦନ କରୁଛି ।

(ଅରୁଣ କୁମାର ସାହୁ)

OIPR-01034/13/0002/2122

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା

ଯଥାର୍ଥ ବିବାହ ହେଲା– ଆଧ୍ୟାତ୍ମିକ ପଥରେ ଉର୍ଦ୍ଧ୍ୱଗତି ଓ ଅଗ୍ରଗତି କରିବା ଲାଗି ଦୁଇଜଣଙ୍କର ମିଳିତ ଅଭୀପ୍ସା ଏବଂ ସମାନ ପଦକ୍ଷେପ। –ଶ୍ରୀମା



# ବ୍ୟବସ୍ଥା ଭୁଶୁଡ଼ିପଡ଼ିଛି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କରୋନା ଭୂତାଣୁ ମହାମାରୀର ଦ୍ୱିତୀୟ ଲହର ଦେଶର ରାଜଧାନୀ ଦିଲ୍ଲୀ ସମେତ ଅନ୍ୟ ବୃହତ୍ ସହରଗୁଡ଼ିକରେ ବିଧ୍ୱଂସକ ସାଜିଛି। ଏହା ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ପରାସ୍ତ କରିଦେଇଛି। ଏବେ ଭାରତରେ ସବୁଠୁ ଅଧିକ ସଂଖ୍ୟକ ନୂଆ ମାମଲା ସାମ୍ନାକୁ ଆସିଛି ଓ ମୃତ୍ୟୁ ସଂଖ୍ୟା ବଢିବାରେ ଲାଗିଛି। ମହାମାରୀର ଏହି ଦ୍ୱିତୀୟ ଲହର ଦେଶକୁ ଆଗକୁ ବଢିବାରେ ସାହାଯ୍ୟ କରୁଥିବା ପ୍ରତିଷ୍ଠିତ ପ୍ରଶାସନିକ ସେବାଗୁଡ଼ିକୁ ମଧ୍ୟ ଛାଡ଼ି ନାହିଁ। ସୂତ୍ରରୁ ପ୍ରକାଶ ଯେ, ଆଇଏଏସ୍, ଆଇପିଏସ୍, ଆଇଆର୍ଏସ୍ ଓ ଅନ୍ୟ ସେବାର ୧୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ ଅଧିକାରୀ କୋଭିଡ୍‌ରେ ପ୍ରାଣ ହରାଇସାରିଲେଣି। ବିହାର ମୁଖ୍ୟ ଶାସନ ସଚିବ ଅରୁଣ କୁମାର ସିଂ ଏବଂ ତାଙ୍କ ୧୯୮୫ ବ୍ୟାଚ୍‌ର ଆଉ ୩ ଜଣ ଅଧିକାରୀ– ପୂର୍ବତନ ସିବିଆଇ ନିର୍ଦ୍ଦେଶକ ରଣଜିତ ସିହ୍ନା, ଭୂମି ସଂସାଧନ ବିଭାଗର ପୂର୍ବତନ ସଚିବ ଆର. ବୁର୍ହିଲ , ବିହାର ପଞ୍ଚାୟତିରାଜ ବିଭାଗର ଦାୟିତ୍ୱରେ ଥିବା ନିର୍ଦ୍ଦେଶକ ଏବଂ ଆହୁରି ଅନେକଙ୍କର ମୃତ୍ୟୁ ଖବର ବାବୁମାନଙ୍କୁ ବ୍ୟସ୍ତ ବିବ୍ରତ କରିଦେଇଛି। ଗୋଟିଏ ସପ୍ତାହ ମଧ୍ୟରେ ଉତ୍ତରପ୍ରଦେଶ ଆଇଏଏସ୍ ସଂଘର ସଭାପତି ଦୀପକ ତ୍ରିବେଦୀ ଓ ବିହାର ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ସଚିବ ଆର୍.ଏସ୍. ଚୌଧୁରୀଙ୍କର ମଧ୍ୟ କରୋନାରେ ମୃତ୍ୟୁ ଘଟିଛି। ଚଳିତ ସପ୍ତାହରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସମେତ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗଗୁଡ଼ିକରେ ପାଖାପାଖି ଦୁଇ ଡଜନ ବାବୁଙ୍କର ପଜିଟିଭ ଚିହ୍ନଟ ହୋଇଛି। ମହାମାରୀ ସଂକ୍ରମଣରେ ଦେଶର କ୍ଷମତାଶାଳୀ ବ୍ୟକ୍ତିମାନେ ମଧ୍ୟ ସୁରକ୍ଷିତ ନୁହନ୍ତି ଭ ପରିବାରର ସ୍ୱାସ୍ଥ୍ୟକୁ ନେଇ ସେମାନେ ଚିନ୍ତିତ । ତଥାପି ଏହି ସଙ୍କଟ ସମୟରେ ଅନ୍ୟଙ୍କୁ ସାହାଯ୍ୟ କରିବା ପାଇଁ ଆଗକୁ ବଢୁଛନ୍ତି। ସାଧାରଣତଃ ନିୟତିର ପରିବର୍ତ୍ତିତ ପରିସ୍ଥିତି ବହୁ ସମୟରେ ଦେଶର ନାଗରିକଙ୍କୁ କଷ୍ଟ ଦେଇଥାଏ। ଏହା ବିରୋଧରେ ଦେଶର ସିଷ୍ଟମ ବା ବ୍ୟବସ୍ଥା ଏକ ଶକ୍ତ ପାଚେରି ଭାବେ କାମ କରେ। ଏଥର କିନ୍ତୁ ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଛି। ଏହା ଦେଶର ପ୍ରତିଷ୍ଠିତ ପ୍ରଶାସକମାନଙ୍କ ପାଇଁ ନିଶ୍ଚିତ ଭାବେ ଏକ ନୂଆ ଅନୁଭବ । ପୂର୍ବର ଭରସାଯୋଗ୍ୟ ନେଟ୍‌ୱର୍କ ଏବଂ ବିଶ୍ୱସନୀୟ ଯୋଗାଯୋଗ ମଧ୍ୟ ବିଫଳ ହୋଇଛି।

### ପୋଲିସ ଅଧିକାରୀ ଫେରିଲେ

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଘମାଘୋଟ ଲଢେଇ ପରେ ମମତା ବାନାର୍ଜୀ ବିଜୟୀ ହୋଇଛନ୍ତି। ତୃତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ମମତା ତାଙ୍କ ଘର ସଜାଡ଼ିବାରେ ଏବେ ବ୍ୟସ୍ତ ରହିଛନ୍ତି। ଜଣାପଡ଼ିଛି ଯେ, ପ୍ରଚାର ବେଳେ ନିର୍ବାଚନ କମିଶନ ବଦଳି କରିଥିବା ବହୁ ବରିଷ୍ଠ ଆଇପିଏସ୍ ଅଧିକାରୀମାନଙ୍କୁ ସେ ପୁଣି ସେମାନଙ୍କ ପଦକୁ ଫେରାଇ ଆଣୁଛନ୍ତି । ମମତା ବାନାର୍ଜୀ ଶପଥ ନେବାର କେଇ ଘଣ୍ଟା ଭିତରେ ବରିଷ୍ଠ ଆଇପିଏସ୍ ଅଧିକାରୀ ବୀରେନ୍ଦ୍ରଙ୍କୁ ପୋଲିସ ମହାନିର୍ଦ୍ଦେଶକ ଭାବେ ପୁଣି ନିଯୁକ୍ତ କରିଛନ୍ତି। ବୀରେନ୍ଦ୍ର ଚଳିତ ମାସରେ ଅବସର ଗ୍ରହଣ କରିବେ। ବିବେକ ସହାୟଙ୍କୁ ସୁରକ୍ଷା ନିର୍ଦ୍ଦେଶକ ଭାବେ ପୁନଃ ଅବସ୍ଥାପିତ କରାଯାଇଛି। ରାଜ୍ୟ ସରକାର ପୋଲିସ ପ୍ରଶାସନରେ ରହିଥିବା ଅବ୍ୟବସ୍ଥା ଦୂର କରିବା ଲାଗି ନିଷ୍ପତ୍ତି ନେଇଥିବା କୁହାଯାଉଛି। ଏଥିପାଇଁ ନିର୍ବାଚନ ସମୟରେ ସନ୍ଦେହ ଘେରକୁ ଆସିଥିବା ଏବଂ ନିୟମ ଉଲ୍ଲଂଘନ କରିଥିବା ବହୁ ସଂଖ୍ୟକ ଆଇପିଏସ୍ ଅଧିକାରୀଙ୍କୁ ବଦଳି କରିବାକୁ ନିର୍ଦ୍ଦେଶ ଜାରି କରାଯାଇଥିବା ଜଣାପଡ଼ିଛି। ତେବେ ସ୍ୱାଭାବିକ ସ୍ଥିତି ଫେରିବାକୁ ସମୟ ଲାଗିବ। ନିର୍ବାଚନ ପରେ ପଶ୍ଚିମବଙ୍ଗରେ କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ହିଂସା ପ୍ରକାଶ ପାଇବା ପରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏହାର ଶୀର୍ଷ ଅଧିକାରୀମାନଙ୍କୁ ନେଇ ଗଠିତ ଏକ ଟିମ୍‌କୁ ସେଠାକୁ ପଠାଇଛି। ଏହି ଟିମ୍‌ର ନେତୃତ୍ୱ ନେଇଛନ୍ତି ମନ୍ତ୍ରଣାଳୟର ଜଣେ ଯୁଗ୍ମ ସଚିବ ସ୍ତରର ଅଧିକାରୀ। ରାଜ୍ୟରେ ତୃଣମୂଳ ସ୍ତରରେ ପରିସ୍ଥିତି ଆକଳନ କରିବା ସହ ହିଂସାର କାରଣ ଜାଣିବା ଲାଗି ଏହି ଟିମ୍ ପଠାଯାଇଛି। ଏହାଦ୍ୱାରା ଦିଦି ଏବଂ କେନ୍ଦ୍ର ମଧ୍ୟରେ ଏବେ ଏକ ନୂଆ ବିବାଦ ସୃଷ୍ଟି ହେବା ସମ୍ଭାବନା ରହିଛି।

### ଇସି ଦୁଇଫାଳ

କୋଭିଡ୍ ମହାମାରୀର ଦ୍ୱିତୀୟ ଲହର ସମୟରେ ନିର୍ବାଚନ ପରିଚାଳନାକୁ ନେଇ ନିର୍ବାଚନ କମିଶନ (ଇସି)ଙ୍କ ଭୂମିକାକୁ ମାଡ୍ରାସ ହାଇକୋର୍ଟ ତୀବ୍ର ନିନ୍ଦା କରିବା ସହ ଦୋଷ ଲଦିଥିଲେ। ଏହାର ପ୍ରତିକ୍ରିୟାରେ ଇସି ଏବେ ଦୁଇଫାଳ ହୋଇଯାଇଛି। ହାଇକୋର୍ଟଙ୍କ ନିନ୍ଦା ବିରୋଧରେ ଇସି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ, କିନ୍ତୁ ଏହାର ପିଟିଶନ ଖାରଜ ହୋଇଗଲା। ଇସି ପ୍ୟାନେଲ କାଉନ୍‌ସିଲ ମଧ୍ୟରୁ ଜଣେ ଇସ୍ତଫା ଦେଇଛନ୍ତି। ୧୨ ଏପ୍ରିଲରେ ମୁଖ୍ୟ ନିର୍ବାଚନ କମିଶନ ( ସିଇସି) ସୁନୀଲ ଅରୋରା ଅବସର ନେବା ପରେ ୩ ସଦସ୍ୟ ବିଶିଷ୍ଟ କମିଶନରେ ସୁଶୀଲ ଚନ୍ଦ୍ରା ମୁଖ୍ୟ ନିର୍ବାଚନ କମିଶନ ଏବଂ ରାଜୀବ କୁମାର ନିର୍ବାଚନ କମିଶନର ଭାବେ ରହିଛନ୍ତି। ତୃତୀୟ ନିର୍ବାଚନ କମିଶନର ପଦବୀ ଖାଲି ପଡ଼ିଛି। ଗତଥର ନିର୍ବାଚନ କମିଶନ ମଧ୍ୟରେ ଯେତେବେଳେ ମତଭେଦ ହୋଇଥିଲା ସେତେବେଳେ କ'ଣ ଘଟିଥିଲା ତାହା ଅନେକଙ୍କର ମନେଥିବ। ୨୦୧୯ ସାଧାରଣ ନିର୍ବାଚନରେ ସେତେବେଳର ନିର୍ବାଚନ କମିଶନର ଅଶୋକ ଲାଭାସା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପୂର୍ବତନ ଭାଜପା ଅଧ୍ୟକ୍ଷ ଅମିତ ଶାହାଙ୍କୁ ନିର୍ବାଚନ ଆଚରଣ ସଂହିତା ଉଲ୍ଲଂଘନ ଅଭିଯୋଗରେ କ୍ଲିନ୍‌ଚିଟ୍ ଦେବାକୁ ବିରୋଧ କରିଥିଲେ। ତାହା କିଭଳି ହୋଇଥିଲା ସେ ବିଷୟରେ ଆମେ ସମସ୍ତେ ଜାଣୁ।

Email: dilipcherian@gmail.com

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 9 | 2 | 7 | | |
| | 3 | | | | 6 | | | |
| | | 4 | | | 8 | 5 | | |
| | | 7 | | | | | | 3 |
| | | | | 8 | 5 | | | |
| | 4 | | 2 | | | | | |
| | | 8 | | 7 | | | | |
| 2 | | 6 | | | | 4 | | 7 |
| | | 5 | 4 | | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 6 | 3 | 7 | 5 | 1 | 4 | 8 |
| 4 | 1 | 8 | 2 | 9 | 6 | 5 | 7 | 3 |
| 3 | 7 | 5 | 1 | 8 | 4 | 2 | 6 | 9 |
| 9 | 5 | 7 | 6 | 4 | 8 | 3 | 1 | 2 |
| 8 | 2 | 1 | 9 | 3 | 7 | 4 | 5 | 6 |
| 6 | 4 | 3 | 5 | 2 | 1 | 9 | 8 | 7 |
| 5 | 6 | 9 | 7 | 1 | 2 | 8 | 3 | 4 |
| 7 | 8 | 2 | 4 | 5 | 3 | 6 | 9 | 1 |
| 1 | 3 | 4 | 8 | 6 | 9 | 7 | 2 | 5 |

ଗତକାଲିର ଉତ୍ତର

# ଏହି କ'ଣ ଅଚ୍ଛେ ଦିନ୍



ଡ. ସନ୍ତୋଷ କୁମାର ମହାପାତ୍ର

ଜୀବନ ସର୍ବଦା ଅନିଶ୍ଚିତ, କିନ୍ତୁ କରୋନା ମହାମାରୀ ଆହୁରି ଜୀବନକୁ ଅନିଶ୍ଚିତ କରିଦେଇଛି। ଜୀବନ ମୃତ୍ୟୁ ମଧ୍ୟରେ ଯେଉଁ ସୂତାଖିଅ ପାର୍ଥକ୍ୟ ଥିଲା ତାହା ଆହୁରି ହ୍ରାସ ପାଇଛି। ଆଜି ଧନୀ ହେଉ ବା ଗରିବ, ମନ୍ତ୍ରୀ ହେଉ ବା ସାଧାରଣ ଜନତା ସମସ୍ତେ ଅନିଶ୍ଚିତ ଭବିଷ୍ୟତକୁ ନେଇ ଆତଙ୍କିତ। ଯେପରି ପ୍ରତ୍ୟେକ ଦିନ ଅନେକ ମହାମୂଲ୍ୟ ଜୀବନ ଚାଲିଯାଉଛି ତାହା ଯେ କୌଣସି ହୃଦୟବାନ ବ୍ୟକ୍ତିଙ୍କର ମନ ଉଦ୍‌ବେଳିତ କରିବ। କରୋନା ମହାମାରୀର ପ୍ରଥମ ଲହରରେ ଜୀବିକା ବେଶି ବ୍ୟପର୍ଯ୍ୟସ୍ତ ହେଲାବେଳେ ଜୀବନ କମ୍ ବିପର୍ଯ୍ୟସ୍ତ ହୋଇଥିଲା। କିନ୍ତୁ ଦ୍ୱିତୀୟ ଲହରରେ ଏତେ ଜୀବନ ହରାଇଲେ ନିଜେ ତାହା ପରୋକ୍ଷରେ ଅନେକ ଜୀବିକା ମଧ୍ୟ ଧ୍ୱଂସ କଲାଣି। ପ୍ରତ୍ୟେକ ଦିନ ସଂକ୍ରମଣ ହେଉ, ମୃତ୍ୟୁସଂଖ୍ୟା ହେଉ ନୂଆ ରେକର୍ଡ ସୃଷ୍ଟି ହେଉଛି।

ଜୀବନ ଥିଲେ ଜୀବିକା ମିଳିପାରେ, କିନ୍ତୁ ଜୀବନ ନ ଥିଲେ ଜୀବିକାର ପ୍ରଶ୍ନ କେଉଁଠି ଆସିବ। ଯେଉଁ ପରିବାରରେ ରୋଜଗାର କରୁଥିବା ଲୋକଟି ଚାଲିଯାଉଛି ଏବଂ ଯେଉଁମାନେ ଘରୋଇ ହସ୍ପିଟାଲରେ ଲକ୍ଷ ଲକ୍ଷ ଟଙ୍କା ଗଣୁଛନ୍ତି ତାଙ୍କ ଅବସ୍ଥା ସରକାର କେବେ ଚିନ୍ତା କରିଛନ୍ତି କି? ଅବଶ୍ୟ ମନ୍ତ୍ରୀ, ନେତା ପାଇଁ ମାଗଣାରେ ଚିକିତ୍ସା ସୁବିଧା ଏମ୍ସରେ ମିଳୁଛି? କିନ୍ତୁ ଏବେ ସୁଦ୍ଧା ଆମ ରାଜନୈତିକ ନେତାଙ୍କର ରାଜନୈତିକ ଉଚ୍ଚାଭିଳାଷରେ ଟିକେ ପରିବର୍ତ୍ତନ ଘଟିନାହିଁ, ତାଙ୍କର ଆତ୍ମପ୍ରଚାର, ଦଳୀୟ ପ୍ରଚାରରେ ଟିକେ ହ୍ରାସ ପାଇନାହିଁ। ଯଦି ସରକାର ମୂଳରୁ ସତର୍କ ହୋଇଥାନ୍ତେ ବା ବୁଦ୍ଧିଜୀବୀ, ଗଣମାଧ୍ୟମ, ଅମଲାତନ୍ତ୍ର, ନ୍ୟାୟପାଳିକା ସରକାରଙ୍କୁ ସତର୍କ କରିଦେଇଥାନ୍ତେ ଆଜି ଏ ଭୟଙ୍କର ସ୍ଥିତିକୁ ଏଡ଼ାଇ ଦିଆଯାଇ ପାରିଥାନ୍ତା। ଯେଉଁ ବୁଦ୍ଧିଜୀବୀ ଓ ଲେଖକ ପୁରସ୍କାର, ନିଜ ପ୍ରତିଷ୍ଠା ବା ସରକାରଙ୍କ ସ୍ୱୀକୃତି ପାଇଁ ଚୁପ ଥିଲେ ବା ଅଛନ୍ତି ସେମାନେ ଟିକେ ଆତ୍ମସମୀକ୍ଷା କରନ୍ତୁ। ମଣିଷ ବଞ୍ଚିଲେ ସିନା ଆପଣଙ୍କ ବହି, ଲେଖା ପଢ଼ିବ ବା ଆପଣଙ୍କ ବିଷୟରେ ଆଲୋଚନା କରିବ। ଆପଣ ବହୁତ ବଡ଼ନେତା, ଖେଳାଳି, ଧନୀ, ଗାୟକ, କଳାକାର, ପ୍ରଶାସକ ଥିଲେ ବୋଲି ଆଲୋଚନା ହେବ।

ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ କରୋନା ମହାମାରୀ ଉଗ୍ରହେବା ପାଇଁ ନେତୃତ୍ୱର ଅଭାବ, ସରକାରଙ୍କର ଦୂରଦୃଷ୍ଟି ଅଭାବ, ଆତ୍ମସନ୍ତୋଷକୁ ଦାୟୀ କରିଛନ୍ତି। ବିଦେଶର ସବୁ ବୃହତ୍ ଗଣମାଧ୍ୟମ ପ୍ରଧାନମନ୍ତ୍ରୀଙ୍କୁ ଦାୟୀ କରିଛନ୍ତି। ବିଶ୍ୱବିଖ୍ୟାତ ମେଡିକାଲ ଜର୍ନାଲ୍ ଦି ଲାନସେଟ୍‌ର ସମ୍ପାଦକୀୟ ମନ୍ତବ୍ୟ ଅନୁଯାୟୀ କୋଭିଡ୍–୧୯ ମହାମାରୀକୁ ନିୟନ୍ତ୍ରଣ କରିବାରେ ଭାରତ ଯେଉଁ ପ୍ରାରମ୍ଭିକ ସଫଳତା ପାଇଥିଲା ତାହା ନଷ୍ଟ କରିଦେଇଛି। ଅଗଷ୍ଟ ସୁଦ୍ଧା କୋଭିଡ୍–୧୯ଜନିତ ମୃତ୍ୟୁସଂଖ୍ୟା ୧ ମିଲିୟନ ହେବ ବୋଲି ଯେଉଁ ପୂର୍ବାନୁମାନ କରାଯାଉଛି, ତାହା ସତ ହେଲେ ପରିସ୍ଥିତି ସାଙ୍ଘାତିକ ହେବ। ମହାମାରୀ ଉଗ୍ରରୂପ ନେବା ମୋଦିଙ୍କ ପ୍ରଶାସନର ଏହା ଭୁଲ୍ ବୋଲି ପ୍ରଥମେ ଏହାକୁ ସରକାର ସ୍ୱୀକାର କରିବା ଉପରେ ଏହି ସମସ୍ୟାର ସମାଧାନ ନିର୍ଭର କରେ ବୋଲି ମତ ଦେଇଛି। କିନ୍ତୁ ଭୁଲ୍ ସ୍ୱୀକାର ପାଇଁ ଏକ ବିଶାଳ ହୃଦୟ ଦରକାର, ଯାହା ବର୍ତ୍ତମାନର ଶାସକ ଶ୍ରେଣୀର ନାହିଁ।

୨୦୧୪ରୁ କ୍ଷମତାସୀନ ହେଲା ପରେ ସର୍ବଦା ଭୁଲ୍‌କୁ ଲୁଚାଇବା ପାଇଁ ପ୍ରୟାସ ହୋଇଛି। ଭୁଲ୍ ଦର୍ଶାଇବା ପାଇଁ ଏକ ଶକ୍ତିଶାଳୀ ବିରୋଧୀ ଦଳ ଏବଂ ସ୍ୱଚ୍ଛ, ନିରପେକ୍ଷ ଗଣମାଧ୍ୟମର ଆବଶ୍ୟକତା ରହିଛି। ଏହା ବ୍ରେକ୍ ଭାବେ କାମକରେ। କିନ୍ତୁ ଏହି ବ୍ରେକକୁ ସମ୍ପୂର୍ଣ୍ଣ ଦୁର୍ବଳ କରିଦିଆଯାଇଛି। ବିଭିନ୍ନ ନିୟାମକ, ଗୁରୁତ୍ୱପୂର୍ଣ୍ଣ ସଂସ୍ଥାରେ ସରକାରଙ୍କ କଥାରେ ହଁ ମାରିବା ଏବଂ ଭୁଲ୍ ନ ଦେଖାଇବା ଲୋକଙ୍କୁ ରଖାଯାଇଛି। ଯେଉଁ ପ୍ରଶାସକ, ଅମଲାତନ୍ତ୍ର ସରକାରଙ୍କୁ ଠିକ୍ ପରାମର୍ଶ ଦେବା କଥା ତାହା ସେମାନେ ନ କରି ସରକାରଙ୍କ ଦୋଷ ଘୋଡ଼ାଇବାରେ ବ୍ୟସ୍ତ ରହିଲେ। ଯେ ଦେଖାଇଲା ତାଙ୍କୁ ରଘୁରାମ ରାଜନ, ଉର୍ଜିତ ପଟେଲ, ଅରବିନ୍ଦ ସୁବ୍ରମଣ୍ୟମ୍‌ଙ୍କୁ ତଡ଼ା ଖାଇବାକୁ ପଡ଼ିଲା।

ନିର୍ବାଚନ ସମାବେଶରେ ବିଶାଳ ଜନ ସମାବେଶ ହେଲା, ଶାରୀରିକ ଦୂରତ୍ୱ ନ ମାନିବା, ମାସ୍କ ନ ପିନ୍ଧିବା, କୁମ୍ଭସ୍ନାନ ପାଇଁ ୪୮.୫୧ଲକ୍ଷରୁ ଅଧିକ ଭକ୍ତ ସମାବେଶ ହେଲା, କୋଭିଡ୍–୧୯ ମାମଲାର ବୃଦ୍ଧି ଘଟିଥିବାର ଏକ ବଡ଼ କାରଣ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହୁଛନ୍ତି। କିନ୍ତୁ କରୋନା ସଂକ୍ରମଣ ମାମଲା ବୃଦ୍ଧିରେ ନିର୍ବାଚନକୁ ଯୋଡ଼ିବା ଠିକ୍ ନୁହେଁ ବୋଲି ଅମିତ ଶାହା କହିଛନ୍ତି। ଏହି ବ୍ୟାପକ ବୃଦ୍ଧି ପଛରେ ଜୀବାଣୁଙ୍କ ପରିବର୍ତ୍ତନ ବା ଡବଲ ମ୍ୟୁଟାଣ୍ଟ ଏକ କାରଣ ବୋଲି ଗୃହମନ୍ତ୍ରୀ କହିଛନ୍ତି। ସେମାନେ ନିର୍ବାଚନ ହୋଇ ନ ଥିବା କିଛି ରାଜ୍ୟରେ ସଂକ୍ରମଣ ବୃଦ୍ଧିର ଉଦାହରଣ ଦେଇଛନ୍ତି। କିନ୍ତୁ ସବୁବେଳେ ସବୁ ରାଜ୍ୟରେ ସମାନ ସଂକ୍ରମଣ ହୋଇ ନ ଥାଏ। ପ୍ରଥମ ଲହର ବେଳେ ମଧ୍ୟ ମହାରାଷ୍ଟ୍ରରେ ଅଧିକ ହୋଇଥିଲା।

ଏପ୍ରିଲ୍ ୧୨ରେ ଏନ୍‌ଡି ଟିଭି ରିପୋର୍ଟ ଅନୁଯାୟୀ, ପୂର୍ବ ୧୪ଦିନ ମଧ୍ୟରେ ସମସ୍ତ ନିର୍ବାଚନ ହୋଇଥିବା ରାଜ୍ୟରେ କୋଭିଡ୍ ମାମଲା ଦ୍ୱିଗୁଣିତ ହୋଇଥିଲା। ପଶ୍ଚିମବଙ୍ଗରେ ୩୭୮%, ଆସାମରେ ୩୩୧%, ପଣ୍ଡିଚେରୀରେ ୧୭୫% ଏବଂ ତାମିଲନାଡୁରେ ୧୭୩% ଏବଂ କେରଳରେ ୮୪% ବୃଦ୍ଧି ଘଟିଥିଲା। ଭାଜପାର କେନ୍ଦ୍ରୀୟ ନେତା ନିର୍ବାଚନରେ ଉଦ୍‌ବୋଧନ ଦେବା ପାଇଁ ପଶ୍ଚିମବଙ୍ଗରେ ୨୭ ମାର୍ଚ୍ଚରୁ ୨୯ ଏପ୍ରିଲ ମଧ୍ୟରେ ଦୀର୍ଘ ଆଠଟି ପର୍ଯ୍ୟାୟରେ ନିର୍ବାଚନ ହୋଇଥିଲା ; ଯେଉଁ ସମୟରେ ରାଜ୍ୟରେ ଦୈନିକ ନୂତନ ମାମଲା ପ୍ରାୟ ୮୦୦ରୁ ୧୭୦୦୦କୁ ବୃଦ୍ଧି ପାଇଥିଲା। ୟୁନିଭର୍ସିଟି ଅଫ୍ ମାସାଚୁସେଟ୍ସର ଅର୍ଥନୀତି ବିଭାଗର ଆସୋସିଏଟ୍ସ ପ୍ରଫେସର ଦୀପଙ୍କର ବସୁଙ୍କ ଏକ ବିଶ୍ଳେଷଣରୁ ଜଣାପଡିଛି ଯେ, ନିର୍ବାଚନ ହୋଇଥିବା ପାଞ୍ଚଟି ରାଜ୍ୟରେ ସଂକ୍ରମଣର ବୃଦ୍ଧିହାର ଅଧିକ ଥିଲା। ମନେକର ସରକାରଙ୍କ କହିବା ଅନୁଯାୟୀ, ରାଲି, ସଭା ଦ୍ୱାରା ସଂକ୍ରମଣ ବୃଦ୍ଧିପାଇ ନାହିଁ। କିନ୍ତୁ ଏପରି ସଙ୍କଟ ବେଳେ ଏତେ ରାଲି, ସଭା କରିବା ଏବଂ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଦେଶ କଥା ଚିନ୍ତା ନ କରି ବଙ୍ଗ ଅଭିଯାନରେ ବ୍ୟସ୍ତ ରହିବା କେତେ ଯୁକ୍ତିଯୁକ୍ତ? ଯଦି ଏପରି ନିୟନ୍ତ୍ରଣବିହୀନ ମିଶିବାରେ କିଛି କୁପ୍ରଭାବ ନାହିଁ, ତେବେ ତାଲାବନ୍ଦ, ଶାରୀରିକ ଦୂରତ୍ୱ କାହିଁକି ପାଳନ କରିବା ପାଇଁ ସରକାର କହୁଛନ୍ତି?

ଦଳୀୟ ନିର୍ବାଚନ ପ୍ରଚାର କାମ ପ୍ରଧାନମନ୍ତ୍ରୀଙ୍କ ନୁହେଁ, ଏହା ଦଳର ସଭାପତିଙ୍କର। କିନ୍ତୁ ଏଭଳି ସଙ୍କଟ ସମୟରେ ପ୍ରଧାନମନ୍ତ୍ରୀ ଦେଶ ପ୍ରତି ଧ୍ୟାନ ନ ଦେଇ ନିର୍ବାଚନ ପ୍ରଚାରରେ ଲିପ୍ତ ରହିଲେ କିପରି? ସେ ଯଦି ବାରମ୍ବାର କରୋନା ସଂକ୍ରମଣର ଗତିବିଧି ତଦାରଖ କରୁଥାନ୍ତେ , ବୈଜ୍ଞାନିକମାନଙ୍କ ସହିତ ଆଲୋଚନା କରିଥାନ୍ତେ, ସର୍ବଦଳୀୟ, ମନ୍ତ୍ରୀସ୍ତରୀୟ, ସଚିବସ୍ତରୀୟ ବୈଠକ ଡାକି ଏ ସମସ୍ୟା ସହିତ ଅନ୍ୟ ସମସ୍ୟା ନିୟମିତ ଆଲୋଚନା କରୁଥାନ୍ତେ, ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ମିଳନୀ କରି ପ୍ରଶ୍ନର ଉତ୍ତର ରଖୁଥାନ୍ତେ ଏବଂ ନିଜର ମନ୍‌କି ବାତ୍ ନ କହି ଦେଶବାସୀଙ୍କ ବାତ୍ ଶୁଣୁଥାନ୍ତେ, ତେବେ ମହାମାରୀ ଏପରି ଭୟଙ୍କର ରୂପ ନେଇ ନ ଥା'ନ୍ତା।

୨୦୨୦ ସେପ୍ଟେମ୍ବର ମାସରେ ଯେତେବେଳେ ଅନ୍ୟ ଦେଶ ଦ୍ୱିତୀୟ ଲହରର ସମ୍ମୁଖୀନ ହେଉଥିଲେ, ସେତେବେଳେ ଆମ ଦେଶରେ ଏହା ବିଲୁପ୍ତ ହେବାକୁ ବସିଥିଲା। ସରକାର ଭବିଷ୍ୟତରେ ସଂକ୍ରମଣ କିପରି ଅଧିକ ନ ହେବ ବା ହେଲେ ତା'ର ପ୍ରଭାବ ବହୁତ କମ୍ ହୁଏ ତାହାର ବ୍ୟବସ୍ଥା କରିବାର ଥିଲା। କିନ୍ତୁ ବିଶ୍ୱକୁ ଭାରତ କରୋନା ମହାମାରୀ ବିପର୍ଯ୍ୟୟରୁ ରକ୍ଷା କରିଛି ବୋଲି ପ୍ରଧାନମନ୍ତ୍ରୀ କହିଲେ ଏବଂ ଭବିଷ୍ୟତର ସଂକ୍ରମଣ ସମ୍ଭାବନାକୁ ଭୁଲିଗଲେ; ଯାହାର ପରିଣତି ଆଜି ସମଗ୍ର ଦେଶବାସୀ ଭୋଗୁଛନ୍ତି।

ଦୁଃଖର ବିଷୟ ଆମର ଟିକାକରଣ ହାର ଅନେକ ଦେଶ ତୁଳନାରେ ବହୁତ କମ୍ ଏବଂ ମୂଲ୍ୟ ମଧ୍ୟ ଅଧିକା, ଟିକସ ଅନ୍ତର୍ଭୁକ୍ତ। ଭାରତୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତରଫରୁ ପ୍ରକାଶିତ ତଥ୍ୟ ଅନୁଯାୟୀ (ମେ ୩ ସୁଦ୍ଧା) ଭାରତରେ ଚୂଡାନ୍ତ ଡୋଜ ଟିକାକରଣ ହାର ହାରାହାରି ମାତ୍ର ୨.୨% ହୋଇଥିଲା ବେଳେ ଇସ୍ରାଏଲରେ (୫୮.୫%), ଚିଲି (୩୫.୨%), ସର୍ବିଆ (୨୨%), ହଙ୍ଗେରୀ (୨୧.୫%), କାତାର (୨୧.%), ଉରୁଗୁଏ (୧୯.୮%) ଆଦି ଦେଶ ଭାରତଠାରୁ ବହୁ ଆଗରେ ଅଛନ୍ତି। ସରକାର ଟିକାକରଣ ହାରରେ ଏତେ ପଛୁଆ ପାଇଁ ଦୋଷ ଖସାଇ ପାରିବେ ନାହିଁ। ପୁନଶ୍ଚ କେବଳ ଦୁଇଟି ସଂସ୍ଥାକୁ କାହିଁକି ଦାୟିତ୍ୱ ଦିଆଗଲା। ବିଦେଶରୁ ଉଚ୍ଚ ମାନର ଟିକା କାହିଁକି ଆମଦାନୀ କରାଗଲା ନାହିଁ। ଆମେ ଅସ୍ତ୍ରଶସ୍ତ୍ର, ଖେଳନା, ଅନ୍ୟ ସବୁ ବିଦେଶରୁ ଆମଦାନୀ କରୁଛେ, କିନ୍ତୁ ଦେଶବାସୀଙ୍କ ଜୀବନ ସୁରକ୍ଷା ପାଇଁ କାହିଁକି ଟିକା ଆମଦାନୀ କଲେନାହିଁ? ଏହି ବୋଧେ ଅଚ୍ଛେ ଦିନ୍ ଏବଂ ଆତ୍ମନିର୍ଭର ଭାରତ; ଯାହାକୁ ଦେଶବାସୀ ଅନେକ ଦିନ ପ୍ରତୀକ୍ଷା କରି ଚାହିଁଥିଲେ।

ମୋ :୯୪୩୭୨୦୮୭୬୨
Email: skmohapatra67@gmail.com

# ଶୁଭଲଗ୍ନର ପର୍ବ ଅକ୍ଷୟତୃତୀୟା



ନଗେନ୍ଦ୍ର ନାଥ ପଟ୍ଟନାୟକ

ଅକ୍ଷୟତୃତୀୟା ମହାପର୍ବ କେବଳ ସନାତନ ଧର୍ମ ପରମ୍ପରାରେ ନୁହେଁ ଜୈନ ପରମ୍ପରାରେ ମଧ୍ୟ ବିଶେଷ ମହତ୍ତ୍ୱ ବହନ କରେ। ଉଭୟ ଲୌକିକ ଓ ଅଲୌକିକ ଦୁଇଟି ଦୃଷ୍ଟିରୁ ଏହା ବେଶ୍ ମହତ୍ତ୍ୱପୂର୍ଣ୍ଣ। ଏହା ଏକ ସାର୍ବଜନୀନ ଲୋକପର୍ବ, ମାଙ୍ଗଳିକ ତଥା ପବିତ୍ର ଦିବସ। କୌଣସି ଶୁଭଲଗ୍ନ ବିନା ବିବାହ ଏବଂ ଅନ୍ୟାନ୍ୟ ମାଙ୍ଗଳିକ କାର୍ଯ୍ୟ ସମ୍ପନ୍ନ କରାଯାଇଥାଏ ଏହି ପାବନ ତିଥିରେ। ବିଭିନ୍ନ ସାଂସ୍କୃତିକ ଓ ମାଙ୍ଗଳିକ ଢାଞ୍ଚାରେ ସୃଷ୍ଟ ଅକ୍ଷୟତୃତୀୟା ପର୍ବରେ ହିନ୍ଦୁ ଜୈନ ଧର୍ମ, ସଂସ୍କୃତି ପରମ୍ପରାର ଅଲୌକିକ ସମନ୍ୱୟ। ମାର୍ଗ ଯେତେ ଭିନ୍ନଭିନ୍ନ ହେଉ ପଛେ ଏହି ମହାପର୍ବ ପ୍ରତି ସବୁ ଜାତି, ବର୍ଗ, ଧର୍ମ ସମ୍ପ୍ରଦାୟର ସମାଦର ଭାବ ଅଭିନ୍ନତାରେ ଏକତାର ଦିବ୍ୟ ସନ୍ଦେଶ ପ୍ରଦାନ କରିଥାଏ। ତେବେ ଏବେକାର କରୋନା ମହାସଙ୍କଟ ଓ ମହାମାରୀ କାଳରେ ସଂଯମ ଓ ତପର ଅକ୍ଷୟ ପରମ୍ପରା ଅନୁରୂପ ଜନଗଣଙ୍କ ଜୀବନଶୈଳୀ ନୂତନ ଭାବେ ଆପଣାଇବାର ଆବଶ୍ୟକତା ରହିଛି। ଅକ୍ଷୟତୃତୀୟା ବିଶେଷକରି କୃଷକ ଓ କୁମ୍ଭକାରଙ୍କ ଲାଗି ଏକ ପାବନ ପବିତ୍ର ଦିନ। ପୁଣି ଶିଳ୍ପୀକୁଳ ତଥା ବିଶ୍ୱକର୍ମାମାନଙ୍କ ନିମନ୍ତେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ଦିବସ। ପ୍ରାଚୀନ କାଳରୁ ଗଡ଼ିଆସୁଥିବା ଏହି ପରମ୍ପରା ଅନୁଯାୟୀ କେବଳ ଏହି ପାବନ ଅକ୍ଷୟତୃତୀୟା ଦିନ ସେ କାଳର ରାଜା ମହାରାଜାମାନେ ସେମାନଙ୍କ ଶାସିତ ରାଜ୍ୟରେ ବସବାସ କରୁଥିବା ବିଶିଷ୍ଟ କୃଷକମାନଙ୍କୁ ଆମନ୍ତ୍ରିତ କରୁଥିଲେ ରାଜଦରବାରକୁ। ଚାଷଜମିରେ ରୋପିବା ପାଇଁ ସ୍ୱତନ୍ତ୍ର ପ୍ରକାର ଚାରା ମଞ୍ଜି ବି ଉପହାର ଦେଉଥିଲେ ସେମାନଙ୍କୁ। ଏହି ମଞ୍ଜିକୁ ପୋତୁଥିବା ଅଥବା ଚାରା ରୋପୁଥିବା କୃଷକର ଧନଭଣ୍ଡାର କେବେ ଖାଲି ହେବ ନାହିଁ ବୋଲି ଲୋକଙ୍କ ମନରେ ବଦ୍ଧମୂଳ ଧାରଣା ଥିଲା। ଗୋଟିଏ ପଟେ ଏହା ହେଉଛି ଲୌକିକ ଦୃଷ୍ଟିଭଙ୍ଗୀ, ଅନ୍ୟପଟେ ଅଲୌକିକ ଦୃଷ୍ଟିକୋଣରୁ ଅକ୍ଷୟତୃତୀୟା ପର୍ବର ସମ୍ପର୍କ ଯୋଡ଼ି ହୋଇଯାଇଛି ଜୈନ ଧର୍ମର ପ୍ରଥମ ତୀର୍ଥଙ୍କର ଭଗବାନ ଋଷଭଙ୍କ ସହିତ। ତପସ୍ୟା ଆମ ସଂସ୍କୃତିର ମୂଳତତ୍ତ୍ୱ, ଆଧାରଶୀଳା। କୁହାଯାଏ ସଂସାରର ଯେତେ ସବୁ ସମସ୍ୟା ମୁଣ୍ଡଟେକୁଛି ତପସ୍ୟା ହେଉଛି ସେ ସବୁର ଫଳପ୍ରସୂ ସମାଧାନ। ସମ୍ଭବତଃ ଏଥିପାଇଁ ଲୋକେ ବିଶେଷ ପ୍ରକାରର ତପସ୍ୟା ଆଚରନ୍ତି। ତପସ୍ୟା ବଳରେ ଉଭୟ ଆଧ୍ୟାତ୍ମିକ ଓ ଭୌତିକ ସମ୍ପଦ ହାସଲ କରିବାକୁ ଚେଷ୍ଟିତ ହୁଅନ୍ତି। ଜୈନ ଧର୍ମ ପରମ୍ପରା ଅନୁଯାୟୀ ବର୍ଷେକାଳ ତପସ୍ୟା କରୁଥିବା ସାଧକ ଏହି ପବିତ୍ର ଦିବସରୁ ତପସ୍ୟା ଆରମ୍ଭ କରି ସେଇ ଏକା ଦିନରେ ହିଁ ଅନ୍ତ ଘଟାଇଥାନ୍ତି। ଏହା ସଂସାରକୁ ମୁକ୍ତିର ସ୍ମିତହାସ୍ୟ, ଶରୀରକୁ ତପିତ ତଥା ଆତ୍ମାସ୍ଥ କରିବାର ଅନନ୍ୟ ସୁଯୋଗ ଦେଇଥାଏ।

ଅକ୍ଷୟତୃତୀୟା ତପ, ତ୍ୟାଗ–ତିତିକ୍ଷା ଓ ସଂଯମର ପ୍ରତୀକାତ୍ମକ ପର୍ବ। ଭଗବାନ ଋଷଭଦେବଙ୍କ ଯୁଗରୁ ତଥା ତାଙ୍କ କୃଚ୍ଛ୍ରତପ ସାଧନା ସହିତ ଏହି ପର୍ବ ଓତପ୍ରୋତ ଭାବେ ଜଡ଼ିତ। ସେବେଠାରୁ ଏହି ପରମ୍ପରା ପୁରୁଷ ପୁରୁଷ ଧରି ଗଡ଼ିଆସୁଛି । ଏହା ହେଉଛି ଋଷଭଙ୍କ ସୁଦୀର୍ଘ ତପସ୍ୟା ସମାପନର ଦିନ। ଆଦିଦେବଙ୍କ ସ୍ମୃତିରେ ଜୈନ ଧର୍ମର ବିଭିନ୍ନ ସଂପ୍ରଦାୟ ମଧ୍ୟରେ ଅସଂଖ୍ୟ ଜୈନ–ସାଧୁ ଓ ସାଧ୍ୱୀ ନିର୍ଜଳା ଉପବାସ ଓ ବ୍ରତ ପାଳନ କରିଥାନ୍ତି। ଶ୍ରାନ୍ତିନାଥ ଜୈନ ମନ୍ଦିରରେ ଭଗବାନ ଋଷଭଙ୍କ ଉପବାସ ଭାଙ୍ଗିବାର ଆଦିସ୍ଥଳ। ସେଇଠି ଭଗବାନଙ୍କ ପରମ୍ପରା ଅନୁଯାୟୀ ଯାବତୀୟ ରୀତିନୀତିର ଆୟୋଜନ କରାଯାଇଥାଏ। ସମଗ୍ର ଦେଶର କୋଣ ଅନୁକୋଣରୁ ହଜାର ହଜାର ସଂଖ୍ୟକ ତପସ୍ୱୀ ସାଧୁସନ୍ଥ ଶ୍ରଦ୍ଧାଳୁ ବିଶେଷକରି ଜୈନ ଧର୍ମାବଲମ୍ବୀ ସେଠାରେ ରୁଣ୍ଡ ହୋଇଥାନ୍ତି। ତପସାଧନା ନିମନ୍ତେ କରୁଥିବା ନିର୍ଜଳା ଉପବାସକୁ ଭଙ୍ଗ କରନ୍ତି। ସଭ୍ୟତା ଓ ସଂସ୍କୃତିର ବିକାଶଯାତ୍ରାର ନାମ ହେଉଛି ଭଗବାନ ଋଷଭ। ସେ ସମ୍ରାଟରୁ ସନ୍ନ୍ୟାସୀ ହୋଇଥିଲେ ଏବଂ ତାଙ୍କ ପ୍ରତି ଜନତାଙ୍କ ପ୍ରଗାଢ଼ ଭକ୍ତି ଓ ଆଦର ସମ୍ମାନ ଥିଲା। ସେଥିପାଇଁ ଭଗବାନ ଋଷଭଙ୍କ ଭିକ୍ଷାରେ ଯେ ଆହାରର ଆବଶ୍ୟକତା ରହିଛି ଏକଥା ତାଙ୍କ ପ୍ରଜାଜନମାନଙ୍କ ଜ୍ଞାତସାରରେ ମଧ୍ୟ ନ ଥିଲା। ଭଗବାନ ପ୍ରତିଦିନ ବିଶୁଦ୍ଧ ଆହାରକୁ ନେଇ ଗବେଷଣା, ଅନ୍ୱେଷଣ ଏବଂ ଅନୁଧ୍ୟାନ କରୁଥିଲେ। ସେଥିଲାଗି ସେ ଘରକୁ ଘର ବୁଲୁଥିଲେ। ମାତ୍ର ତମସା ଅନ୍ଧାର ଅଜ୍ଞାନତାର ଆବରଣରେ ଆଚ୍ଛାଦିତ କୌଣସି ବ୍ୟକ୍ତି ତାଙ୍କୁ ଭୋଜନ ବା ଆଧାର ଦାନ କରୁ ନ ଥିଲେ। ଲୋକେ ତାଙ୍କୁ ସମ୍ମାନ ଆଦର ସହିତ ହାତୀ, ଘୋଡ଼ା, ରଥ ରତ୍ନାଭୂଷଣ ରତ୍ନଖଚିତ ପାଦୁକା ଗ୍ରହଣ କରିବାକୁ ପ୍ରାର୍ଥନା କରୁଥିଲେ। ସେପଟେ କିନ୍ତୁ ଆହାର ବିନା ଭଗବାନ ଋଷଭ ତପସ୍ୟାର ବାରମାସ ଅବଧି ଅନାୟାସରେ ଶେଷ କରିଥିଲେ।

ତପସ୍ୟା ଆତ୍ମଶୋଧନର ଏକ ମହାନ୍ ପ୍ରକ୍ରିୟା। ଏହାଦ୍ୱାରା ଜନ୍ମ ଜନ୍ମାନ୍ତରର କର୍ମ ଆଚରଣର ଅନ୍ତ ଘଟିଥାଏ। କରୋନା ମହାସଙ୍କଟ ସମୟରେ ଏହି ମହାପର୍ବର ପ୍ରାସଙ୍ଗିକତା ବେଶ୍ ଅଧିକ। ଏହି ତପସ୍ୟା ସାଧନାରୁ ଜୀବନ ବିକାଶର ଶିକ୍ଷା ଆମ ଚରିତ୍ର ଆଚରଣରେ ପ୍ରତିଫଳିତ ହୋଇଯାଇଥାଏ। ଆମ ଭିତରେ ଅହଂତ୍ୱ ନୁହେଁ, ନିର୍ଦ୍ଦୋଷ ଶିଶୁସୁଲଭ ଭାବ ଜାଗ୍ରତ ହେବା ନିହାତି ଆବଶ୍ୟକ। ଏହା ଆତ୍ମା–ଉନ୍ମେଷର ଏକ ପ୍ରେରଣାସ୍ରୋତ। ଅକ୍ଷୟତୃତୀୟାର ପାବନ ପବିତ୍ର ପର୍ବ ନିଶ୍ଚିତ ରୂପେ ଧର୍ମାରାଧନା, ତ୍ୟାଗ–ତିତିକ୍ଷା, ତପସ୍ୟା ଇତ୍ୟାଦି ଦ୍ୱାରା ପରିପୁଷ୍ଟ ଅକ୍ଷୟ ପୁଣ୍ୟକୁ ଶତଗୁଣ କରିଥାଏ । ଅଧ୍ୟାତ୍ମର ଏହି ନିରବଚ୍ଛିନ୍ନ ଧାରା ସଦାସର୍ବଦା ପ୍ରବହମାନ। ଏହାଦ୍ୱାରା କେବଳ ମାନବିକତା ହିଁ କିଛି ବର୍ଷ ପର୍ଯ୍ୟନ୍ତ ନୁହେଁ, ପିଢ଼ିପିଢ଼ି ଧରି ଉତ୍ସ ହୋଇ ରହିଥାଏ। ଯାହା କିଛି ଆମେ ପ୍ରାପ୍ତ କରିଛେ ତାକୁ ଅକ୍ଷୁଣ୍ଣ ରଖି ଏହି ଅକ୍ଷୟ ଭଣ୍ଡାରକୁ ବହୁଗୁଣିତ କରିବା ଲାଗି ଆମେ ସଭିଏଁ ଦୃଢ଼ ସଂକଳ୍ପବଦ୍ଧ ହେବା ବାଞ୍ଛନୀୟ। ଆମ ସଂସ୍କୃତି ଗ୍ରହଣୀୟ ଉତ୍ତମ ସଂସ୍କାର ଆଧାରିତ ତଥା ପ୍ରଗାଢ଼ ତପସ୍ୟାଭିତ୍ତିକ ହେବା ନିହାତି ଆବଶ୍ୟକ।

ବୈଶାଖ ଶୁକ୍ଳ ପକ୍ଷ ତୃତୀୟାରେ ରେଣୁକା ଗର୍ଭରୁ ଭଗବାନ ବିଷ୍ଣୁ ପରଶୁରାମ ରୂପେ ଅବତରିଥିଲେ ବୋଲି ଭବିଷ୍ୟ ପୁରାଣ ଓ ସ୍କନ୍ଦ ପୁରାଣରେ ସ୍ପଷ୍ଟ ଭାବେ ଉଲ୍ଲେଖ ଅଛି । ଏହି ପବିତ୍ର ଦିବସଟି ଦକ୍ଷିଣ ଭାରତରେ ବଡ଼ ଆନନ୍ଦ ଉଲ୍ଲାସରେ ପାଳନ କରାଯାଏ। ଖାଲି ସେତିକି ନୁହେଁ, ଅକ୍ଷୟତୃତୀୟା ଦିନ ନିଜର ଉତ୍ତମ ଆଚରଣ ଓ ସଦ୍‌ଗୁଣ ଦ୍ୱାରା ଅନ୍ୟମାନଙ୍କର ଆଶୀର୍ବାଦ ନେଲେ ଅକ୍ଷୟ ପୁଣ୍ୟ ପ୍ରାପ୍ତି ହୁଏ ବୋଲି ଅଖଣ୍ଡ ବିଶ୍ୱାସ ରହିଛି। ଏହା ବ୍ୟତୀତ ଏହି ପବିତ୍ର ଦିବସରେ ସୁନାଅଳଙ୍କାର କ୍ରୟ କରିବା ଅତ୍ୟନ୍ତ ଶୁଭଙ୍କର ବୋଲି କୁହାଯାଏ। ସୁତରାଂ ଏହି ପାବନ ତିଥିରେ ଗୃହ ପ୍ରବେଶ, ପଦଭାର ଗ୍ରହଣ, ଯାନ ଖରିଦ କରିବା, ଭୂମି ପୂଜନ ଆଦି ଶୁଭକାର୍ଯ୍ୟ ସମ୍ପାଦନ କରିବା ଅତ୍ୟନ୍ତ ଲାଭଦାୟକ ଓ ପୁଣ୍ୟଦାୟୀ। ସର୍ବୋପରି ବୃନ୍ଦାବନସ୍ଥିତ ବାଙ୍କବିହାରୀଙ୍କ ଶ୍ରୀଚରଣ ଦର୍ଶନ ଏବଂ ପ୍ରମୁଖ ତୀର୍ଥସ୍ଥଳୀ ବଦ୍ରୀନାଥ ମଧ୍ୟ ଏହି ଅକ୍ଷୟତୃତୀୟା ଦିନ ଉନ୍ମୁକ୍ତ ହୋଇଥାଏ ।

୯୯୯–୩, ଜଗମୋହନ ନଗର,
ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର,
ମୋ–୯୪୩୮୩୩୨୧୩୮

## ଏଇ ଭାରତରେ

ବାଇକ୍ ଚଢୁଛି ଗୁଆଗଛ। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ। ଏମିତିକା ବାଇକ୍ ନିର୍ମାଣ କରିଛନ୍ତି କର୍ଣାଟକର କୃଷକ ଗଣପତି ଭଟ୍ଟ। ମାଙ୍ଗାଲୁରର କୋମେଲ ଗାଁର ଚାଷୀ ଗଣପତି ତାଙ୍କ ବନ୍ଧୁ ଶର୍‌ଭିନ ମାବିନଙ୍କ ସହଯୋଗରେ ଏହି ବାଇକ୍ ନିର୍ମାଣ କରିଛନ୍ତି। ଏହାର ନାମ ରଖିଛନ୍ତି 'ଆରେକା ବାଇକ୍'। ଏକ ଲିଟର ପେଟ୍ରୋଲରେ ଏହା ଏକାଥରକେ ୯୦ଟି ଗୁଆଗଛ ଚଢ଼ିପାରୁଛି। ଏହାଯୋଗୁ ଶ୍ରମ ଖର୍ଚ୍ଚ ୨୦% କମିଯାଉଛି। ଗଣପତିଙ୍କ ବୟସ ୫୧ । ସେ କୃଷି ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ୧୯୯୧ରୁ ୧୪ ଏକର ଜମିରେ ଗୁଆ ଓ ନଡ଼ିଆ ଚାଷ କରୁଛନ୍ତି। ଗଛ ଚଢ଼ି ଗୁଆ ଓ ନଡ଼ିଆ ପାରିବା ଲାଗି ଜଣେ ଶ୍ରମିକ ଦିନକୁ ୨୦୦୦ ଟଙ୍କା ନେଉଥିବାରୁ ଶ୍ରମ ବାବଦରେ ଖର୍ଚ୍ଚ କମାଇବା ଲାଗି ସେ ଏଭଳି ବାଇକ୍ ନିର୍ମାଣ କରିବାକୁ ଆରମ୍ଭ କରି ଏବେ ସଫଳତା ପାଇଛନ୍ତି। ଏହି ବାଇକ୍ ୮୪ ମିଟର ଗଛକୁ ୩୦ ସେକେଣ୍ଡରେ ଚଢୁଛି। ଏହା ମଧ୍ୟ କୀଟନାଶକ ସ୍ପ୍ରେ କରିବାକୁ ସକ୍ଷମ। ବାଇକ୍‌ର ଓଜନ ୨୮ କେ.ଜି, କିନ୍ତୁ ଏହା ୮୦ କେଜି ଓଜନର ଲୋକଙ୍କୁ ନେଇ ଗଛ ଚଢ଼ିପାରୁଛି। ଏହାର ମୂଲ୍ୟ ଏବେ ୫୯,୦୦୦ ଟଙ୍କା ରଖାଯାଇଛି ଓ ୧ ବର୍ଷର ୱାରେଣ୍ଟି ଦେଉଛନ୍ତି ଗଣପତି। ଏବେ ସୁଦ୍ଧା ସେ ୭୦୦ ବାଇକ୍ ଚାଷୀଙ୍କୁ ଉତ୍ପାଦନ ଖର୍ଚ୍ଚରେ ବିକ୍ରି କରିସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ମେ ୧୯୯୬

- ଇଣ୍ଡୋନେସିଆ ମଧ୍ୟକୁ ୮ ହଜାର ନିଶା ବଟିକା ଚୋରା ଚାଲାଣ କରିବାକୁ ଉଦ୍ୟମ କରୁଥିବା ୭ ସ୍ମଗଲର ଗିରଫ।
- କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା ତୃତୀୟ ସମ୍ମୁଖ୍ୟର ନେତା ନିର୍ବାଚିତ ହୋଇଛନ୍ତି।
- ଆଲାପୁଝା ସ୍ଥିତ ଛେପାଦଠାରେ ଥିବା ଏକ ଲେଭଲକ୍ରସିଂଠାରେ କାୟାମକୁଲମ ଟ୍ରେନ ଓ ଏକ ବସ୍ ଧକ୍କା ହେବାରୁ ୩୦ ଜଣଙ୍କ ମୃତ୍ୟୁ।
- ବାଂଲାଦେଶରେ ପ୍ରବଳ ବାତ୍ୟା ହେବା ଫଳରେ ୪୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### କରୋନାର କରୁଣ ଚିତ୍ର

ମହାଶୟ,

ଦୀର୍ଘ ଏକବର୍ଷ ପରେ କରୋନାର ଦ୍ୱିତୀୟ ଲହର ଭୟଙ୍କର ରୂପେ କାୟା ବିସ୍ତାର କରି ଚାଲିଛି। ସଂକ୍ରମଣରେ ବର୍ତ୍ତମାନ ଭାରତର ସ୍ଥାନ ବିଶ୍ୱରେ ପ୍ରଥମ । କୋଟି କୋଟି ଲୋକ ଜୀବନ ଜୀବିକା ହରାଇଛନ୍ତି । ଦାରିଦ୍ର୍ୟ, ଦୁଃଖ, ଦୁର୍ଦ୍ଦଶା, ଅଭାବ, ଅନଟନ ବୃଦ୍ଧି ପାଇବାରେ ଲାଗିଛି। କରୋନା ବେଳକୁ ବେଳ ଭୟଙ୍କର ସୁନାମିର ରୂପ ନେଉଛି। ମାନବିକତାର ଗତିରୋଧ ହୋଇଛି। ରୁଗ୍ଣ ବ୍ୟକ୍ତିର ମୃତ୍ୟୁ ପରେ ଆତ୍ମୀୟ ସ୍ୱଜନମାନେ ଦୂରେଇ ଯାଉଛନ୍ତି। ସ୍ତ୍ରୀ ଏକାକୀ ସ୍ୱାମୀର ଶବକୁ ଘୋଷାରି ଘୋଷାରି ଘରୁ ବାହାରକୁ ନେବାର ଦୃଶ୍ୟ ଦେଖିବାକୁ ମିଳୁଛି। କେଉଁଠି ଅସହାୟ ପିତା ପୁତ୍ରର ଶବକୁ କାନ୍ଧରେ ବୋହି ନେଉଛି। କୁଢ କୁଢ ଶବ ଏକାସଙ୍ଗେ ସଂସ୍କାର ହେବା ବେଳେ ଶ୍ମଶାନରେ ସ୍ଥାନାଭାବ ଘଟୁଛି। ହସ୍ପିଟାଲରେ ଅମ୍ଳଜାନର ଅଭାବ ଯୋଗୁ ରୋଗୀଙ୍କ ପ୍ରାଣ ଯାଉଛି। ସରକାରଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁ ହିଁ ଏ ମହାମାରୀ କାୟା ବିସ୍ତାର କରୁଛି। ସଂକ୍ରମଣରୁ ରକ୍ଷା ପାଇବାକୁ ଦେଶର ଜନତା ନିରୁପାୟ। ଧନୀ ଗରିବ ନିର୍ବିଶେଷରେ କାହାର ବି ନିସ୍ତାର ନାହିଁ। ଦେଶର ଏ ହୃଦୟ ବିଦାରକ ଦୃଶ୍ୟ ସାରା ବିଶ୍ୱକୁ ବ୍ୟଥିତ କରିଛି। କେତେକ ଦେଶ ସହଯୋଗର ହାତ ବଢାଇଛନ୍ତି।

–ଲକ୍ଷ୍ମୀଧର ଦାସ, ବିଜୟ ମଣ୍ଡପ ସାହି, ଓଡ଼ଗାଁ

### ଚିରନ୍ତନୀ

ଲାଞ୍ଛନାର ଶେଳରାଶି
ଏ ଜୀବନେ ହାଣେ ଯେହୁ ମୋର,
ଦୁଃଖେ ତା'ର ଝରିପଡୁ
ପ୍ରିୟତମ ! ନୟନର ଲୋର।
–(ଆସ୍ତିକର ଆକୁତି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏପ୍ରିଲରେ ୩ ଗୁଣ ବଢ଼ିଲା ରପ୍ତାନି

**ଭୁବନେଶ୍ୱର,୧୪।୫:** ଚଳିତ ଏପ୍ରିଲରେ ରପ୍ତାନି ୩ ଗୁଣ ବୃଦ୍ଧି ପାଇ ୩୦.୬୩ ବିଲିୟନ ଡଲାର ଛୁଇଁଛି। ସେହିଭଳି ଆମଦାନୀ ମଧ୍ୟ ଏହି ଅବଧିରେ ୪୫.୭୨ ବିଲିୟନ ଡଲାରକୁ ବଢ଼ିଛି। ୨୦୨୦ ଏପ୍ରିଲରେ ଆମଦାନୀ ୧୭.୧୨ ବିଲିୟନ ଡଲାର ସ୍ତରରେ ରହିଥିଲା। ଗତ ଏପ୍ରିଲ ତୁଳନାରେ ବାଣିଜ୍ୟ ନିଅଣ୍ଟ ୧୫.୧୦ ବିଲିୟନ ଡଲାର ରହିଛି, ଯାହା ଗତ ବର୍ଷ ଏହି ସମୟରେ ୬.୭୬ ବିଲିୟନ ଡଲାର ରହିଥିଲା। ଗତ ବର୍ଷ କରୋନା ଯୋଗୁ ରପ୍ତାନି ୬୦.୨୮% ନିମ୍ନରେ ରହିଥିଲା। ସେହିଭଳି ଚଳିତ ବର୍ଷ ମାର୍ଚ୍ଚରେ ରପ୍ତାନି ୬୦.୨୮% ବୃଦ୍ଧି ପାଇ ୩୪.୪୫ ବିଲିୟନ ଡଲାର ଥିଲା। ରପ୍ତାନି ହୋଇଥିବା ସାମଗ୍ରୀ ମଧ୍ୟରେ ଗହଣା ଏବଂ ରତ୍ନପଥର, ଝୋଟ, କାର୍ପେଟ, ହସ୍ତଶିଳ୍ପ, ଚମଡ଼ା, ଇଲେକ୍ଟ୍ରୋନିକ୍ସ ଗୁଡ୍ସ, ଅଏଲ ଭଳି ପ୍ରଡକ୍ଟ ସାମିଲ ରହିଛି।

# ବ୍ୟାଙ୍କ, ବୀମା କର୍ମଚାରୀଙ୍କୁ ସୁରକ୍ଷା ଦିଅ

**ନୂଆଦିଲ୍ଲୀ,୧୪।୫**

ବ୍ୟାଙ୍କ, ବୀମା କର୍ମଚାରୀଙ୍କ ସମେତ ବିଜ୍‌ନେସ କରେସ୍‌ପଣ୍ଡେଣ୍ଟ ଅନ୍ୟ ଆର୍ଥିକ ସେବା ଯୋଗାଣକାରୀଙ୍କୁ ପ୍ରାଥମିକତା ଭିତ୍ତିରେ ଟିକାକରଣ କରିବାକୁ କେନ୍ଦ୍ର ଆର୍ଥିକ ସେବା ସଚିବ ଦେବାଶିଷ ପଣ୍ଡା ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଛନ୍ତି। ବର୍ତ୍ତମାନର ଚ୍ୟାଲେଞ୍ଜିଂ ସ୍ଥିତିରେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ଚିଠିରେ ଉଲ୍ଲେଖ ରହିଛି। ଲୋକଙ୍କୁ ବ୍ୟାଙ୍କସେବା ଯୋଗାଣ ଦିଗରେ ବ୍ୟାଙ୍କରମାନେ ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଅନେକ କର୍ମଚାରୀ କରୋନା



ଦ୍ୱାରା ସଂକ୍ରମିତ ହେଉଥିବା ବେଳେ ଜୀବନ ମଧ୍ୟ ହରାଉଛନ୍ତି।

ଉଲ୍ଲେଖଯୋଗ୍ୟ, ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ କାର୍ଯ୍ୟକରୁଥିବା ୧.୩୫ ନିୟୁତ କର୍ମଚାରୀଙ୍କୁ ଟିକା ପ୍ରଦାନ କରିବା ନେଇ ଗତ ମାସରେ ଅର୍ଥ ମନ୍ତ୍ରଣାଳୟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ନିବେଦନ କରିଥିଲା। ସେହିଭଳି ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ କର୍ମଚାରୀଙ୍କୁ ମଧ୍ୟ ଏଥିରେ ଯୋଡ଼ିବାକୁ ଚିଠିରେ କୁହାଯାଇଥିଲା। ଏ ନେଇ ବ୍ୟାଙ୍କର୍ସମାନେ ଅର୍ଥ ମନ୍ତ୍ରଣାଳୟକୁ

- ରାଜ୍ୟଗୁଡ଼ିକୁ ଆର୍ଥିକ ସେବା ସଚିବଙ୍କ ଚିଠି
- ପ୍ରାଥମିକତା ଭିତ୍ତିରେ ଟିକାକରଣ କରାଇବାକୁ ଗୁରୁତ୍ୱ

ଅନୁରୋଧ କରିଥିଲେ। ମେ ପହିଲାରୁ ତୃତୀୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ ହୋଇଥିବାରୁ ପ୍ରାଥମିକତା ଭିତ୍ତିରେ ବ୍ୟାଙ୍କ କର୍ମଚାରୀଙ୍କୁ ଏଥିରେ ଯୋଡ଼ିବାକୁ ପଣ୍ଡା ଗୁରୁତ୍ୱାରୋପ କରିଛନ୍ତି।

ସେହିଭଳି ରାଜ୍ୟସ୍ତରରେ ବିଭିନ୍ନ ଲ ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ବିଭିନ୍ନ ସମୟରେ ବ୍ୟାଙ୍କ କର୍ମଚାରୀଙ୍କୁ ହଇରାଣ କରୁଥିବା ଦେଖାଯାଉଛି। ଫଳରେ ଏହା ବ୍ୟାଙ୍କ କାର୍ଯ୍ୟ ବାଧା ଉପୁଜାଉଛି। କର୍ମଚାରୀମାନେ ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କୁ ସେବା ଯୋଗାଇ ଦେଉଛନ୍ତି। ଏଭଳି ସ୍ଥିତିରେ କର୍ମଚାରୀଙ୍କ ମନୋବଳ ବଢାଇବାର ଆବଶ୍ୟକତା ରହିଛି। ରାଜ୍ୟ ସ୍ତରରେ ସ୍ଥାନୀୟ କର୍ମଚାରୀମାନେ ବ୍ୟାଙ୍କ କର୍ମଚାରୀଙ୍କୁ ସହଯୋଗ କରିବା ସହ ନିରାପତ୍ତା ଯୋଗାଣ ଉପରେ ଚିଠିରେ ଗୁରୁତ୍ୱାରୋପ କରାଯାଇଛି।

## ଗରୁଡ଼ଭେଗା ପକ୍ଷରୁ ଅକ୍ସିଜେନ କନ୍‌ସେନଟ୍ରେଟର ଶିପିଂ

**ଭୁବନେଶ୍ୱର,୧୪।୫**



କୋଭିଡ୍ ସମୟରେ ଅକ୍ସିଜେନ ଅଭାବ ଏକ ପ୍ରମୁଖ ସମସ୍ୟା ଭାବେ ଉଭାହୋଇଛି। ଏହାକୁ ଧ୍ୟାନରେ ରଖି ଲୋକଙ୍କୁ ସହାୟତା ଯୋଗାଣ ଲକ୍ଷ୍ୟରେ ଗରୁଡ଼ଭେଗା ପକ୍ଷରୁ ଅକ୍ସିଜେନ କନ୍‌ସେନଟ୍ରେଟର ଶିପିଂ ଆରମ୍ଭ କରାଯାଇଛି। କମ୍ପାନୀ ପକ୍ଷରୁ ଏଥିରେ ଆକର୍ଷଣୀୟ ରିହାତି ମଧ୍ୟ ପ୍ରଦାନ କରାଯାଉଛି। ଗ୍ରାହକଙ୍କ ଲାଗି ମାଗଣା ପିକ୍‌ଅପ୍ ବିକଳ୍ପ ମଧ୍ୟ ରହିଛି। କର୍ପୋରେଟ ସଂସ୍ଥାଗୁଡିକ ଅତିରିକ୍ତ ରିହାତି ଲାଭ କରିପାରିବେ। କମ୍ପାନୀ ପକ୍ଷରୁ ୟୁଏସ୍ ଡୋମେଷ୍ଟିକ ଏବଂ ୟୁଏସ୍ ଏନିହୋୟାର ସର୍ଭିସ ପ୍ରଦାନ କରାଯାଉଛି। ଗରୁଡ଼ଭେଗା ଭାରତରୁ ବିଶ୍ୱର ପ୍ରମୁଖ ସ୍ଥାନଗୁଡିକ ଏହି ପ୍ରଡକ୍ଟ ପଠାଉଛି। ଆମେରିକା, ବ୍ରିଟେନ, ୟୁରୋପ, ଅଷ୍ଟ୍ରେଲିଆ, ନ୍ୟୁଜଲାଣ୍ଡ, ୟୁନାଇଟେଡ ଆରବ ଏମିରେଟ୍ସ ମଧ୍ୟପ୍ରାଚ୍ୟ ସମେତ ପ୍ରାୟ ୨୦୦ ଦେଶରେ କମ୍ପାନୀ ଏହାର ସେବା ଯୋଗାଣ ଲକ୍ଷ୍ୟ ରଖିଛି। ଲୋକଙ୍କୁ ଭରସାଯୋଗ୍ୟ ସେବା ଯୋଗାଣ ସହ ସାରା ଦେଶରେ ୨୫୦ରୁ ଊର୍ଦ୍ଧ୍ୱ କମ୍ପାନୀ ସ୍ଥାପନ କରିଛି। ଏଥି ସଂକ୍ରାନ୍ତ ସୂଚନା ଲାଗି କମ୍ପାନୀ ସହ ଲୋକମାନେ ସମ୍ପର୍କ କରିପାରିବେ।

## ଓଡ଼ିଆ ଉଦ୍ୟୋଗୀଙ୍କ ଶିକ୍ଷା ଷ୍ଟାର୍ଟଅପ୍ ‘ଗୋ ସିକୋ’

**ଭୁବନେଶ୍ୱର,୧୪।୫**

ଦେଶର ଉଦୀୟମାନ ଏଡଟେକ୍ ଷ୍ଟାର୍ଟଅପ୍ ‘ଗୋସିକୋ’ ୨୦୨୩ ସୁଦ୍ଧା ରାଜ୍ୟରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ନିଜ ପ୍ଲାଟ୍‌ଫର୍ମରେ ଯୋଡିବାକୁ ଲକ୍ଷ୍ୟ ରଖିଛି। ଟାୟାର ୨ରୁ ୪ ସହରଗୁଡିକରେ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚି ସେମାନଙ୍କ ଏକାଡେମିକଠାରୁ କ୍ୟାରିୟର ସମ୍ପର୍କିତ ବିଭିନ୍ନ ସୁବିଧା ଯୋଗାଣ ଲାଗି ଏହା ଯୋଜନା ରଖିଛି। ଗୋସିକୋ ଓଡ଼ିଶାରେ ନିକଟରେ ଏହାର କାର୍ଯ୍ୟ ଆରମ୍ଭ କରିଛି। ରାଜ୍ୟରେ ବିପିୟୁଟି, ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଏବଂ ଉତ୍କଳ ୟୁନିଭର୍ସିଟିରେ ପ୍ରାୟ ୧ ହଜାର ଛାତ୍ରୀଛାତ୍ର ଗୋସିକୋ ପ୍ଲାଟ୍‌ଫର୍ମରେ ଯୋଡିହେବା ସହ ସବ୍‌ସ୍କ୍ରିପଶନ ଗ୍ରହଣ କରିଛନ୍ତି। ଛାତ୍ରୀଛାତ୍ରଙ୍କୁ ବ୍ୟାଚେଲର ଅଫ୍ ବିଜ୍‌ନେସ ଆଡମିନିଷ୍ଟ୍ରେଶନ, ବ୍ୟାଚେଲର ଅଫ୍ ଟେକ୍ନୋଲୋଜିରେ ବ୍ୟାପକ ପାଠ୍ୟ ଉପକରଣ ଏହା ପ୍ରଦାନ କରୁଛି। ୟୁନିଭର୍ସିଟିଗୁଡ଼ିକର ପାଠ୍ୟକ୍ରମ ଅନୁସାରେ ପାଠ୍ୟ ଉପକରଣ ପ୍ରସ୍ତୁତ କରି ଏହା ଯୋଗାଣ କରୁଛି। ୨୦୨୩ ସୁଦ୍ଧା ରାଜ୍ୟର ୭ରୁ ୮ ବିଶ୍ୱବିଦ୍ୟାଳୟରେ ପହଞ୍ଚି ବିଟେକ୍, ବିକମ୍, ବିବିଏ, ବିଏସ୍‌ସି, ଏମ୍‌ବିଏ ଭଳି ପ୍ରାୟ ୧୫-୨୦ ପାଠ୍ୟକ୍ରମ ପ୍ରଦାନ କରିବାକୁ ଚାହୁଁଛି। ବର୍ତ୍ତମାନର ସ୍ଥିତିରେ ନିଯୁକ୍ତି ଏକ ଚ୍ୟାଲେଞ୍ଜିଂ ହୋଇପଡିଛି। ଛାତ୍ରୀଛାତ୍ରଙ୍କୁ ସହାୟତା କରିବା ଲକ୍ଷ୍ୟରେ ବିଭିନ୍ନ ପଦକ୍ଷେପ ଗୋସିକୋ ଗ୍ରହଣ କରୁଛି ବୋଲି କମ୍ପାନୀର ପ୍ରତିଷ୍ଠାତା ଚନ୍ଦ୍ରଭାନୁ ପାଟଜୋଷୀ ସୂଚନା ଦେଇଛନ୍ତି।

## କୋଭିଡ୍ ମୁକାବିଲା ଲାଗି ନାଲ୍‌କୋର ପ୍ରୟାସ

**ଭୁବନେଶ୍ୱର,୧୪।୫**

କୋଭିଡ୍‌ର ଦ୍ୱିତୀୟ ଲହର ମୁକାବିଲା ଲାଗି ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ପକ୍ଷରୁ ପ୍ରୟାସ ଜାରି ରହିଛି। ଲୋକଙ୍କ ସମସ୍ୟାକୁ ନଜରରେ ରଖି କମ୍ପାନୀ ପକ୍ଷରୁ କୋରାପୁଟର ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଏକ ୭୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟରକୁ କାର୍ଯ୍ୟକ୍ଷମ କରାଯାଇଛି। ଏହା ସହ ଅନୁଗୋଳ ଜିଲାର ବଅଁରପାଳସ୍ଥିତ ଇଏସ୍‌ଆଇ ହସ୍ପିଟାଲରେ ୬୬ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର କେନ୍ଦ୍ର ପାଇଁ କମ୍ପାନୀ ସହାୟତା ପ୍ରଦାନ କରିଛି। ଏହାର ଆନୁଷଙ୍ଗିକ ପରିଚାଳନା ଖର୍ଚ୍ଚ ମଧ୍ୟ ନାଲ୍‌କୋ ବହନ କରିବ ବୋଲି ଜଣାପଡ଼ିଛି। ଏହାଦ୍ୱାରା କମ୍ପାନୀର କାର୍ଯ୍ୟକ୍ଷେତ୍ର ଏବଂ ଅନୁଗୋଳ ଏବଂ କୋରାପୁଟ ଜିଲାର ଲୋକମାନେ ଉପକୃତ ହୋଇପାରିବେ। ରାଜ୍ୟ ସରକାରଙ୍କୁ ଡିଜି ସେଟ୍ ପ୍ରଦାନ ନେଇ ମଧ୍ୟ ସହମତି ପ୍ରକାଶ ପାଇଛି। ନବରଙ୍ଗପୁରଠାରେ ଏକ ୨୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲରେ କୋଭିଡ୍ ଚିକିତ୍ସା ନିମନ୍ତେ ଭିତ୍ତିଭୂମି ବିକାଶ କରିଛି। ଏହା ସହ ଅନୁଗୋଳ ଏବଂ ଦାମନଯୋଡ଼ିଠାରେ କମ୍ପାନୀର ୨ଟି ସ୍ୱତନ୍ତ୍ର କୋଭିଡ୍ କେୟାର କେନ୍ଦ୍ର ମଧ୍ୟ କାର୍ଯ୍ୟ କରୁଛି। ଏକ ଦାୟିତ୍ୱବାନ କର୍ପୋରେଟ ଭାବେ ଓଡ଼ିଶାବାସୀଙ୍କ ସହ ସର୍ବଦା ରହି ଆସିଛୁ ବୋଲି କମ୍ପାନୀର ଅଧ୍ୟକ୍ଷ ଶ୍ରୀଧର ପାତ୍ର କହିଛନ୍ତି।

## ଜିଓ ଫୋନ୍ ୟୁଜରଙ୍କ ଲାଗି ବିଶେଷ ସୁବିଧା ଘୋଷଣା

**ନୂଆଦିଲ୍ଲୀ,୧୪।୫**

ଜିଓ ପକ୍ଷରୁ ରିଲାଏନ୍ସ ଫାଉଣ୍ଡେଶନ ସହ ମିଶି ମହାମାରୀର ସମ୍ପୂର୍ଣ୍ଣ ଅବଧିରେ ପ୍ରତି ମାସ ବିନା ମୂଲ୍ୟରେ ୩୦୦ ମିନିଟ୍ ଆଉଟଗୋଇଂ କଲ୍ (ଦିନକୁ ୧୦ ମିନିଟ) ସେହି ସବୁ ଜିଓଫୋନ ଗ୍ରାହକମାନଙ୍କୁ ପ୍ରଦାନ କରାଯିବ। ବର୍ତ୍ତମାନ ରିଚାର୍ଜ କରିବାକୁ ସକ୍ଷମ ହେଉ ନ ଥିବା ଗ୍ରାହକ ଏହା ଦ୍ୱାରା ଲାଭବାନ ହୋଇପାରିବେ। ସେହିଭଳି ଦ୍ୱିତୀୟ ପଦକ୍ଷେପ ଭାବେ ସୁଲଭତାରେ ଆହୁରି ଉନ୍ନତି ଆଣିବା ଲାଗି ଜିଓଫୋନ ବ୍ୟବହାରକାରୀମାନେ ରିଚାର୍ଜ କରୁଥିବା ପ୍ରତିଟି ଜିଓଫୋନ ପ୍ଲାନ୍ ସହିତ ସେମାନେ ସମ୍ପୂର୍ଣ୍ଣ ମାଗଣାରେ ସମାନ ମୂଲ୍ୟର ଅତିରିକ୍ତ ରିଚାର୍ଜ ପ୍ଲାନ୍ ପାଇପାରିବେ। ତେବେ ୧୫ ମେ’ ୨୦୨୧ରୁ ଆରମ୍ଭ ହେଉଥିବା ଏହି ସୁବିଧା ଜିଓଫୋନର ବାର୍ଷିକ ପ୍ଲାନ୍ କିମ୍ବା ଜିଓଫୋନ ସହିତ ଆସୁଥିବା ବଣ୍ଡଲ୍ଡ ପ୍ଲାନ ପାଇଁ ଲାଗୁ ହେବ ନାହିଁ ।

## ଓପିଟିସିଏଲ୍‌ରେ ବିଶ୍ୱ ନର୍ସିଂ ଦିବସ

**ଭୁବନେଶ୍ୱର,୧୪।୫**

ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେସନ ଲିମିଟେଡ୍ (ଓପିଟିସିଏଲ୍) ପକ୍ଷରୁ ବିଶ୍ୱ ନର୍ସିଂ ଦିବସ ଏଇ ନିକଟରେ ସଂସ୍ଥାର କର୍ପୋରେଟ୍ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ନିଃସ୍ୱାର୍ଥ ପର ସେବା ପାଇଁ ଓପିଟିସିଏଲ୍ ପକ୍ଷରୁ ପାୱାର ହସ୍ପିଟାଲ୍‌ର ନର୍ସମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କମ୍ପାନୀର ବରିଷ୍ଠ ମହାପ୍ରବନ୍ଧକ ଓ ଏଚ୍‌ଆର୍‌ଡି ଚନ୍ଦ୍ରଶେଖର ପ୍ରଧାନ, ଅନିତା ମହାପାତ୍ର (ଜିଏମ୍, ଏଚ୍‌ଆର୍‌ଡି) ଏବଂ ଡକ୍ଟର ରୁପାଲିତା ପଟ୍ଟନାୟକ (ମେଡିକାଲ୍ ଅଫିସର) ପ୍ରମୁଖ ଉପସ୍ଥିତ ଥିଲେ। ଆମର କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ ସେବା ପ୍ରତି ନର୍ସମାନଙ୍କ ଉତ୍ସର୍ଗୀକୃତ ମନୋଭାବ ଓ ଅବଦାନକୁ ଆମେ ପ୍ରଶଂସା କରୁଛୁ ବୋଲି ଶ୍ରୀ ପ୍ରଧାନ କହିଥିଲେ।

## କର୍ମଚାରୀ, ଜନସମୁଦାୟଙ୍କୁ ବଜାଜର ସହଯୋଗ

**ଭୁବନେଶ୍ୱର,୧୪।୫**

ନିଜ କର୍ମଚାରୀ ଓ ଜନ ସମୁଦାୟଙ୍କୁ ସାମଗ୍ରିକ ସହଯୋଗ ଯୋଗାଣ ଦିଗରେ ବଜାଜ ଅଟୋ ନୀତିଗତ ଲକ୍ଷ୍ୟ ରଖିଛି। କମ୍ପାନୀ ଏହାର ସମସ୍ତ କାରଖାନା ସ୍ଥଳରେ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଣ ଲକ୍ଷ୍ୟରେ ୨୫୦ରୁ ଅଧିକ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର ସ୍ଥାପନ କରିଛି। ନିଜ କର୍ମଚାରୀ ଏବଂ ପରିବାର ସଦସ୍ୟଙ୍କୁ ଟିକାକରଣ କରାଇବା ଲାଗି କମ୍ପାନୀ ବିଭିନ୍ନ ମହାନଗର ନିଗମ ସହ ସହଭାଗିତା କରିଛି। କୋଭିଡ୍‌ରେ କର୍ମଚାରୀଙ୍କ ମୃତ୍ୟୁ ହେଲେ ବ୍ୟାପକ ଅନୁକମ୍ପାମୂଳକ ଫାଇଦା ଏହା ଦେବ ବୋଲି ଘୋଷଣା କରିଛି। ଏହି ପରିପ୍ରେକ୍ଷୀରେ ବଜାଜ ଅଟୋର ପରିଚାଳନା ନିର୍ଦ୍ଦେଶକ ରାଜୀବ ବଜାଜ କହିଛନ୍ତି, ବଜାଜ ଅଟୋର ପରିବର୍ଦ୍ଧିତ ପରିବାରଗୁଡିକ ସହାୟତା ପ୍ରଦାନ ଲାଗି ଆମେ ପାରୁପର୍ଯ୍ୟନ୍ତ ପ୍ରୟାସ କରିବୁ। ବର୍ତ୍ତମାନ ସ୍ଥିତିରେ କୌଣସି କର୍ମଚାରୀଙ୍କ ମୃତ୍ୟୁ ହେଲେ ତାଙ୍କ ପରିବାର ୨ ବର୍ଷ ପର୍ଯ୍ୟନ୍ତ ଆର୍ଥିକ ସହାୟତା ଲାଭ କରିବେ। କର୍ମଚାରୀଙ୍କ ପିଲାଙ୍କୁ ସ୍ନାତକ ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣରେ ସହାୟତା, ମୃତ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କ ସହାୟତା ନିମନ୍ତେ ୫ ବର୍ଷ ଅବଧିର ଡାକ୍ତରଖାନା ଭର୍ତ୍ତି ସୁବିଧା ଦିଆଯାଉଛି।

### ଫୁର୍‌ସତ୍

# ଶୂନରୁ ସୁପରପାୱାର

**ଭାରତ ସ୍ୱାଧୀନତା ହାସଲ କରିବାର ପରବର୍ତ୍ତୀ ବର୍ଷ ଅର୍ଥାତ୍ ୧୯୪୮ରେ ସ୍ୱାଧୀନ ରାଷ୍ଟ୍ରର ମାନ୍ୟତା ପାଇଥିଲା ଇସ୍ରାଏଲ୍। ସାର୍ବଭୌମତ୍ୱ ହାସଲ କରିବାର ଦୀର୍ଘ ୭୩ ବର୍ଷ ଭିତରେ ଅନେକ ଉତ୍ଥାନ ପତନ ଦେଖିଛି ଏହି ଇହୁଦୀ ରାଷ୍ଟ୍ର। ସମୟ ଅନୁଯାୟୀ ନିଜକୁ ପରିବର୍ତ୍ତନ କରିଛି। ଆବଶ୍ୟକତାକୁ ନଜରରେ ରଖି ତ୍ରୁଟି ମଧ୍ୟ ସୁଧାରିଛି। ଦୃଢ଼ ଆତ୍ମବିଶ୍ୱାସ, ବୈଷୟିକ ଜ୍ଞାନକୌଶଳର ଠିକ୍ ପ୍ରୟୋଗ ଫଳରେ ଏବେ ଶୂନରୁ ସୁପରପାୱାରରେ ପରିଣତ ହୋଇଛି ଇସ୍ରାଏଲ।**

**ନୂଆଦିଲ୍ଲୀ:** ପ୍ରଥମ ବିଶ୍ୱଯୁଦ୍ଧ ପୂର୍ବରୁ ଅଟୋମାନ ସାମ୍ରାଜ୍ୟର ଅଂଶବିଶେଷ ଥିଲା ପାଲେଷ୍ଟାଇନ୍। ମହାଯୁଦ୍ଧରେ ପରାଜୟ ପରେ ଅଟୋମାନ ସାମ୍ରାଜ୍ୟର ଭବିଷ୍ୟତ ନିର୍ଦ୍ଧାରଣକାରୀ ପାଲଟିଗଲା ବ୍ରିଟେନ। ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ଉତ୍ପନ୍ନ ହୋଇଥିବା ଜଟିଳସ୍ଥିତି ଦୀର୍ଘ ସମୟ ଯାଏ ଏହି ଅଞ୍ଚଳବାସୀଙ୍କ ପାଇଁ ଆଣିଥିଲା ଦାରୁଣ ଦୁଃଖ। କାରଣ ପାଲେଷ୍ଟାଇନ୍‌ରେ ଯଦିଓ ଆରବୀମାନେ ରହି ଆସୁଥିଲେ ହେଲେ ଐତିହାସିକ ଏବଂ ଧାର୍ମିକ ସମ୍ପର୍କ ଆଧାରରେ ଏହା ଉପରେ ହକ୍ ସାବ୍ୟସ୍ତ କରି ଆସୁଥିଲେ ଇହୁଦୀ। ଇସ୍ରାଏଲ ଏକ ସ୍ୱତନ୍ତ୍ର ରାଷ୍ଟ୍ର ମାନ୍ୟତା ପାଇବାର ବହୁ ପୂର୍ବରୁ ଅର୍ଥାତ୍ ବିଂଶଶତାବ୍ଦୀର ପ୍ରାରମ୍ଭରେ ଏହି ଅଞ୍ଚଳକୁ ସାରା ବିଶ୍ୱରୁ ହଜାର ହଜାର ଇହୁଦୀଙ୍କ ଆଗମନ ଆରମ୍ଭ ହୋଇଥିଲା। ଏହି ସମୟ ଇହୁଦୀଙ୍କ ପାଇଁ ଥିଲା ବେଶ୍ କଷ୍ଟକର। ତତ୍କାଳୀନ ସମୟରେ ୟୁରୋପ ଏବଂ ରୁଷିଆର ତାଡ଼ନାର ଶିକାର ହେଉଥିଲେ ଲକ୍ଷାଧିକ ଇହୁଦୀ ପରିବାର। ୪୦ ଦଶକରେ ଜର୍ମାନୀରେ ନାଜିସେନା ସେମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ଆରମ୍ଭ କଲା। ଫଳରେ ପ୍ରାଣ ବିକଳରେ ସମ୍ପୃକ୍ତ ଦେଶରୁ ଇହୁଦୀ ଗଣପଳାୟନ କରିବା ଆରମ୍ଭ କରିଥିଲେ। ସେମାନେ ପାଲେଷ୍ଟାଇନ୍ ଅଞ୍ଚଳକୁ ଆସି ସ୍ଥାୟୀ ବସତି ସ୍ଥାପନ କରି ରହିବା ଆରମ୍ଭ କରିଥିଲେ।



ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପାଲେଷ୍ଟାଇନ୍‌ର ଭାଗ୍ୟ ନିର୍ଦ୍ଧାରଣ କରିବାକୁ ମିଳିତ ଜାତିସଂଘର ପରାମର୍ଶ ଲୋଡ଼ିଲା ବ୍ରିଟେନ। ଏହି ସମୟରେ ଇହୁଦୀ ବହୁଳ ଅଞ୍ଚଳକୁ ସ୍ୱତନ୍ତ୍ର ରାଷ୍ଟ୍ର ମାନ୍ୟତା ଦେବାକୁ ସମ୍ପ୍ରଦାୟ ପକ୍ଷରୁ ଦାବି ଜୋର୍ ଧରିଲା। ବିଦ୍ରୋହର ସୂତ୍ରପାତ ମଧ୍ୟ ହେଲା। ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ମିଳିତ ଜାତିସଂଘ ପାଲେଷ୍ଟାଇନ୍‌କୁ ଦୁଇ ଭାଗରେ ବିଭକ୍ତ କରିବାକୁ ପରାମର୍ଶ ଦେଇଥିଲା। ଏହାକୁ ଆରବୀ ସମ୍ପ୍ରଦାୟ ପ୍ରବଳ ବିରୋଧ କରିଥିଲେ। ହେଲେ ଇହୁଦୀ ନେତା ମିଳିତ ଜାତିସଂଘର ପ୍ରସ୍ତାବକୁ ସ୍ୱୀକାର କରି ନେଇଥିଲେ ଏବଂ ନିଜ ଭାଗରେ ପଡ଼ିଥିବା ଅଞ୍ଚଳକୁ ଇସ୍ରାଏଲ ରାଷ୍ଟ୍ର ଭାବେ ଘୋଷଣା କରିଦେଇଥିଲେ। ଏହି ପ୍ରସଙ୍ଗରେ ଇହୁଦୀଙ୍କୁ ଆମେରିକା ଖୋଲାଖୋଲି ସମର୍ଥନ କରିବା ପରେ ଇସ୍ରାଏଲ ପଲା ଭାରି ହୋଇଥିଲା।

କ୍ଷେତ୍ରଫଳ ତୁଳନାରେ ଇସ୍ରାଏଲ ଭାରତୀୟ ରାଜ୍ୟ ହରିୟାଣାଠାରୁ ମଧ୍ୟ ଛୋଟ। ଏହାର ମୋଟ ଜନସଂଖ୍ୟା ପାଖାପାଖି ୮୫ ଲକ୍ଷ। ଇସ୍ରାଏଲ ପାଖରେ ନା ଅଛି ଖଣିଜ ସମ୍ପଦ ନା ଅଛି ଉର୍ବର ମୃତ୍ତିକା। ପ୍ରତିକୂଳ ପରିବେଶ ସତ୍ତ୍ୱେ ଏକତା, ଦେଶଭକ୍ତି ପାଇଁ ଇସ୍ରାଏଲ ଏବେ ବେଶ୍ ସମୃଦ୍ଧିଶାଳୀ। କୃଷି, ବିଜ୍ଞାନ, ବୈଷୟିକ ଜ୍ଞାନକୌଶଳ ସମେତ ଅଧିକାଂଶ କ୍ଷେତ୍ରରେ ଏହି ଦେଶ ଏବେ ଉଦାହରଣ। ଇସ୍ରାଏଲ ପ୍ରଥମେ ଆମେରିକାକୁ କମଳା, କିରୋସିନ ଷ୍ଟୋଭ ଏବଂ ନକଲି ଦାନ୍ତ ରପ୍ତାନି କରିବା ଆରମ୍ଭ କରିଥିଲା। ଏହାକୁ ଦେଖି ଅନେକ ସମୃଦ୍ଧିଶାଳୀ ରାଷ୍ଟ୍ର ଅଟ୍ଟହାସ୍ୟ କରୁଥିଲେ। ହେଲେ ଏହା ଭୁଲ୍ ପ୍ରମାଣିତ ହୋଇଛି। ଆଧୁନିକ ସମୟରେ ଅନେକ ଔଷଧର ପେଟେଣ୍ଟ ରହିଛି ଇସ୍ରାଏଲ ହାତରେ। ଘାତକ ଯୁଦ୍ଧାସ୍ତ୍ର ପ୍ରସ୍ତୁତ କରିବାରେ ଏହା ଆମେରିକାର ସମକକ୍ଷ ହୋଇପାରିଛି। କେବଳ ଏତିକି ନୁହେଁ, ନିଜର ମୋଟ ଜିଡିପିର ୪.୫% ରିସର୍ଚ୍ଚରେ ଖର୍ଚ୍ଚ ମଧ୍ୟ କରୁଛି।

## ସେନା ପାଇଁ ସମର୍ପିତ

ଇସ୍ରାଏଲବାସୀ ସେନା ପାଇଁ ସମର୍ପିତ। ପୁରୁଷ ହେଉ ଅଥବା ମହିଳା, ସୈନ୍ୟବାହିନୀରେ ସାମୟିକ ଭାବେ କାର୍ଯ୍ୟ କରିବା ସମସ୍ତଙ୍କ ପାଇଁ ଅନିର୍ବାଯ୍ୟ। ଚତୁଃପାର୍ଶ୍ୱରେ ଘେରି ରହିଥିବା ମୁସଲମାନ ରାଷ୍ଟ୍ର ନିକଟରୁ ବିପଦ ଆଶଙ୍କା କରି ଇସ୍ରାଏଲ ସବୁବେଳେ ନିଜର ସୁରକ୍ଷାକୁ ଅଗ୍ରାଧିକାର ଦେଇଆସିଛି। ନିଜର ସର୍ବୋତ୍ତମ ପ୍ରତିରକ୍ଷା ପ୍ରଣାଳୀ ପାଇଁ ମଧ୍ୟପ୍ରାଚ୍ୟର ସବୁଠାରୁ ସୁରକ୍ଷିତ ରାଷ୍ଟ୍ର ପାଲଟିଛି ଏହି ଦେଶ। ଏଠାରେ ବିକଶିତ ଟ୍ୟାଙ୍କ, ମିଶାଇଲ, ଲଢୁଆ ବିମାନ, ଯୁଦ୍ଧାସ୍ତ୍ରର ଚାହିଦା ସାରା ବିଶ୍ୱରେ ରହିଛି। ମହାକାଶ ଗବେଷଣାରେ ମଧ୍ୟ ମାଇଲଖୁଣ୍ଟ ହାସଲ କରିଛି ଏହି ଦେଶ। ୧୯୮୯ରେ ଇସ୍ରାଏଲ ପୃଥିବୀର ଅଷ୍ଟମ ଦେଶ ଭାବେ ମହାକାଶକୁ ସଫଳତାର ସହ ଉତ୍‌ପ୍ରେକ୍ଷଣ କରିଥିଲା ଗୋଇନ୍ଦା ଉପଗ୍ରହ। ଏଭଳି ଉପଗ୍ରହ ପ୍ରଣାଳୀ ବିକଶିତ କରିବାରେ ଅନେକ ଦେଶକୁ ପଛରେ ଛାଡ଼ିଦେଇଛି ଏହି ରାଷ୍ଟ୍ର। ସେହିପରି ୭୦ ଦଶକରେ ପରମାଣୁ ଅସ୍ତ୍ର ପ୍ରସ୍ତୁତ କରି ବିଶ୍ୱକୁ ଚମକାଇ ଦେଇଥିଲା ଇସ୍ରାଏଲ। ଏବେ ଏହା ପାଖରେ ପାଖାପାଖି ୮୦ଟି ପରମାଣୁ ବୋମା ରହିଥିବା ୱାଶିଂଟନସ୍ଥିତ ଆର୍ମି କଣ୍ଟ୍ରୋଲ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ମେଡିକାଲ କ୍ଷେତ୍ରରେ ଇସ୍ରାଏଲୀ ଉପକରଣର ବିକଳ୍ପ ନାହିଁ। ଏହାର ମୋଟ ଜିଡିପି ୩୧୮.୭ ବିଲିୟନ ଡଲାର। ଆର୍ଥିକ ବିକାଶ ହାର ପାଖାପାଖି ୪%। ତେଣୁ ହଂକଂ, ଦକ୍ଷିଣକୋରିଆ ପରେ ଏହାର ଅର୍ଥବ୍ୟବସ୍ଥାକୁ ସବୁଠୁ ସ୍ଥିର ବୋଲି ବିଚାର କରାଯାଏ।

ଘର ପାଇଁ ଜଣେ ଭଦ୍ର ହିନ୍ଦୁ ମହିଳା କେୟାରଟେକର ଆବଶ୍ୟକ।
ବୟସ: ସର୍ବନିମ୍ନ ୧୮ ବର୍ଷ ଏବଂ ଶିକ୍ଷା: ୯ମରୁ ଗ୍ରାଜୁଏଟ୍।
କଲ୍: 9238482524, 8895182524

URGENTLY REQUIRED
Electronic Breaker n Drill Operator, Cor Cutter RCC cutting Operator, Waterproofing known workers having all type grouting knowledge. All rounder Masson n Labourers on salary basis or wages basis. Whatsapp full photo n cv
9090732020, 9238482524

REQUIRED
Marketing Executives (M/F) 20 Nos. for all Odisha, Civil Engineer (F/M), Architect, Supervisor, Office Asst. Manager Male, Lady PA (Btech/ Diploma/ MBA/ BBA), Peon male. Send your cv n photo to rggroups2@gmail.com or call / whatsapp 9090732020, 9238482524, 9090964245.

## କେଶ କଟା ପସନ୍ଦ ନ ହେବାରୁ ପୋଲିସ ଡାକିଲେ କୁନିବାଳକ

ଚାଇନାର ଜଣେ ଛୋଟ ପିଲା ହେୟାର ଷ୍ଟାଇଲ୍‌କୁ ନେଇ ଏତେ ରାଗିଗଲା ଯେ,



ଶେଷରେ ପୋଲିସ ଡାକିଥିଲା। ଏହି ଘଟଣା ଚାଇନାର ଦକ୍ଷିଣ-ପଶ୍ଚିମ ଅଞ୍ଚଳ ଅଂଶୁନ ନାମକ ଏକ ସହରରେ ଘଟିଛି।

ଏକ ରିପୋର୍ଟ ଅନୁଯାୟୀ, ଯେତେବେଳେ ବାରିକ ଜଣକ ପିଲାଟିର କେଶ କାଟିଲେ ପିଲାଟି ଏହାକୁ ଆଇନାରେ ଦେଖୁଥିଲା। କିନ୍ତୁ ଯେତେବେଳେ କେଶଗୁଡ଼ିକ ଛୋଟ ହୋଇଗଲା ଆଉ ହେୟାର ଷ୍ଟାଇଲ୍‌ଟା ମନକୁ ଗଲା ନାହିଁ, ସେ ରାଗି ପାଚି ନିଆଁ ହୋଇଗଲା। ପରେ ପିଲାଟି ଜୋର୍‌ରେ ପାଟି କରିବାକୁ ଲାଗିଲା। କେଶ କଟା ମନକୁ ନ ଯିବାରୁ ସେ ପୋଲିସକୁ ଡାକିଲା। କିଛି ସମୟ ପରେ ପୋଲିସ ପହଞ୍ଚି ମାମଲାର ଦଫାରଫା କରିଥିଲା।



## ସଚେତନ କରାଇଲେ ଚିରଞ୍ଜୀବୀ

**ଚେନ୍ନାଇ:**

ଲକ୍‌ଡାଉନ ସମୟରେ ଲୋକମାନେ ଘରେ ରହିବା ପାଇଁ ମେଗାଷ୍ଟାର ଚିରଞ୍ଜୀବି ଅନୁରୋଧ କରିଛନ୍ତି। ସେ ଶୁକ୍ରବାର କୋଭିଡ୍-୧୯ର ଏକ ଗାଇଡ୍‌ଲାଇନ ଶେୟାର କରି ଏହାକୁ ସମସ୍ତେ ପାଳନ କରିବା ପାଇଁ କହିଛନ୍ତି। ସୋସିଆଲ ମିଡିଆରେ ଏକ ଭିଡିଓ ବାର୍ତ୍ତା ଶେୟାର କରି ଚିରଞ୍ଜୀବି ସେଥିରେ ତେଲଙ୍ଗାନାର ଜନସାଧାରଣଙ୍କୁ ଲକ୍‌ଡାଉନ ବେଳେ ବାହାରକୁ ନ ଯାଇ ଘରେ ନିରାପଦରେ ରହିବା ଲାଗି ନିବେଦନ କରିଛନ୍ତି। ଏହା ବ୍ୟତୀତ କୋଭିଡ୍ ପଜିଟିଭ୍ ରୋଗୀ କିପରି ନିଜର ଯତ୍ନ ନେବେ ଓ କେତେବେଳେ ହସ୍ପିଟାଲରେ ଭର୍ତ୍ତି ହେବା ଆବଶ୍ୟକ ସେ ସମ୍ପର୍କରେ ମଧ୍ୟ ମେଗାଷ୍ଟାର ପରାମର୍ଶ ଦେଇଛନ୍ତି। ସମସ୍ତେ ଟିକା ନେବା ପାଇଁ ଏବଂ ପ୍ଲାଜ୍‌ମା ଦାନ କରିବା ଲାଗି ସେ ପ୍ରୋତ୍ସାହିତ କରିଛନ୍ତି। ଗତବର୍ଷ ମାର୍ଚ୍ଚରୁ ଚିରଞ୍ଜୀବି କରୋନା ଯୋଗୁ ଅସୁବିଧାରେ ପଡ଼ିଥିବା ଲୋକଙ୍କୁ ସହାୟତା କରିଆସୁଛନ୍ତି। ସେ କରୋନା କ୍ରାଇସିସ୍ ଚ୍ୟାରିଟି ନାମରେ ଏକ ସଂସ୍ଥା ଗଠନ କରିଛନ୍ତି। ଏହା ମାଧ୍ୟମରେ ସେ ଟଲିଉଡ଼ର ହଜାର ହଜାର କର୍ମଚାରୀଙ୍କୁ ସହାୟତା କରିଛନ୍ତି। ଏବେ ସେ କରୋନା ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କାର୍ଯ୍ୟରେ ନିୟୋଜିତ ଅଛନ୍ତି।

**GOVERNMENT OF ODISHA**
**“e”-PROCUREMENT NOTICE**
**OFFICE OF THE SUPERINTENDING ENGINEER, KHORDHA (R&B) CIRCLE, KHORDHA**
**WORKS DEPARTMENT**
**TENDER CALL NOTICE**
**E-mail: rbcirclekhurda@gmail.com**
**Bid Identification No. SE-Khordha (R&B) Circle-01/2021-22**
**Memo No. - 690 Dt.06.05.2021**

No.B-82:- The Superintending Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Building works as detailed in the table below:

1. Nature of work : Building Works
2. No. of work : 3 Nos.
3. Tender cost : Rs.10000.00 (On-Line)
4. Class of contractor : B Class, A Class & Special Class
5. Available of bid document in the website : From Dt. 20.05.2021 10.00 AM to Dt. 31.05.2021 05.00 P.M.
6. Date of opening of bid : Dt. 01.06.2021 at 11.30 A.M.
7. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website.

**Superintending Engineer, Khordha (R&B) Circle, Khordha**
OIPR-34127/11/0001/2122

ଧରିତ୍ରୀ
DHARITRI
ଶନିବାର, ୧୫ ମେ, ୨୦୨୧

**କେରଳ ବଢ଼ାଇଲା ଲକ୍‌ଡାଉନ୍ ଅବଧି**

କେରଳରେ କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଗତ ୮ ତାରିଖରେ ଆରମ୍ଭ ହୋଇଥିବା ଲକ୍‌ଡାଉନ୍‌ର ଅବଧିକୁ ମେ ୨୩ ପର୍ଯ୍ୟନ୍ତ ବଢ଼ାଯାଇଛି। ସଂକ୍ରମଣର ମୁକାବିଲା ପାଇଁ ଚଳିତ ମାସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ କହିଛନ୍ତି।



## ସଂକ୍ଷେପରେ

### ମସ୍‌ଜିଦରେ ବିସ୍ଫୋରଣ: ୧୨ ମୃତ

**କାବୁଲ,୧୪।୫:** ଆଫଗାନିସ୍ତାନ ରାଜଧାନୀ କାବୁଲସ୍ଥିତ ଏକ ମସ୍‌ଜିଦରେ ଶୁକ୍ରବାର ଆତଙ୍କବାଦୀ ଆକ୍ରମଣ ହୋଇଛି। ସମୂହ ନମାଜପାଠ ବେଳେ ବିସ୍ଫୋରଣରେ ୧୨ ଶ୍ରଦ୍ଧାଳୁ ନିହତ ଓ ୧୫ ଆହତ ହୋଇଛନ୍ତି। ତାଲିବାନ ଓ ଆଫ୍‌ଗାନ ସେନା ମଧ୍ୟରେ ସାମୟିକ ଅସ୍ତ୍ରବିରତି ଲାଗିରହିଥିବାବେଳେ ଏହା ହେଉଛି ସବୁଠୁ ବଡ଼ ବିସ୍ଫୋରଣ। ମେ' ୧ରୁ ଆମେରିକା ଆଫଗାନିସ୍ତାନରୁ ୨,୫୦୦ ସୈନ୍ୟ ପ୍ରତ୍ୟାହାର କରିବାରେ ଲାଗିଛି। ଏଭଳି ସମୟରେ କାବୁଲ ପ୍ରଦେଶର ଶକାର ଦରାହ ଜିଲାରେ ଥିବା ଏହି ମସ୍‌ଜିଦ୍‌କୁ ତାଲିବାନ ଆତଙ୍କବାଦୀ ଟାର୍ଗେଟ କରିଥିବା କୁହାଯାଉଛି।

### ଶପଥ ନେଲେ ଓଲି



**କାଠମାଣ୍ଡୁ, ୧୪।୫(ପି.ଟି.):** ପାର୍ଲାମେଣ୍ଟରେ ଆସ୍ଥାଭୋଟ ହାରିବାର ଦିନ କେଇଟା ପରେ ନେପାଳ ପ୍ରଧାନମନ୍ତ୍ରୀ ଭାବେ କେ.ପି. ଶର୍ମା ଓଲି ଶୁକ୍ରବାର ଶପଥ ନେଇଛନ୍ତି। ରାଷ୍ଟ୍ରପତି ବିଦ୍ୟାଦେବୀ ଭଣ୍ଡାରୀ ୬୯ ବର୍ଷୀୟ ଓଲିଙ୍କୁ ଦେଶର ୪୩ତମ ପ୍ରଧାନମନ୍ତ୍ରୀ ଭାବେ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ନେପାଳ ପ୍ରତିନିଧି ସଭାରେ ସର୍ବବୃହତ୍ ରାଜନୈତିକ ଦଳର ନେତା ଭାବେ ଓଲିଙ୍କୁ ଗୁରୁବାର ରାତିରେ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ଦେଇଥିଲେ ରାଷ୍ଟ୍ରପତି। ସିପିଏନ୍-ୟୁଏମ୍‌ଏଲ୍ ଅଧକ୍ଷ ଓଲି ଗତ ସୋମବାର ଆସ୍ଥାଭୋଟରେ ପରାଜିତ ହୋଇଥିଲେ। ଏବେ ସେ ପୁନର୍ବାର ପ୍ରଧାନମନ୍ତ୍ରୀ ପଦରେ ଅବସ୍ଥାପିତ ହୋଇଥିବାରୁ ୩୦ ଦିନ ମଧ୍ୟରେ ଗୃହରେ ସଂଖ୍ୟାଗରିଷ୍ଠତା ଦେଖାଇବାକୁ ପଡ଼ିବ।

### କରୋନାରେ ଅଗ୍ନିଶମ ବାହିନୀ ମୁଖ୍ୟଙ୍କ ପରଲୋକ

**ନୂଆଦିଲ୍ଲୀ,୧୪।୫:** ଅଗ୍ନିଶମ ସେବା, ସିଭିଲ୍ ଡିଫେନ୍ସ ଓ ହୋମ୍ ଗାର୍ଡ ମୁଖ୍ୟ ମହମ୍ମଦ ଜାୱେଦ୍ ଅଖ୍‌ତାରଙ୍କ ଶୁକ୍ରବାର ସକାଳେ କରୋନାରେ ପରଲୋକ ହୋଇଛି। ୧୯୮୬ ବ୍ୟାଚ୍ ଉତ୍ତରପ୍ରଦେଶ କ୍ୟାଡରର ବରିଷ୍ଠ ଆଇପିଏସ୍ ଅଧିକାରୀ ଅଖ୍‌ତାରଙ୍କୁ ୫୯ ବର୍ଷ ହୋଇଥିଲା। ସେ ଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଜୁଲାଇରେ ସେ ଅବସର ନେଇଥାଆନ୍ତେ।

### ଜାପାନୀ ଖବରଦାତାଙ୍କୁ ମୁକ୍ତ କଲା ମ୍ୟାନ୍‌ମାର



**ଟୋକିଓ,୧୪।୫:** ମ୍ୟାନ୍‌ମାରରେ ରିପୋର୍ଟିଂ କରୁଥିବାବେଳେ ଗିରଫ ହୋଇଥିବା ଜାପାନର ଖବରଦାତା ୟୁକି କିଗାଜୁମି ମୁକ୍ତ ହୋଇଛନ୍ତି। ସେ ଶୁକ୍ରବାର ଟୋକିଓସ୍ଥିତ ବାସଭବନକୁ ଫେରିଛନ୍ତି। ଜାପାନର କୂଟନୀତିଜ୍ଞଙ୍କ ଉଦ୍ୟମ ପରେ ଟୋକିଓ ସହ ବନ୍ଧୁତା ଦୃଷ୍ଟିରୁ ମ୍ୟାନ୍‌ମାରର ଶାସକ ଜୁଣ୍ଟା ତାଙ୍କୁ ଛାଡ଼ିଥିବା କୁହାଯାଉଛି। ପ୍ରକାଶ ଯେ, ଗତ ଫେବୃୟାରୀ ୧ରେ ମ୍ୟାନ୍‌ମାର ସେନା ନିର୍ବାଚିତ ସରକାରକୁ ବରଖାସ୍ତ କରି ଶାସନ ମୁଖ୍ୟ ଅଙ୍ଗ୍ ସାନ୍ ସ୍ୟୁଚୀଙ୍କୁ ଗିରଫ କରିବା ପରଠୁ ଦେଶରେ ଆନ୍ଦୋଳନ ଚାଲିଛି। ଏହାକୁ ଦୃଷ୍ଟିରେ ରଖି ସେନା ଗଣମାଧମ ଉପରେ କଟକଣା ଜାରି କରିଛି।

### 'ଆମେ କ'ଣ ବେକରେ ଦଉଡ଼ି ଲଗାଇ ମରିବୁ'



**ବେଙ୍ଗାଲୁରୁ,୧୪।୫:** ଲୋକଙ୍କୁ କୋଭିଡ୍-୧୯ ଭାକ୍ସିନ ନ ମିଳିଲେ ଆମେ କ'ଣ ବେକରେ ଦଉଡ଼ି ଲଗାଇ ମରିବୁ? ଏହା ହେଉଛି କେନ୍ଦ୍ରମନ୍ତ୍ରୀ ଡି.ଭି. ସଦାନନ୍ଦ ଗୌଡ଼ାଙ୍କ ପ୍ରଶ୍ନ। କେନ୍ଦ୍ର ରସାୟନ ଓ ସାର ମନ୍ତ୍ରୀ ସଦାନନ୍ଦ ଗୌଡ଼ା ଗୁରୁବାର ବେଙ୍ଗାଲୁରୁରେ ଟିକା ସଙ୍କଟ ନେଇ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଉଥିଲେ। ସେ ବିରକ୍ତ ହୋଇ କହିଥିଲେ, ଦେଶର ସମସ୍ତଙ୍କୁ ଭାକ୍ସିନ ଦିଆଯିବା ଉଚିତ ବୋଲି କୋର୍ଟ କହିଛନ୍ତି। ଆସନ୍ତା କାଲି କୋର୍ଟ ଭାକ୍ସିନ ଦେବାକୁ କହିବେ। ଯଦି ତାହା ଉତ୍ପାଦନ ହୋଇ ନ ପାରିଲା ଆମେ କ'ଣ ଫାଶୀ ଲଗାଇ ଆତ୍ମହତ୍ୟା କରିବୁ।

## ୭୫୮ କୋଟିରେ ଗଲା ପିକାସୋଙ୍କ ପେଣ୍ଟିଂ



ନ୍ୟୁୟର୍କସ୍ଥିତ କ୍ରିଷ୍ଟିଜ୍ ଅକ୍ସନ ହାଉସ୍ ପକ୍ଷରୁ ଆୟୋଜିତ ନିଲାମିରେ ପ୍ରସିଦ୍ଧ ଚିତ୍ରକର ପାବ୍ଲୋ ପିକାସୋଙ୍କ ପେଣ୍ଟିଂ 'ଓମ୍ୟାନ୍ ସିଟିଂ ବାଇ ଦି ୱିଣ୍ଡୋ' ୧୦.୩୪ କୋଟି ଡଲାର (ପ୍ରାୟ ୭୫୮ କୋଟି ଟଙ୍କା)ରେ ବିକ୍ରି ହୋଇଛି। ଏହା ୫୫ ନିୟୁତ ଡଲାରରେ ନିଲାମ ହେବ ବୋଲି କ୍ରିଷ୍ଟିଜ୍ ପକ୍ଷରୁ ଅନୁମାନ କରାଯାଇଥିଲା। ତେବେ ନିଲାମି ଆରମ୍ଭ ହେବାର ମାତ୍ର ୧୯ ମିନିଟ ଭିତରେ ଏହା ବିକ୍ରି ହୋଇଯାଇଛି। ସ୍ପାନିଶ୍ ପେଣ୍ଟର ପିକାସୋ(୧୮୮୧-୧୯୭୩)ଙ୍କ ଏହି ପେଣ୍ଟିଂ ଏତେ ଦାମରେ ନିଲାମ ହେବା କୋଭିଡ୍-୧୯ ସତ୍ତ୍ୱେ ଚିତ୍ରକଳା ବଜାର ପ୍ରତି ଲୋକଙ୍କ ରୁଚିକୁ ଦର୍ଶାଉଛି। ୧୯୩୨ରେ ଏହି ଚିତ୍ର ସମ୍ପୂର୍ଣ୍ଣ ହୋଇଥିଲା। ତାଙ୍କର ଅନ୍ୟୂନ ୫ ପେଣ୍ଟିଂ ୧୦ କୋଟି ଡଲାରରୁ ଅଧିକ ମୂଲ୍ୟରେ ନିଲାମ ହୋଇସାରିଛି।

## ୩୩ କୋଟି ଦେବଦେବୀ ତଥାପି ଅକ୍ସିଜେନ ସଙ୍କଟ

ଫ୍ରାନ୍ସର ପ୍ରସିଦ୍ଧ ବ୍ୟଙ୍ଗ ପତ୍ରିକା 'ଶାର୍ଲି ହେବ୍‌ଡୋ' ଭାରତରେ କୋଭିଡ୍ ସଙ୍କଟ ବେଳେ ଲାଗିରହିଥିବା ଅମ୍ଳଜାନ ସଙ୍କଟକୁ ନେଇ କଟାକ୍ଷ କରିଛି। ଦେଶରେ ୩୩ କୋଟି ଦେବଦେବୀ ଅଛନ୍ତି। ମାତ୍ର କେହି ଜଣେ ହେଲେ ମେଡିକାଲ ଅକ୍ସିଜେନ ଉତ୍ପାଦନ କରିପାରୁନାହାନ୍ତି। ଅକ୍ସିଜେନ ଅଭାବରୁ ଭାରତୀୟମାନେ ମରୁଥିବା ଦର୍ଶାଯାଇ ଏଥିରେ ତାଚ୍ଛଲ୍ୟ କରାଯାଇଛି। ତେବେ ଏପ୍ରିଲ ୨୮ରେ ପ୍ରକାଶିତ ଏହି କାର୍ଟୁନରେ ୩୩ କୋଟି ପରିବର୍ତ୍ତେ ୩୩ ନିୟୁତ ବା ୩.୩ କୋଟି ଲେଖାଯାଇଛି। ସୋସିଆଲ ମିଡିଆରେ ଏହା ଭାଇରାଲ ହୋଇଛି। ଟୁଇଟରରେ କେତେଜଣ ୟୁଜର୍ସ ଏହାକୁ ଭାରତୀୟ ଦେବଦେବୀଙ୍କ ଅପମାନ କହି 'ଶାର୍ଲି ହେବ୍‌ଡୋ'କୁ ବର୍ଜନ ପାଇଁ ଦାବି କରିଥିବାବେଳେ ଆଉ କେତେକେ ଏହାକୁ ଅଭିବ୍ୟକ୍ତି ସ୍ୱାଧୀନତା ଦର୍ଶାଇ ସମର୍ଥନ କରିଛନ୍ତି।




# ସହରରୁ ଗାଁ କରୋନା କାୟା

ଗ୍ରାମାଞ୍ଚଳର ଲୋକେ ଅସୁସ୍ଥ ହେଲେ ଉନ୍ନତ ସ୍ୱାସ୍ଥ୍ୟସେବା ଆଶାରେ ସହରକୁ ଚିକିତ୍ସା ପାଇଁ ଯାଇଥାଆନ୍ତି। କିନ୍ତୁ ବଡ଼ ବଡ଼ ସହରରେ ମହାମାରୀର ଦ୍ୱିତୀୟ ଲହର ବୋଝ ସମ୍ଭାଳି ନ ପାରି ସ୍ୱାସ୍ଥ୍ୟ ଭିତ୍ତିଭୂମି ଭୁଶୁଡ଼ି ପଡ଼ିଥିବାରୁ ଗାଁରେ ରହୁଥିବା ସଂକ୍ରମିତମାନେ ଏବେ ଚିନ୍ତାରେ ପଡ଼ିଯାଇଛନ୍ତି । ଗାଁ ଗହଳିର ଛୋଟିଆ ହସ୍ପିଟାଲ ବାରଣ୍ଡାରେ ପରିଜନଙ୍କ ମୃତଦେହ ରଖି ଆତ୍ମୀୟସ୍ୱଜନ ଭୋ ଭୋ କାନ୍ଦୁଥିବାର କରୁଣ ଚିତ୍ର ଟିଭିରେ ଦେଖିବାକୁ ମିଳୁଛି । ମୃତକଙ୍କ ପରିବାର ଲୋକେ କହୁଛନ୍ତି, ସରକାର ତ ନାକ ତଳ ସହରୀଙ୍କୁ ଚିକିତ୍ସା କରିପାରୁ ନାହାନ୍ତି, ଆମ କଥା କିଏ ପଚାରେ ।



**ନୂଆଦିଲ୍ଲୀ,୧୪।୫**

ଦେଶରେ ନୋଭେଲ କରୋନା ଭାଇରସ୍‌ର ଦୌରାତ୍ମ୍ୟ କମିବାର ନାଁ ନେଉନାହିଁ। ଭାକ୍ସିନ, ଅକ୍ସିଜେନ ଓ ଅନ୍ୟ ଜରୁରୀ ଡାକ୍ତରୀ ଉପକରଣର ଅଭାବ ଜନଜୀବନକୁ ଦୁର୍ବିଷହ କରିଦେଇଛି। ଗାଁରୁ ସହର ସବୁଠି ସଂକ୍ରମଣର ଆତଙ୍କ ଓ ମୃତ୍ୟୁର ବିଭୀଷିକା ଭାରତର ଦୁର୍ବଳ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଅସଲ ଚିତ୍ରକୁ ପଦାରେ ପକାଇଛି। ଶୁକ୍ରବାର ପୂର୍ବାହ୍ନ ୧୦ଟା ସୁଦ୍ଧା (୨୪ ଘଣ୍ଟାର ରେକର୍ଡ)କୁ ଦେଖି ନିରାଶ ହେବାକୁ ପଡ଼ିଛି। କୋଭିଡ୍-୧୯ ଭୂତାଣୁ ଦେଶରେ ଦିନକ ମଧ୍ୟରେ ୪,୦୦୦ ଜଣଙ୍କ ଜୀବନ ନେଇଛି। ଏହାସହ ମୋଟ ମୃତକଙ୍କ ସଂଖ୍ୟା ୨,୬୨,୩୧୭କୁ ବୃଦ୍ଧି ପାଇଛି। ସେହିପରି ୩,୪୩,୧୪୪ ନୂଆ ସଂକ୍ରମିତ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨,୪୦,୪୬,୮୦୯ରେ ପହଞ୍ଚିଛି। ତେବେ ଏହା କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ତଥ୍ୟ। ହିସାବ ବହିର୍ଭୂତ ସଂକ୍ରମିତ ଓ ମୃତକଙ୍କ ପ୍ରକୃତ ସଂଖ୍ୟାକୁ ଯୋଡ଼ାଗଲେ ଆହୁରି ଭୟାନକ ଚିତ୍ର ସାମ୍ନାକୁ ଆସିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ମତରେ ଦିନକ ଭିତରେ ପୃଥିବୀର ମୋଟ ସଂକ୍ରମଣର ୫୦% ଓ ମୃତ୍ୟୁସଂଖ୍ୟାର ୩୦% କେବଳ ଭାରତରେ ରହିଛି।

କୋଭିଡ୍ ପ୍ରହାରରେ ଭାରତର ଗ୍ରାମାଞ୍ଚଳ ଛାରଖାର ହୋଇଯାଇଛି। ତୁରନ୍ତ ବ୍ୟବସ୍ଥା ନ କଲେ ସ୍ଥିତି ଆହୁରି ଖରାପ ହେବ ବୋଲି ଜଳଜଳ ଦିଶୁଛି। ଏଥିଲାଗି ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଭୂପିନ୍ଦର ସିଂ ହୁଡା ଲେଖିଛନ୍ତି, କେନ୍ଦ୍ର ସରକାର ବିକେନ୍ଦ୍ରୀକରଣ ଉପରେ ଗୁରୁତ୍ୱ ଦେବା ଜରୁରୀ ହୋଇପଡ଼ିଛି। ରାଜ୍ୟଗୁଡ଼ିକ ମଧ୍ୟ ସମସ୍ତ ତଥ୍ୟ ହାସଲ କରନ୍ତୁ। ନିଜ ଦକ୍ଷତା ବୃଦ୍ଧି ସହ ପଞ୍ଚାୟତଗୁଡ଼ିକୁ କୋଭିଡ୍ ମୁକାବିଲାର ମୁଖ୍ୟାଳୟ ରୂପେ ବ୍ୟବହାର କରନ୍ତୁ। କେନ୍ଦ୍ର ଓ ରାଜ୍ୟ ସରକାରମାନେ ସମନ୍ୱୟ ରକ୍ଷା କରି ସଂକ୍ରମଣ ରୋକିବା ଦିଗରେ ଉଦ୍ୟମ କରନ୍ତୁ। ଦେଶର ୭୫% ହସ୍ପିଟାଲ ସହରାଞ୍ଚଳରେ ରହିଛି। ବର୍ତ୍ତମାନ ସେଗୁଡ଼ିକର ଅବସ୍ଥା ନ କହିବା ଭଲ। ଅବଶିଷ୍ଟ ୨୫% ଡାକ୍ତରଖାନା ଥିବା ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିପାରିଲେ ସ୍ଥିତିରେ ସୁଧାର ଆସିପାରେ।

### କରୋନା ଅପ୍‌ଡେଟ୍



**ନୂଆ ମାମଲା:** ୩ ଲକ୍ଷ ୪୩ ହଜାର
**ମୃତ୍ୟୁ ସଂଖ୍ୟା:** ୪ ହଜାର
**ସକ୍ରିୟ ମାମଲା:** ୩୭ ଲକ୍ଷ ୪ ହଜାର+
**ଭାକ୍ସିନ ନେଲେଣି:** ୧୭ କୋଟି ୯୨ ଲକ୍ଷ+
**ମୋଟ ସଂକ୍ରମିତ:** ୨ କୋଟି ୪୦ ଲକ୍ଷ+
**ମୋଟ ମୃତ୍ୟୁ:** ୨ ଲକ୍ଷ ୬୨ ହଜାର+
ତା.୧୪.୫.୨୦୨୧ ପୂର୍ବାହ୍ନ ୧୦ଟା ସୁଦ୍ଧା (୨୪ ଘଣ୍ଟାର ରେକର୍ଡ)

- ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ରିପୋର୍ଟ ଅନୁସାରେ ଗ୍ରାମାଞ୍ଚଳରେ ନୂଆ ସଂକ୍ରମଣ ମାମଲା ୩୬% ଥିଲା। ଚଳିତମାସରେ ଏହା ୪୮ ପ୍ରତିଶତକୁ ବୃଦ୍ଧି ପାଇଛି।
- ଭାରତର ମୋଟ ଜନସଂଖ୍ୟାର ୬୫% ଗ୍ରାମାଞ୍ଚଳରେ ବସବାସ କରନ୍ତି। କିନ୍ତୁ କରୋନା ସଂକ୍ରମଣର ଦ୍ୱିତୀୟ ଲହର ତାଣ୍ଡବ ରଚିଚାଲିଥିବାବେଳେ ସୀମିତ ସ୍ୱାସ୍ଥ୍ୟସେବା, ତାଲିମପ୍ରାପ୍ତ ଡାକ୍ତରୀ ଷ୍ଟାଫ୍‌ଙ୍କ ଅଭାବ, ଭାକ୍ସିନ ନ ପହଞ୍ଚିବା, ଟେଷ୍ଟିଂ ବ୍ୟବସ୍ଥା ନ ରହିବା ଅଭୂତପୂର୍ବ ମାନବିକ ସଙ୍କଟକୁ ଜନ୍ମ ଦେଇଛି।
- ଗାଁଗୁଡ଼ିକରେ ସଚେତନତା ଅଭାବରୁ ବହୁସଂଖ୍ୟକ ଲୋକ କୋଭିଡ୍ ଟେଷ୍ଟ ପାଇଁ ନମୁନା ଦେବାକୁ ଏବେ ମଧ୍ୟ କୁଣ୍ଠାବୋଧ କରୁଛନ୍ତି। ଏପରି କି ଟେଷ୍ଟ କରିବା ପରେ ପଜିଟିଭ୍ ଚିହ୍ନଟ ହେଲେ ମଧ୍ୟ ଅନେକେ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହେଉନାହାନ୍ତି। କରୋନାକୁ ଏକ ସାଧାରଣ ଜ୍ୱର ମନେକରି ଲୋକଙ୍କ ସହ ଅବାଧ ମିଳାମିଶା କରୁଥିବାରୁ ସଂକ୍ରମଣ ବଢ଼ିବାରେ ଲାଗିଛି।
- ଗାଁଗୁଡ଼ିକରେ କରୋନା ସଂକ୍ରମଣ ବଢ଼ିଚାଲିଲେ ପରିଣାମ କେବଳ ଜୀବନହାନିରେ ସୀମିତ ରହିବ ନାହିଁ। ସ୍ଥାନୀୟଠାରୁ ନେଇ ଜାତୀୟସ୍ତର ପର୍ଯ୍ୟନ୍ତ ଅର୍ଥନୀତି ବହୁଳ ଭାବେ ପ୍ରଭାବିତ ହେବ। ଏପରି କି ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇ ଦେଶରେ ଖାଦ୍ୟ ସଙ୍କଟ ମୁଣ୍ଡ ଟେକିବ।
- କୋଭିଡ୍‌ଜନିତ ଆହ୍ୱାନ ଗ୍ରାମାଞ୍ଚଳରେ କର୍ମନିଯୁକ୍ତି ହ୍ରାସ ସହ ଲୋକଙ୍କ ଆୟକୁ ଦୁର୍ବଳ କରିଦେବ। ତେଣୁ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଅଭାବ ଅନଟନରେ ଥିବା ଗାଁ ଲୋକଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ନଗଦ ସହାୟତା ରାଶି ପଠାନ୍ତୁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ଟିକା ନେଇଥିଲେ ମାସ୍କ ଆବଶ୍ୟକ ନାହିଁ

### ବାଇଡେନ ପ୍ରଶାସନର ନିଷ୍ପତ୍ତି

**ୱାଶିଂଟନ, ୧୪।୫(ପି.ଟି.)**

ଆମେରିକାରେ ଯେଉଁମାନେ କୋଭିଡ୍ ଟିକାର ଦୁଇଟି ଡୋଜ୍ ନେଇସାରିଛନ୍ତି, ସେମାନେ ମାସ୍କ ପିନ୍ଧିବା ଦରକାର ନାହିଁ ବୋଲି ସେଣ୍ଟରସ୍ ଫର ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ଶନ (ସିଡିସି) ପକ୍ଷରୁ ଘୋଷଣା କରାଯାଇଛି। ଆମେରିକା ମହାମାରୀ ପୂର୍ବବର୍ତ୍ତୀ ଜୀବନକୁ ଦ୍ରୁତ ବେଗରେ ଫେରୁଥିବାର ଏହା ଏକ ବଡ଼ ସୂଚନା। ଏହି ସୁପାରିସ ଉଭୟ ଘର ଭିତରେ ଓ ଘର ବାହାରେ ଲାଗୁ ହେବ। ସିଡିସିର ଘୋଷଣା ପରେ ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଉପରାଷ୍ଟ୍ରପତି କମଳା ହାରିସ ବିନା ମାସ୍କରେ ହ୍ୱାଇଟ୍ ହାଉସ୍ ରୋଜ୍ ଗାର୍ଡେନରେ ଖବରଦାତାମାନଙ୍କୁ ଭେଟିଥିଲେ। ଏହା ଏକ ବଡ଼ ସଫଳତା। ଖୁବ୍ କମ୍ ସମୟ ମଧ୍ୟରେ ଆମେ ବହୁସଂଖ୍ୟାରେ ଆମେରିକୀୟଙ୍କୁ ଟିକା ଦେବାରେ ସଫଳ ହୋଇଛୁ ବୋଲି ବାଇଡେନ୍ କହିଥିଲେ। ଯେଉଁମାନେ ସମ୍ପୂର୍ଣ୍ଣ ଟିକା ନେଇସାରିଛନ୍ତି, ସେମାନଙ୍କ ପ୍ରତି କୋଭିଡ୍ ସଂକ୍ରମଣ ବିପଦ ନଗଣ୍ୟ ବୋଲି ରାଷ୍ଟ୍ରପତି କହିଥିଲେ।

## ବଢ଼ୁଛି ବ୍ଲାକ୍ ଫଙ୍ଗସ୍ ମାମଲା

### ସଚେତନ କରାଇଲେ ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ




**ନୂଆଦିଲ୍ଲୀ, ୧୪।୫**

ମହାରାଷ୍ଟ୍ର ସମେତ ବିଭିନ୍ନ ରାଜ୍ୟରେ ବ୍ଲାକ ଫଙ୍ଗସ୍ ବା ମ୍ୟୁକୋର୍‌ମାଇକୋସିସ୍ ରୋଗ ବ୍ୟାପୁଥିବାରୁ ଏହାର ସଥିକ ଚିହ୍ନଟ ଓ ପରିଚାଳନା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ଶୁକ୍ରବାର ଜନସାଧାରଣଙ୍କୁ କେତେକ ପରାମର୍ଶ ଦେଇଛନ୍ତି। ସଚେତନତା ଓ ସଥିକ ରୋଗ ଚିହ୍ନଟ ଆରୋଗ୍ୟ ହେବାରେ ସହାୟକ ହେବ ବୋଲି ସେ କହିଛନ୍ତି। ସେ ଫଙ୍ଗସ୍ ଓ ଏହାର ଲକ୍ଷଣ ଉପରେ ୪ଟି ସ୍ଲାଇଡ୍ ଶେୟାର କରିଛନ୍ତି।

ମ୍ୟୁକୋର୍‌ମାଇକୋସିସ୍ ଫଙ୍ଗସ୍ ସଂକ୍ରମଣ ଜନିତ ଏକ ରୋଗ। ସ୍ୱାସ୍ଥ୍ୟ ସମସ୍ୟା ଏବଂ ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବା ଲୋକଙ୍କୁ ଏହି ଫଙ୍ଗସ୍ ଆକ୍ରମଣ କରିଥାଏ। ବିଶେଷ କରି ବହୁବିଧ ରୋଗ, ନିୟନ୍ତ୍ରଣ ବାହାରେ ଡାଇବେଟିସ୍, ଷ୍ଟିରଏଡ ଯୋଗୁ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥିଲେ କିମ୍ବା ଦୀର୍ଘଦିନ ଆଇସିୟୁରେ ରହିଥିଲେ ବ୍ଲାକ୍ ଫଙ୍ଗସ ସଂକ୍ରମଣ କରିବା ସମ୍ଭାବନା ଥାଏ। ଆଖି ଚାରିପଟ ଲାଲ୍ ଦେଖାଯିବା ସହ ଯନ୍ତ୍ରଣା, ଜ୍ୱର, ମୁଣ୍ଡବିନ୍ଧା, କାଶ, ନିଃଶ୍ୱାସରେ କଷ୍ଟ, ରକ୍ତ ବାନ୍ତି ହେବା ଏହି ରୋଗର ଲକ୍ଷଣ। କରୋନାରୁ ଆରୋଗ୍ୟ ହେବା ପରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଉଥିବାରୁ ବ୍ଲାକ୍ ଫଙ୍ଗସ୍ ସଂକ୍ରମଣ ମାମଲା ବିଭିନ୍ନ ରାଜ୍ୟରେ ଦେଖିବାକୁ ମିଳିଛି। ମହାରାଷ୍ଟ୍ରରେ ୨,୦୦୦ରୁ ଅଧିକ ବ୍ଲାକ୍ ଫଙ୍ଗସ ମାମଲା ରହିଥିବା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

## ପାକ୍ ଡ୍ରୋନ୍ ପକାଇଥିବା ଅସ୍ତ୍ର ଜବତ

**ନୂଆଦିଲ୍ଲୀ, ୧୪।୫(ପି.ଟି.):** ପାକିସ୍ତାନୀ ଡ୍ରୋନ୍ ଜମ୍ମୁ-କଶ୍ମୀରର ସାମ୍ବା ଜିଲା ସୀମାନ୍ତ ଅଞ୍ଚଳରେ ପକାଇଥିବା ଏକେ-୪୭ ରାଇଫଲ, ପିସ୍ତଲ ଏବଂ ଗୁଳିଗୋଳାକୁ ଶୁକ୍ରବାର ବିଏସ୍‌ଏଫ୍ ଜବତ କରିଛି। ଏହି ଅସ୍ତ୍ରଗୁଡ଼ିକ ଏକ ହଳଦିଆ ରଙ୍ଗର ପଲିଥିନ୍‌ରେ ଗୁଡ଼ାହୋଇ ପଡ଼ିଥିଲା। ଅସ୍ତ୍ର ପକାଇବା ପରେ ଡ୍ରୋନ୍‌ଟି ପାକିସ୍ତାନକୁ ଫେରିଯାଇଥିବା ସନ୍ଦେହ କରାଯାଉଛି। ପୂର୍ବରୁ ସାମ୍ବା, କଠୁଆ ଏବଂ ଜମ୍ମୁ ଜିଲା ଅନ୍ତର୍ଗତ ଅନ୍ତର୍ଜାତୀୟ ସୀମାର ବିଭିନ୍ନ ସ୍ଥାନରେ ପାକିସ୍ତାନୀ ଡ୍ରୋନ୍ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ପକାଇଥିଲା। ଗତ ଫେବୃୟାରୀ ୧୪ରେ ସାମ୍ବା ସେକ୍ଟରରେ ପକାଯାଇଥିବା ଏକ ବୋମାକୁ ବିଏସ୍‌ଏଫ୍ ଯବାନମାନେ ଉଦ୍ଧାର କରିଥିଲେ।

## ସ୍ୱପ୍ନା ସୁରେଶ ଗିରଫ

### ଏୟାର ଇଣ୍ଡିଆ କର୍ମଚାରୀଙ୍କ ବିରୋଧରେ ଆଣିଥିଲେ ମିଥ୍ୟା ଯୌନ ଉତ୍ପୀଡ଼ନ ଅଭିଯୋଗ



**ଥିରୁଭାନନ୍ତପୁରମ୍, ୧୪।୫**

ଏୟାର ଇଣ୍ଡିଆ ବିମାନର ଜଣେ କର୍ମଚାରୀଙ୍କ ବିରୋଧରେ ମିଥ୍ୟା ଯୌନ ନିର୍ଯାତନା ଅଭିଯୋଗ ଆଣିଥିବା କେରଳ ସୁନା ଚୋରା ଚାଲାଣ ମାମଲାର ମୁଖ୍ୟ ଅଭିଯୁକ୍ତ ସ୍ୱପ୍ନା ସୁରେଶଙ୍କୁ ଶୁକ୍ରବାର କ୍ରାଇମ୍ ବ୍ରାଞ୍ଚ ଗିରଫ କରିଛି। ଏୟାର ଇଣ୍ଡିଆ କର୍ମଚାରୀ ଏଲ୍.ଏସ୍. ଶିବୁଙ୍କ ବିରୋଧରେ ଯୌନ ନିର୍ଯାତନା ମାମଲାର ତଦନ୍ତ କରୁଥିବା କ୍ରାଇମ୍ ବ୍ରାଞ୍ଚ ପୋଲିସ ସୁନା ଚୋରା କାରବାର ମାମଲାରେ ଜେଲ୍‌ରେ ଥିବା ସ୍ୱପ୍ନାଙ୍କୁ ଅନ୍‌ଲାଇନ କୋର୍ଟରେ ହାଜର କରାଇଥିଲା। ଜାଲ୍ ଅଭିଯୋଗ ପାଇଁ ତାଙ୍କୁ ମେ' ୨୨ ପର୍ଯ୍ୟନ୍ତ କ୍ରାଇମ୍ ବ୍ରାଞ୍ଚ ହାଜତକୁ ପଠାଇବା ପାଇଁ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ତ୍ରିଭେନ୍ଦ୍ରମ ବିମାନ ବନ୍ଦରରେ ହୋଇଥିବା ଆର୍ଥିକ ଅନିୟମିତତା ସମ୍ପର୍କରେ ଶିବୁ ୨୦୧୪ରେ ସିବିଆଇ, କେନ୍ଦ୍ରୀୟ ଭିଜିଲାନ୍ସ କମିଶନ ଏବଂ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କୁ ୨୦୧୫ରେ ହାଇଦ୍ରାବାଦ ବଦଳି କରିଦିଆଯାଇଥିଲା। ତାଙ୍କୁ ପୁନର୍ବାର ଏୟାର ଇଣ୍ଡିଆରେ ଅବସ୍ଥାପିତ କରିବା ଲାଗି କେରଳ ହାଇକୋର୍ଟ ୨୦୧୮ ଜୁଲାଇରେ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ଏକ ରାୟରେ ହାଇକୋର୍ଟ ଶିବୁଙ୍କ ବିରୋଧରେ ଅଣାଯାଇଥିବା ଯୌନ ନିର୍ଯାତନା ମାମଲାର କ୍ରାଇମ ବ୍ରାଞ୍ଚ ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଥିଲେ। ସ୍ୱପ୍ନା ଏୟାର ଇଣ୍ଡିଆ ଏସ୍‌ଏଟିଏସ୍‌ରେ ଚାକିରି କରୁଥିଲେ। ଶିବୁଙ୍କ ଆର୍ଥିକ ଅନିୟମିତତା ଅଭିଯୋଗ ଉପରେ ତଦନ୍ତ ଆରମ୍ଭ ହେବାରୁ ସ୍ୱପ୍ନା ୨୦୧୫ରେ ଚାକିରି ଛାଡ଼ିଦେଇଥିଲେ।

## ଜେଲ୍‌ରେ ସଂଘର୍ଷ: ୩ କଏଦୀ ମୃତ

**ଚିତ୍ରକୂଟ, ୧୪।୫(ଆଇଏଏନ୍‌ଏସ୍)**

ଉତ୍ତରପ୍ରଦେଶର ଚିତ୍ରକୂଟ ଜେଲ୍‌ରେ ଶୁକ୍ରବାର ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୩ ଜଣ ବିଚାରାଧୀନ କଏଦୀ ପ୍ରାଣ ହରାଇଛନ୍ତି। ଅନଶୁଲ୍ ଦୀକ୍ଷିତ ନାମକ କଏଦୀ ଗ୍ୟାଙ୍ଗଷ୍ଟର ମୁକିମ୍ କାଲାଙ୍କ ଉପରକୁ ଗୁଳି ଚଳାଇବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଗୁଳିମାଡ଼ରେ ଆହତ ମିରାଜୁଦ୍ଦିନଙ୍କର ମଧ୍ୟ ମୃତ୍ୟୁ ଘଟିଛି। ଦୀକ୍ଷିତ ଆତ୍ମସମର୍ପଣ ନ କରିବାରୁ ପୋଲିସ ଗୁଳିରେ ନିହତ ହୋଇଛନ୍ତି।



ସାମୁଦ୍ରିକ ଝଡ଼ ତଉକ୍‌ତାଏ ଆସିବା ପୂର୍ବରୁ କେରଳର କୋଝିକୋଡ଼ ସମୁଦ୍ର କୂଳରୁ ଡଙ୍ଗା କାଢ଼ି ସୁରକ୍ଷିତ ସ୍ଥାନକୁ ନେଉଛନ୍ତି ମତ୍ସ୍ୟଜୀବୀ। ଆରବ ସାଗରରେ ସୃଷ୍ଟ ଏହି ଝଡ଼ ଯୋଗୁ ଘଣ୍ଟାପ୍ରତି ୧୭୫ କି.ମି. ବେଗରେ ପବନ ବହିବ। ଏହା ମେ' ୧୭ରେ ଅତି ସାମୁଦ୍ରିକ ଝଡ଼ରେ ପରିଣତ ହେବ ଏବଂ ଦିନକ ପରେ ଗୁଜରାଟ ଉପକୂଳ ଅତିକ୍ରମ କରିବ ବୋଲି ଭାରତୀୟ ପାଣିପାଗ ବିଭାଗ ଅନୁମାନ କରିଛି।

## ସୁପ୍ରିମକୋର୍ଟଙ୍କ ବ୍ୟାଖ୍ୟାକୁ କେନ୍ଦ୍ରର ଚ୍ୟାଲେଞ୍ଜ

### ସମ୍ବିଧାନର ୧୦୨ତମ ସଂଶୋଧନ

**ନୂଆଦିଲ୍ଲୀ, ୧୪।୫(ଆଇଏଏନ୍‌ଏସ୍)**

ସୁପ୍ରିମକୋର୍ଟ ଗତ ୫ ତାରିଖରେ ମରାଠା କୋଟା ଉପରେ ରାୟ ଦେଲାବେଳେ ସମ୍ବିଧାନର ୧୦୨ତମ ସଂଶୋଧନକୁ ନେଇ କରିଥିବା ବ୍ୟାଖ୍ୟାକୁ କେନ୍ଦ୍ର ସରକାର ଚ୍ୟାଲେଞ୍ଜ କରିଛନ୍ତି। ରିଭ୍ୟୁ ପିଟିଶନରେ କେନ୍ଦ୍ର ସରକାର କହିଛନ୍ତି, ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗ (ଏସ୍‌ଇବିସି) ଚିହ୍ନଟ କରିବା କ୍ଷମତା ରାଜ୍ୟ ସରକାରମାନଙ୍କଠାରୁ ଛଡ଼ାଇ ନିଆଯାଇପାରିବ ନାହିଁ। ସୂଚନାଯୋଗ୍ୟ ସୁପ୍ରିମକୋର୍ଟ ସମ୍ବିଧାନର ୧୦୨ତମ ସଂଶୋଧନକୁ କାଏମ ରଖିଥିବାବେଳେ ଏବାବଦରେ ରାଜ୍ୟଗୁଡ଼ିକର କ୍ଷମତାକୁ କାଢ଼ିନେଇଥିଲେ। ୧୦୨ତମ ସଂଶୋଧନ ମାଧ୍ୟମରେ ଅନୁଚ୍ଛେଦ ୩୬୬(୨୬ଗ) ଏବଂ ୩୪୨କ ସାମିଲ କରାଯାଇଛି।



ଏଥିରେ ଅନ୍ୟ ସମସ୍ତ କର୍ତ୍ତୃପକ୍ଷଙ୍କୁ ବାଦ୍ ଦେଇ କେବଳ ରାଷ୍ଟ୍ରପତିଙ୍କୁ ପ୍ରତି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଏସ୍‌ଇବିସି ଚୟନ କରିବା ଓ ଏହାର ତାଲିକା ଅନୁଚ୍ଛେଦ ୩୪୨କ(୧)ରେ ପ୍ରକାଶ କରିବା କ୍ଷମତା ଦିଆଯାଇଛି ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ। ୧୦୨ତମ ସଂଶୋଧନ ରାଜ୍ୟଗୁଡ଼ିକଠାରୁ କ୍ଷମତା କାଢ଼ିନେଇ ଏ ସମ୍ପର୍କିତ ନିଷ୍ପତ୍ତି ନେବା କ୍ଷମତା କେବଳ ରାଷ୍ଟ୍ରପତିଙ୍କ ଉପରେ ଛାଡ଼ିଥିବା ବ୍ୟାଖ୍ୟା ଉପରେ ୫ ଜଣିଆ ଖଣ୍ଡପୀଠର ୩ ବିଚାରପତି ସହମତ ହୋଇଥିଲେ।

## କରୋନା ଆକ୍ରାନ୍ତ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

ବେଗୁନିଆପଡା,(ଡି.ଏନ.ଏ.): ବେଗୁନିଆପଡା ଫାଣ୍ଡି ଅନ୍ତର୍ଗତ କଞ୍ଚଣା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ସଂସ୍କୃତ ଶିକ୍ଷୟିତ୍ରୀ ଆରତୀ ସିଂଙ୍କ ମୃତ୍ୟୁ ଘଟିଛି। ସେ ଗତ ୨୫ ତାରିଖରୁ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଗୁରୁବାର ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଶିକ୍ଷୟିତ୍ରୀଙ୍କ ଘର ନୟାଗଡ ଜିଲା ରଣପୁର ହୋଇଥିବା ବେଳେ ସେ ଖଲ୍ଲିକୋଟଠାରେ ଭଡା ଘରେ ରହିଆସୁଥିଲେ। ତାଙ୍କ ମୃତ୍ୟୁରେ ଖଲ୍ଲିକୋଟ ବ୍ଲକ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ତରଫରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

## ସଂକ୍ଷେପରେ

### ଦିନକରେ ୩ ଆଇନଜୀବୀଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୧୪।୫: ଗଞ୍ଜାମ ଓକିଲ ସଂଘର ୩ ଆଇନଜୀବୀଙ୍କର ଶୁକ୍ରବାର ମୃତ୍ୟୁ ଘଟିଛି। ସେମାନେ ହେଉଛନ୍ତି ଜର୍ଜ କୁମାର ପାଢ଼ୀ, ବାଳକୃଷ୍ଣ ସାହୁ ଓ ଗୌରୀ ଶଙ୍କର ଆଚାର୍ଯ୍ୟ। କରୋନାରେ ଜିଲାରେ ଶହ ଶହ ଲୋକ ଆକ୍ରାନ୍ତ ହେଉଥିବା ବେଳେ କେତେଜଣ ମୃତ୍ୟୁ ମୁଖରେ ମଧ ପଡିଛନ୍ତି। ମାସକ ଭିତରେ ଗଞ୍ଜାମ ଓକିଲ ସଂଘର ୧୨ ଜଣ ସଦସ୍ୟଙ୍କ ମୃତ୍ୟୁ ହୋଇସାରିଲାଣି। ପୂର୍ବରୁ ୯ଜଣ ଆଇନଜୀବୀଙ୍କ ମୃତ୍ୟୁ ଘଟିଥିବା ବେଳେ ଶୁକ୍ରବାର ୩ ଆଇନଜୀବୀଙ୍କ ପରଲୋକ ଘଟିଥିଲା। ଗଞ୍ଜାମ ଓକିଲ ସଂଘ ସମ୍ପାଦକ ପ୍ରଦୀପ ବେହେରା ଗଭୀର ଶୋକ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି।

### ଦୁଇ ଦିନ ଟିକାକରଣ ବନ୍ଦ

ବ୍ରହ୍ମପୁର ଅଫିସ୍,୧୪।୫:ସପ୍ତାହାନ୍ତ ଶଟ୍‌ଡ଼ାଉନ୍ ଯୋଗୁ ଶନିବାର ଓ ରବିବାର ଦୁଇ ଦିନ ଟିକାକରଣ ବନ୍ଦ ରହିବା ନେଇ ଶୁକ୍ରବାର ବିଏମ୍‌ସି ପକ୍ଷରୁ ସୂଚନା ଦିଆ ଯାଇଛି। ଆସନ୍ତା ୧୬ ତାରିଖ ଅର୍ଥାତ୍ ରବିବାର ସନ୍ଧ୍ୟା ୬ ଟାଠାରୁ ୧୮ରୁ ୪୪ ବର୍ଷ ବର୍ଗଙ୍କ ନିମନ୍ତେ ସ୍ଲଟ୍ ବୁକିଂ କରିପାରିବେ। ସୋମବାରଠାରୁ ଟିକାକରଣ ଜାରି ରହିବ ବୋଲି ବିଏମ୍‌ସି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପଟେ ବିଏମ୍‌ସି ପକ୍ଷରୁ ଶୁକ୍ରବାର କୋଭିଡ୍ ପରୀକ୍ଷା ଭ୍ରାମ୍ୟମାଣ ଗାଡ଼ିକୁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଉଦ୍‌ଘାଟନ କରିଛନ୍ତି। ଏଥିନିମନ୍ତେ ବିଏମ୍‌ସି ପକ୍ଷରୁ ୯୪୩୮୮୪୯୭୧୧ ମୋବାଇଲ୍ ନମ୍ବର ଜାରି କରାଯାଇଛି। ସହରରେ ଯେଉଁ ବୟସ୍କ ବ୍ୟକ୍ତିମାନେ ରହିଛନ୍ତି କୋଭିଡ୍ ପରୀକ୍ଷା କେନ୍ଦ୍ରକୁ ଯାଇପାରୁ ନାହାନ୍ତି। ସେହିମାନେ ଉପରୋକ୍ତ ନମ୍ବରରେ ଯୋଗାଯୋଗ କରିବା ପରେ ଭ୍ରାମ୍ୟମାଣ ଗାଡ଼ି ଓ ଏକ ଟିମ୍ ପହଞ୍ଚି କୋଭିଡ୍ ପରୀକ୍ଷା କରିବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏଥିପାଇଁ ପୂର୍ବାହ୍ନ ୮ରୁ ୧୦ ଯାଏ ଯୋଗାଯୋଗ କରିବାକୁ ସମୟ ଧାର୍ଯ୍ୟ କରାଯାଇଥିବା ଜିଲାପାଳ କହିଛନ୍ତି।

### କରୋନା ମୁକାବିଲା ସମୀକ୍ଷା କଲେ ମନ୍ତ୍ରୀ

ଭଞ୍ଜନଗର,୧୪।୫(ଡି.ଏନ.ଏ)- ଭଞ୍ଜନଗର ଅଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମୁନି। ଶୁକ୍ରବାର ସୁଦ୍ଧା ଭଞ୍ଜନଗର ବ୍ଲକ ଓ ଏନଏସିରେ ୨୫ ଜଣ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି। ଦୈନିକ ନୂଆ ଆକ୍ରାନ୍ତ ଚିହ୍ନଟ ହେଉଥିବାରୁ ଆଗକୁ ସ୍ଥିତି ବିଗିଡ଼ିବା ସମ୍ଭାବନା ରହିଛି । ତେଣୁ କରୋନାକୁ କିଭଳି ମୁକାବିଲା କରାଯିବ ସେ ନେଇ ଶୁକ୍ରବାର ସ୍ଥାନୀୟ ବନ ବିଭାଗ ଡ଼ାକବଙ୍ଗଳାରେ ଏକ ସମୀକ୍ଷା ବୈଠକ ହୋଇଥିଲା । ଏଥିରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଅଧକ୍ଷତା କରି କରୋନାକୁ କିଭଳି ମୁକାବିଲା କରାଯିବ ସେନେଇ କହିଥିଲେ । ଏଥିସହ ଲୋକଙ୍କ ମଧରେ ସଚେତନତା ବଢ଼ାଇବା ଓ ସହରର ପରିମଳ ବ୍ୟବସ୍ଥାକୁ ସୁଧାରିବାକୁ ପଡ଼ିବ ବୋଲି କହିଥିଲେ । ବୈଠକରେ ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ତହସିଲଦାର ଆଲୋକ ପ୍ରଧାନ, ବିଡ଼ିଓ ଅନିଲ କୁମାର ସେଠୀ, ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପଦକ୍ଷେପ ନେବାକୁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ

## କୋଭିଡ୍ ସାମଗ୍ରୀ କଳାବଜାର ସତର୍କତା

ବ୍ରହ୍ମପୁର ଅଫିସ,୧୪।୫

କରୋନାର ଦ୍ୱିତୀୟ ଲହର ଏବେ ସାଙ୍ଘାତିକ ହୋଇଛି। ପ୍ରତିଦିନ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଆଗକୁ ତୃତୀୟ ଲହର ଆସିବ ବୋଲି ବିଶେଷଜ୍ଞମାନେ ମତ ଦେଲେଣି। କରୋନା ଚିକିତ୍ସା ଆଳରେ ଘରୋଇ ହସ୍ପିଟାଲ ରୋଗୀଙ୍କୁ ଏବେ ଲୁଟିପାରିବେ ନାହିଁ। କରୋନା ସମୟରେ କଳାବଜାର ଓ ଘରୋଇ ଚିକିତ୍ସାଳୟରେ ମାତ୍ରାଧିକ ଚିକିତ୍ସା ଖର୍ଚ୍ଚ ଉପରେ ନଜର ରଖିବାକୁ ପୋଲିସ ସଜାଗ ହୋଇଛି। ଏନେଇ ଶୁକ୍ରବାର ବ୍ରହ୍ମପୁର ପୋଲିସ ଜିଲା ପକ୍ଷରୁ ଅନ୍‌ଲାଇନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପରୋକ୍ତ ବିଷୟରେ ସତର୍କ ରହିବାକୁ ସମସ୍ତ ଥାନା ଅଧିକାରୀଙ୍କୁ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି । କରୋନା ଔଷଧ ଓ ସାମଗ୍ରୀ ମଧ ମାତ୍ରାଧିକ ମହଜୁଦ ରଖୁଥିବା ଏବଂ କଳାବଜାର କରୁଥିବା ବ୍ୟକ୍ତିବିଶେଷ ଏବଂ ସଂସ୍ଥାକୁ ଛଡାଯିବ ନାହିଁ ବୋଲି ଏସ୍‌ପି ମିଶ୍ର ବୈଠକରେ କହିଛନ୍ତି।

ସୂଚନାଯୋଗ୍ୟ, ବ୍ରହ୍ମପୁର ସହରରେ ଶଟ୍‌ଡାଉନ ଲାଗୁ ହେବା ପୂର୍ବରୁ ଆଳୁ ଦର ହଠାତ୍ ବଢିଯାଇଥିଲା। ପ୍ରଶାସନର ହସ୍ତକ୍ଷେପ ପରେ ପୁଣି ଦର ୨୦ ତଳକୁ ଆସିଥିଲା। କରୋନା ସମୟରେ ଅନେକ ଥର ବ୍ରହ୍ମପୁର ସହରରେ ଅତ୍ୟାବଶ୍ୟକ ସାମଗ୍ରୀ ଚଢା ଦରରେ ବିକ୍ରି କରାଯାଉଥିବା ଦେଖିବାକୁ ମିଳୁଛି।



ଇଦ-ଉଲ୍- ଫିତର୍ ଅବସରରେ କୋଭିଡ୍ କଟକଣାକୁ ମାନି ବ୍ରହ୍ମପୁରରେ ଘରେ ରହି ମୁସଲମାନ ସମ୍ପ୍ରଦାୟଙ୍କ ନମାଜ୍ ପାଠ।

# କୃଷ୍ଣସାର ମୃଗ ଉଦ୍ଧାର

ଭଞ୍ଜନଗର,୧୪।୫(ଡି.ଏନ.ଏ)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଅନ୍ତର୍ଗତ ମୁଜାଗଡ଼ରେ ଶୁକ୍ରବାର ଏକ କୃଷ୍ଣସାର ମୃଗଙ୍କୁ କୁକୁର ଗୋଡାଇଥିଲେ। ଫଳରେ ମୃଗଟି ଜଣଙ୍କ ଘରେ ପଶି ଯାଇଥିଲା। ଗ୍ରାମବାସୀ ତାକୁ ଉଦ୍ଧାର କରି ବନ ବିଭାଗକୁ ଖବା ଦେଇଥିଲେ। ବନ କର୍ମଚାରୀ ପହଞ୍ଚି ମୃଗକୁ ପ୍ରାଥମିକ ଚିକିତ୍ସା କରି ଗାଲେରି ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦେଇଛନ୍ତି ।



ଉଦ୍ଧାର ମୃଗ ।

## ମେରାଇନ ଥାନାରେ ନୂଆ ଆଇଆଇସି

ଛତ୍ରପୁର,୧୪।୫(ଡି.ଏନ୍.ଏ.)

ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ଅଧିକାରୀ ଭାବେ ପ୍ରଭାତ କୁମାର ବେହେରା ଶୁକ୍ରବାର କାର୍ଯ୍ୟରେ ଯୋଗଦେଇଛନ୍ତି । ସେ ଏହା ପୂର୍ବରୁ ଭବାନୀପାଟଣା ଟାଉନ ଥାନାର ଆଇଆଇସି ଭାବେ କାର୍ଯ୍ୟ କରୁଥିଲେ। ମେରାଇନ ଥାନାରେ ଏହା ପୂର୍ବରୁ ଥିବା ଥାନା ଅଧିକାରୀ ଶର୍ମିଷ୍ଠା ପ୍ରଧାନଙ୍କ ଛତ୍ରପୁରସ୍ଥିତ ଗଞ୍ଜାମ ପୋଲିସ ହେଡକ୍ୱାର୍ଟରକୁ ବଦଳି ହୋଇଛି।

## ମୁମ୍ବାଇରେ ପ୍ରବାସୀ ଓଡ଼ିଆଙ୍କ ମହାନତା

ପୁରୁଷୋତ୍ତମପୁର,୧୪।୫(ଡି.ଏନ.ଏ.): କରୋନାକୁ ନେଇ ସାରା ଦେଶରେ ଆତଙ୍କ ଖେଳିଯାଇଛି। ଏଭଳି ଅବସ୍ଥାରେ ଲୋକେ ଭଲକରି ଦୁଇମୁଠା ଖାଇବାକୁ ପାଇପାରୁ ନ ଥିବା ବେଳେ ଏଭଳି ସଂକଟଜନକ ସ୍ଥିତିରେ ଆଗେଇ ଆସିଛନ୍ତି ମୁମ୍ବାଇରେ ରହୁଥିବା ପ୍ରବାସୀ ଓଡ଼ିଆମାନେ। ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ଚାଟମୁଣ୍ଡୁଳି ଗ୍ରାମର ତଥା ମୁମ୍ବାଇ ଓଡ଼ିଆ ୟୁଥ୍ ଆସୋସିଏଶନ୍ ସଂଗଠନ ସଭାପତି ନୀଳାଞ୍ଚଳ ପାତ୍ର ଓ ସଭ୍ୟମାନେ ମୁମ୍ବାଇର ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କ ସମସ୍ୟା ବୁଝି ଖାଦ୍ୟ ଯୋଗାଉଛନ୍ତି। ମୁମ୍ବାଇରେ ପ୍ରବାସୀ ଓଡ଼ିଆଙ୍କ ଏଭଳି ମହତ୍ କାର୍ଯ୍ୟକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ନାବାଳିକା ବିବାହ ରୋକିଲା ପ୍ରଶାସନ

ପାରଳାଖେମୁଣ୍ଡି,୧୪।୫(ଡି.ଏନ୍.ଏ.)

ଗୋଷାଣୀ ବ୍ଲକ ଅନ୍ତର୍ଗତ ତୋଟାଗୁମୁଡା ଗ୍ରାମରେ ଶୁକ୍ରବାର ଜଣେ ନାବାଳିକାଙ୍କ ବିବାହ ଆୟୋଜନ ଚାଲିଥିବା ଚାଇଲ୍ଡ ଲାଇନକୁ ସୂଚନା ମିଳିଥିଲା। କୋଲାବ ଚାଇଲ୍ଡ ଲାଇନର କେନ୍ଦ୍ର ସଂଯୋଜକ ନାଗେଶ୍ୱର ଚୌଧୁରୀ ବିଭିନ୍ନ ଅଧିକାରୀଙ୍କ ସହ ଉକ୍ତ ଗ୍ରାମରେ ଗ୍ରାମରେ ପହଞ୍ଚି ନାବାଳିକାଙ୍କ ବିବାହ ବନ୍ଦ କରିଛନ୍ତି। ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉଳ, ସଖୀ ୱାନ ଷ୍ଟପ ସେଣ୍ଟରର କେନ୍ଦ୍ର ପରିଚାଳିକା ଭାଗ୍ୟଲକ୍ଷ୍ମୀ ନାୟକ, ଗୁରାଣ୍ଡି ଥାନା ଅଧିକାରୀ ମମତା କୁମାରୀ ପଣ୍ଡା, ଜିଲା ଶିଶୁ ସୁରକ୍ଷା ୟୁନିଟର ଜୟ ପ୍ରକାଶ ବାଡତ୍ୟା ପ୍ରମୁଖ ନାବାଳିକାଙ୍କ ଜନ୍ମ ପ୍ରମାଣପତ୍ର ଯାଞ୍ଚ କରି ତାଙ୍କ ମା'ବାପାଙ୍କୁ ବାଲ୍ୟବିବାହ ଅପରାଧ ବୋଲି ବୁଝାଇବା ସହ ଏହାର କୁପ୍ରଭାବ ସମ୍ପର୍କରେ ଜଣାଇଥିଲେ। ୧୮ ବର୍ଷ ନ ହେବା ପର୍ଯ୍ୟନ୍ତ ଝିଅର ବିବାହ କରିବେନି ବୋଲି ମା'ବାପ ଲିଖିତ ଭାବେ ଜଣାଇଛନ୍ତି।

# ଶ୍ରମିକଙ୍କୁ ଅଧାବାଟରେ ଓହ୍ଲାଇଦେଲେ ଟ୍ରକ୍‌ଚାଳକ

ଭଞ୍ଜନଗର,୧୪।୫(ଡି.ଏନ.ଏ)

କରୋନାର ଦ୍ୱିତୀୟ ଲହରରେ ଦେଶରେ ସଂକ୍ରମିତଙ୍କ ସଂଖ୍ୟା କମୁନି। ଲକଡାଉନ ଯୋଗୁ କେତକ ସ୍ଥାନରୁ ଶ୍ରମିକମାନେ ଘରକୁ ଫେରିବାରେ ଲାଗିଛନ୍ତି । ତେବେ ବସ୍ ଚଳାଚଳ ବନ୍ଦ ଥିବା ଯୋଗୁ ସେମାନଙ୍କ ସମସ୍ୟା ବଢ଼ିଯାଇଛି। ଝାଡ଼ଖଣ୍ଡର ୬ ଜଣ ଶ୍ରମିକ ଆନ୍ଧ୍ରପ୍ରଦେଶର ପଲାସାରେ କାମ କରୁଥିଲେ। ସେଠାରେ ଲକ୍‌ଡ଼ାଉନ ବଢ଼ିବା ପରେ ସେମାନେ ଝାଡ଼ଖଣ୍ଡ ଫେରିଯିବାକୁ ବାହାରିଥିଲେ। ତେଣୁ ଏକ ଟ୍ରକରେ ରାଉରକେଲା ଆସୁଥିଲେ। କିଲୋମିଟର ପିଛା ୨୦ ଟଙ୍କା ନେବାକୁ ଟ୍ରକ ଚାଳକ ରାଜି ହେବାରୁ ତାଙ୍କୁ ଅଗ୍ରୀମ ୮ ହଜାର ଟଙ୍କା ଦେଇଥିଲେ । ଟ୍ରକ ଚାଳକ ଶ୍ରମିକମାନଙ୍କୁ ଆଣି ଭଞ୍ଜନଗର ନିକଟସ୍ଥ ଜିଲୁଣ୍ଡି ଠାରେ ଛାଡ଼ିଦେଇଥିଲେ । ପୁରା ଟଙ୍କା ଦେଲେ ରାଉରକେଲା ଯିବେ ବୋଲି କହିଥିଲେ। ଶ୍ରମିକମାନେ ରାଉରକେଲାରେ ଟଙ୍କା ଦେବେ କହିବାକୁ ଟ୍ରକ ଚାଳକ ସେମାନଙ୍କୁ ଜିଲୁଣ୍ଡିରେ ଓହ୍ଲାଇ ଚାଲିଯାଇଥିଲେ। ଶ୍ରମିକମାନେ ଚାଲିଚାଲି ଆସି ରାତି ହୋଇ ଯିବା ଯୋଗୁ ଭଞ୍ଜନଗର କଲେଜ ରୋଡ଼ ଲଣ୍ଡେଇସାହି ଛକ ବିଶ୍ରାମଗାରରେ ରହିଛନ୍ତି। ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀ ଗୀତାଞ୍ଜଳି ତ୍ରିପାଠୀ ଶ୍ରମିକଙ୍କ ରାତି ଖାଦ୍ୟ ବ୍ୟବସ୍ଥା କରିଥିଲେ ।

# ଶଟ୍‌ଡାଉନ୍ ପୂର୍ବରୁ ବଜାରରେ ଭିଡ଼

## ମାନୁ ନାହାନ୍ତି କଟକଣା

ବ୍ରହ୍ମପୁର ଅଫିସ୍,୧୪।୫

ଶନିବାର ଓ ରବିବାର ସପ୍ତାହାନ୍ତ ଶଟ୍‌ଡ଼ାଉନ୍। ଏହି ୨ ଦିନ ସମସ୍ତ ଦୋକାନ ବଜାର ବନ୍ଦ ରହିବ। ପୂର୍ବରୁ ସହରରେ ଥିବା ବିଭିନ୍ନ ବଜାରରେ ସାମଗ୍ରୀ କିଣାକୁ ନେଇ ବହୁ ମାତ୍ରାରେ ଭିଡ଼ ଜମୁଛି। ଯାହାକି ମହାନଗରରେ କରୋନା ସଂକ୍ରମଣ ବୃଦ୍ଧିର ଅନ୍ୟ ଏକ କାରଣ ବୋଲି ମତ ପ୍ରକାଶ ପାଇଛି। ଶୁକ୍ରବାର କମାପଲୀ ଓଭରବ୍ରିଜ୍ ପାର୍ଶ୍ୱରେ ଥିବା ମାଛ ବଜାରରେ ସମସ୍ତ କଟକଣାକୁ ଫୁ କରି ସହରବାସୀ ସାମଗ୍ରୀ କିଣାରେ ବ୍ୟସ୍ତ ଥିବା ଦେଖିବାକୁ ମିଳିଥିଲା। ପୋଲିସ୍ ପକ୍ଷରୁ ବାରମ୍ବାର ତାଗିଦ୍ ସତ୍ତ୍ୱେ ବି କଟକଣାକୁ ଉଭୟ ବ୍ୟବସାୟୀ ଓ ଗ୍ରାହକ ଖାତିର କରି ନ ଥିଲେ। ଅନ୍ୟପଟେ ଲକ୍‌ଡ଼ାଉନ୍ ସମୟରେ ପରିବା କିମ୍ବା ଆମିଷ ବଜାରକୁ ଯାନ ବାହନରେ ଆସିବା ନିମନ୍ତେ କଟକଣା ଜାରି କରାଯାଇଛି। କିନ୍ତୁ ସହରବାସୀ କଟକଣାକୁ ନ ମାନି ବାଇକ୍ ଯୋଗେ ଆସି ପରିବା ଓ ଆମିଷ ଦୋକାନରେ ଭିଡ଼ ଜମାଉଛନ୍ତି। ଏଥିସହ ଗ୍ରାହକ ଓ ବ୍ୟବସାୟୀଙ୍କ ମଧରେ କୌଣସି ସାମାଜିକ ଦୂରତା ରହୁ ନ ଥିବା ଦେଖିବାକୁ ମିଳିଛି। ବିଶେଷ କରି ସହରର ବିଜିପୁର, ଗେଟ୍ ବଜାର, ଲାଞ୍ଜିପଲୀ ଓ ଗିରି ମାର୍କେଟ ଆଦି ଅଞ୍ଚଳର ବହୁ ରାସ୍ତା ପାର୍ଶ୍ୱ ବ୍ୟବସାୟୀ ମାସ୍କ ବ୍ୟବହାର କରୁ ନାହାନ୍ତି। ଫଳରେ କରୋନା ସଂକ୍ରମଣ ବୃଦ୍ଧି ଆଶଙ୍କା ଦ୍ୱିଗୁଣିତ ହେବ ଏଥିରେ ସନ୍ଦେହ ନାହିଁ।

# ଭତ୍ତା ପାଇଁ ୧୧ କି.ମି. ଚାଲିଲେ ବୃଦ୍ଧ



ଚାଲି ଚାଲି ଯାଉଛନ୍ତି ମଣ୍ଡଲ ଭୂୟାଁ ।

ରାୟଗଡ଼(ଗଜପତି),୧୪।୫

ଗଜପତି ଜିଲା ରାୟଗଡ଼ ବ୍ଲକ ଅଧିନ ଗୋବିନ୍ଦପୁର ଗ୍ରାମର ଜଣେ ବୃଦ୍ଧ ଭତ୍ତା ପାଇଁ ପ୍ରାୟ ୧୧ କି.ମି. ଚାଲିଚାଲି ଯାଉଥିବା ଦେଖାଯାଇଛି। ବୃଦ୍ଧ ଜଣକ ହେଲେ ମଣ୍ଡଲ ଭୂୟାଁ । ବୟସ ୮୫ରୁ ଉର୍ଦ୍ଧ୍ୱ। ରାୟଗଡ଼ ବ୍ଲକ ଅଧିନ ଜଲାଙ୍ଗ ଗ୍ରାମରେ ମଣ୍ଡଲ ନିଜ ଘର। ଗ୍ରାମରେ ଜୀବିକା ନିର୍ବାହରେ ସମସ୍ୟା ହେବାରୁ ପ୍ରାୟ ଦୁଇବର୍ଷ ହେବ କରଡ଼ାସିଂ ପଞ୍ଚାୟତ ଗୋବିନ୍ଦପୁର ଗ୍ରାମରେ ରହି ଆସୁଛନ୍ତି। ସେ ଖଣ୍ଡିଏ ବାଉଁଶ ବାଡ଼ି ଓ ବ୍ୟାଗ ଧରି ଭତ୍ତା ପାଇଁ ଶୁକ୍ରବାର ସକାଳୁ ଚାଲିଚାଲି ଯାଉଥିଲେ। ରାସ୍ତାରେ ଯାଉଥିବା ଅଟୋ ରିକ୍ସାଗୁଡିକୁ ସେ ହାତ ଟେକି ଅଟକାଉଥିଲେ ମଧ କେହି ରହି ନ ଥିଲେ। ଭତ୍ତା କିମ୍ବା ଚାଉଳ ପାଇଁ କରଡ଼ାସିଂରେ ସୁବିଧା କରିବାକୁ ପଞ୍ଚାୟତ ପ୍ରତିନିଧି ଏବଂ କର୍ମଚାରୀଙ୍କୁ ଅବଗତ କରାଇଥିଲେ ମଧ କେହି ତାଙ୍କ ଗୁହାରି ଶୁଣିନାହାନ୍ତି।

## ଜଗଦଳପୁର ମିନି କଣ୍ଟେନମେଣ୍ଟ ଜୋନ୍

ଆସିକା,୧୪।୫(ଡି.ଏନ୍.ଏ.)

ଆସିକା ବ୍ଲକ ଗୁଣ୍ଡପଡା ପଞ୍ଚାୟତ ଜଗଦଳପୁର ଗ୍ରାମକୁ ପ୍ରଶାସନ ପକ୍ଷରୁ ଶୁକ୍ରବାର ମିନି କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଗ୍ରାମରେ ୧୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି। କଣ୍ଟେନମେଣ୍ଟ ଜୋନରେ ୧୪୪ ଧାରା ଜାରି କରାଯାଇଛି । ସେଠାରୁ ବାହାରକୁ ବାହାରିବା ଉପରେ କଟକଣା ଜାରି ହୋଇଛି । ଆସିକା ଅତିରିକ୍ତ ତହସିଲଦାର ଆଶୁତୋଷ ଗୌରବକରଙ୍କୁ ଏହି ଜୋନର ପରିଚାଳନା ଦାୟିତ୍ୱ ଦିଆଯାଇଛି । ଶୁକ୍ରବାର ବିଡିଓ ରୋଶନ ଶତପଥୀ, ତହସିଲଦାର ସଦାନନ୍ଦ ସେଠୀ, ସିଡିପିଓ ଭାରତୀ ମହାପାତ୍ର, ସରପଞ୍ଚ ମୋଚିଆଣି ବେହେରା, ସରପଞ୍ଚ ପ୍ରତିନିଧି ସନ୍ତୋଷ କୁମାର ବେହେରା ପ୍ରମୁଖ ଉକ୍ତ ଗ୍ରାମକୁ ଯାଇ ଲୋକଙ୍କୁ କରୋନା ଲାଗି ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି।

# ଟିଏମ୍‌ସି, କୋଭିଡ୍ ହସ୍ପିଟାଲ ନାହିଁ

## ବୁଗୁଡ଼ାରେ ୧୭୨୯ ପ୍ରବାସୀ

ବୁଗୁଡ଼ା,୧୪।୫(ଡି.ଏନ.ଏ.)

କରୋନା ଦ୍ୱିତୀୟ ଲହରରେ କେବଳ ବୁଗୁଡ଼ା ସହର ନୁହେଁ ଗ୍ରାମାଞ୍ଚଳରେ ମଧ ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ି ଚାଲିଛି। ସରକାରୀ ଭାବେ କୋଭିଡ୍‌ରେ କୌଣସି ମୃତ୍ୟୁ ହୋଇ ନ ଥିବା କୁହାଯାଉଥିଲେ ହେଁ ଆଜି ସୁଦ୍ଧା ୨୧ ଜଣଙ୍କ ମୃତ୍ୟୁ ଘଟିଛି। ବୁଗୁଡ଼ା ବ୍ଲକକୁ ଶୁକ୍ରବାର ସୁଦ୍ଧା ୧୭୨୯ ପ୍ରବାସୀ ଫେରିଥିବା ବେଳେ ସେଥି ମଧ୍ୟରୁ ଆନ୍ଧ୍ର ଫେରନ୍ତା ୩୪ ଜଣ ଥିବା ବ୍ଲକ ସୂତ୍ରରୁ ଜଣାପଡିଛି। ଗୁରୁବାର ଗୋଟିଏ ଦିନରେ ବୁଗୁଡ଼ା ସହର ଏବଂ ଗ୍ରାମାଞ୍ଚଳରୁ ୨୬ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ୧୩୧ଆକ୍ରାନ୍ତଙ୍କୁ କରୋନା ଔଷଧ କିଟ୍ ଯୋଗାଇ ଦିଆଯାଇଥିବା ବେଳେ ଆହୁରି ଅନେକ ବିଭିନ୍ନ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ବୁଗୁଡ଼ା ବ୍ଲକର ତିନୋଟି ସ୍ଥାନରେ କୋଭିଡ୍ କେୟାର ସେଣ୍ଟର ପାଇଁ ପ୍ରସ୍ତାବ ରହିଥିବା ବେଳେ ଗୋଳିଆ ଆଦର୍ଶ ବିଦ୍ୟାଳୟରେ ୩୦ଅକ୍ସିଜେନ ଶଯ୍ୟା ସହ ମୋଟ ୧୦୦ଶଯ୍ୟାବିଶିଷ୍ଟ ଜିଲା କୋଭିଡ୍ ହେଲ୍‌ଥ ସେଣ୍ଟର ପ୍ରତିଷ୍ଠା ପାଇଁ ଘୋଷଣା ହୋଇଥିଲା। ଏଥି ନିମନ୍ତେ ଆଦର୍ଶ ବିଦ୍ୟାଳୟରେ ସରପଞ୍ଚଙ୍କ ଦ୍ୱାରା ପ୍ରାୟ ୨ ଲକ୍ଷ ଟଙ୍କା ବ୍ୟୟରେ ବିଦ୍ୟୁତ୍, ପାଣି, ଶୌଚାଳୟ ସଜଡା ଯିବା ସହ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଥିଲେ ହେଁ ଏଯାଏ ମେଡିକାଲ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳର ଗୁରୁତର ରୋଗୀ ବ୍ରହ୍ମପୁର ଯିବାକୁ ବାଧ ହେଉଛନ୍ତି। ପ୍ରତିଦିନ ଆଣ୍ଟିଜେନ୍ ଶହେ ଓ ଆର୍‌ଟି-ପିସିଆର୍ ଶହେ ଟେଷ୍ଟ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ନେଇ ବିଡିଓ ତନ୍ମୟ ପାତ୍ର ସୂଚନା ଦେଇଛନ୍ତି। ତେବେ ଗ୍ରାମାଞ୍ଚଳରେ ଜ୍ୱର ଓ ଥଣ୍ଡାରେ ଆକ୍ରାନ୍ତ ହେଲେ ମଧ ଅଧିକାଂଶ ଲୋକ କୋଭିଡ୍ ପରୀକ୍ଷା କରିବାକୁ ଆସୁ ନ ଥିବା ବେଳେ ଆକ୍ରାନ୍ତଙ୍କ ତଥ୍ୟ ଲୋକେ ଜାଣି ପାରୁ ନ ଥିବାରୁ ସମସ୍ତେ ମିଶିବା ସହ ମାସ୍କ ବ୍ୟବହାର କରୁ ନାହାନ୍ତି।



କାର୍ଯ୍ୟକ୍ଷମ ହୋଇ ନ ଥିବା କୋଭିଡ୍ କେୟାର୍ ସେଣ୍ଟର ।

# ଚେତୁନାହାନ୍ତି, ବଜାରରେ ନିୟମକୁ ଫୁ



ପାରଳାଖେମୁଣ୍ଡି ସହରର ବିଭିନ୍ନ ଦୋକାନ ଆଗରେ ଥିବା ବାଇକ୍।

## ଗଜପତିରେ ପୁଣି ୧୧୫ ପଜିଟିଭ, ଜଣେ ମୃତ

ପାରଳାଖେମୁଣ୍ଡି,୧୪।୫(ଡି.ଏନ୍.ଏ.)

କରୋନା ସଂକ୍ରମଣ ଚେନ୍ ଭାଙ୍ଗିବାକୁ ଲକ୍‌ଡାଉନ୍ ଲାଗୁ ହୋଇଥିଲେ ମଧ ଲୋକେ ମାନୁ ନ ଥିବା ଦେଖାଯାଉଛି। ଲକ୍‌ଡାଉନରେ ମଧାହ୍ନ ୧୨ଟା ମଧରେ ଘର ନିକଟ ଦୋକାନକୁ ଚାଲିକି ଯାଇ ଜିନିଷ କିଣିବାକୁ ଅନୁମତି ରହିଥିଲେ ପାରଳାଖେମୁଣ୍ଡି ସହରରେ ଲୋକେ ସମସ୍ତ କଟକଣାକୁ ଫୁ କରି ଦେଉଥିବା ଦେଖାଯାଉଛି। ଶନି ଓ ରବିବାର ସପ୍ତାହାନ୍ତ ଶଟ୍‌ଡାଉନରେ ବଜାର ବନ୍ଦ ହେବାକୁ ଥିବାରୁ ଶୁକ୍ରବାର ନାହିଁ ନ ଥିବା ଗହଳି ଦେଖିବାକୁ ମିଳିଥିଲା। ସହରର ବିଭିନ୍ନ ସ୍ଥାନରେ ଲୋକେ କଟକଣା ନ ମାନି ଗାଡ଼ି ଧରି ପରିବା ଓ ବିଭିନ୍ନ ଜିନିଷ କିଣିବାକୁ ଆସିଥିବାରୁ ବଜାର ସମ୍ପୂର୍ଣ୍ଣ ଜାମ୍ ହୋଇଥିଲା। ଏଭଳି ସ୍ଥିତିରେ ସଂକ୍ରମଣ କମିବା ପରିବର୍ତ୍ତେ ବଢ଼ିବା ଆଶଂକା ଦେଖାଦେଇଛି। ଗୁରୁବାର ଜିଲାରେ ୭୬୯ ଜଣଙ୍କ କରୋନା ଟେଷ୍ଟ କରାଯାଇଥିଲା। ସେଥିମଧରୁ ୧୧୫ ଜଣଙ୍କ ରିପୋର୍ଟ ପଜିଟିଭ୍ ଥିବା ଶୁକ୍ରବାର ସୂଚନା ଦିଆଯାଇଛି। କରୋନା ଦ୍ୱିତୀୟ ଲହରରେ ୨୭୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗୁରୁବାରର ଜଣଙ୍କୁ ମିଶାଇ ୭ ଜଣଙ୍କ ମୃତ୍ୟୁ ଘଟିଲାଣି। ନୂଆ ଆକ୍ରାନ୍ତଙ୍କ ମଧରେ ପାରଳାଖେମୁଣ୍ଡିରୁ ସର୍ବାଧିକ ୫୧ ଜଣ ଚିହ୍ନଟ ହୋଇଛନ୍ତି। ଜିଲାରେ ଏ ପର୍ଯ୍ୟନ୍ତ ମୋଟ ୬୮୧୦ ଜଣ କରୋନା ସଂକ୍ରମିତ ହୋଇ ସାରିଲେଣି।

# ବଲସକୁମ୍ପାରେ ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ ଫେଲ୍

## ବିଜୁଳି ବିଭ୍ରାଟରୁ ସମସ୍ୟା ଭୋଗୁଛନ୍ତି ଲୋକେ

ଖଜୁରିପଡ଼ା/ବଲସକୁମ୍ପା, ୧୪।୫(ଡି.ଏନ.ଏ.)

ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ବଲସକୁମ୍ପା ଗ୍ରାମ ପଞ୍ଚାୟତରେ ଥିବା ମା'ବରାଳ ଦେବୀ ଓ ପିଲାସାଲୁଙ୍କି ଏବଂ ପୁରୁଣା ପାଣି ଡ୍ୟାମ ବୁଲିବାକୁ ଅନେକ ସମୟରେ ପର୍ଯ୍ୟଟକମାନେ ଆସିଥାନ୍ତି। ଫୁଲବାଣୀ ସଦର ମହକୁମା ଠାରୁ ମାତ୍ର ୧୩ କି.ମି ଏବଂ ବ୍ଲକ କାର୍ଯ୍ୟାଳୟଠାରୁ ୧୨କି.ମି. ଦୂରରେ ଅବସ୍ଥିତ ଏହି ପଞ୍ଚାୟତରେ ରହିଛି ୧୧ଟି ରାଜସ୍ୱ ଗ୍ରାମ । ଜନସଂଖ୍ୟା ୫ ହଜାରରୁ ଉର୍ଦ୍ଧ୍ୱ । ପଞ୍ଚାୟତବାସୀ ଓ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ନିମନ୍ତେ ବିଜୁଳି ଓ ମୋବାଇଲ ନେଟୱର୍କ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ ସ୍ୱାଭାବିକ ସେବା ମିଳିପାରୁନାହିଁ। ବଲସକୁମ୍ପା ଅଞ୍ଚଳବାସୀଙ୍କ ବହୁ ଅନୁରୋଧ ପରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ୧୦ ବର୍ଷ ତଳେ ବିଏସ୍‌ଏନ୍‌ଏଲ ଟାୱାର ନିର୍ମାଣ ହେଲା। ତେବେ ଟାୱାର କାର୍ଯ୍ୟକ୍ଷମ ହେବା ପରଠାରୁ ନେଟୱର୍କ ସମସ୍ୟା ଦେଖାଦେଉଛି। ଜେନେରେଟର ଏବଂ ବ୍ୟାଟେରି ଲାଗିଥିଲେ ମଧ ତାହା ବାରମ୍ବାର ଖରାପ ହେଉଛି। ଏପଟେ ଦିନକୁ ୧୦ରୁ ୧୨ ଥର ବିଦ୍ୟୁତ କଟୁଛି। ବାରମ୍ବାର ବିଦ୍ୟୁତ କଟୁଥିବାରୁ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ଓ ବ୍ୟାଙ୍କ କାମରେ ମଧ ବାଧା ସୃଷ୍ଟି ହେଉଛି। ଏହି ସମସ୍ୟାକୁ ନେଇ ଅନେକ ଥର ଅଞ୍ଚଳବାସୀ ବିଭାଗୀୟ ଅଧିକାରୀମାନଙ୍କୁ ଅଭିଯୋଗ କରିଥିଲେ ମଧ କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି। ବିଦ୍ୟୁତ ବିଭାଗ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରିଲେ କେତେବେଳେ ଖୁଣ୍ଟ ଭାଙ୍ଗିଛି ତ ଆଉ କେତେବେଳେ ତ ଆଉ କେତେବେଳେ ଜଙ୍ଗଲ ଦେଇ ଯାଇଥିବା ବିଦ୍ୟୁତ ତାରରେ ଡାଳପତ୍ର ଲାଗି ଯାଉଥିବାରୁ ସମସ୍ୟା ହେଉଛି ବୋଲି କହୁଛନ୍ତି। ସେହିପରି ବିଏସଏନଏଲ କର୍ତ୍ତୃପକ୍ଷ ବିଦ୍ୟୁତ ନ ରହିଲେ ନେଟୱର୍କ ରହୁ ନ ଥିବା କହୁଛନ୍ତି। ଅନ୍ୟପକ୍ଷରେ ପାଣି ସମସ୍ୟାକୁ ନେଇ ଯନ୍ତ୍ରୀଙ୍କୁ ପଚାରିଲେ ବିଦ୍ୟୁତ ନ ରହିଲେ ପାନୀୟ ଜଳ ଯୋଗାଇ ହେଉନାହି ବୋଲି କହୁଛନ୍ତି। ନେଟୱର୍କ ସମସ୍ୟାରୁ ପିଲାଙ୍କ ଅନଲାଇନ୍ ପାଠପଢା ବନ୍ଦ ରହିବା ସହ ଏହି ପଞ୍ଚାୟତରେ ଦୁଇଟିକିଓସ୍କ ବ୍ୟାଙ୍କ କାମ ମଧ ହୋଇପାରୁନି। ପଞ୍ଚାୟତସ୍ତରୀୟ ଅଫିସ କାର୍ଯ୍ୟରେ ମଧ ବାଧା ସୃଷ୍ଟି ହେଉଛି। ଏହି ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଟାୱାରର କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ସାହାଣୀଙ୍କୁ ପଚାରିବାରେ ସମସ୍ୟା ନେଇ ବିଏସଏନଏଲ ମୁଖ୍ୟ କାର୍ଯ୍ୟାଳୟକୁ ଯାଇ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ବାରମ୍ବାର ଅବଗତ କରିଥିଲେ ମଧ କେହି କର୍ଣ୍ଣପାତ କରୁ ନ ଥିବା କହିଛନ୍ତି।



ବିଏସ୍‌ଏନ୍‌ଏଲ ଟାୱାର।

## ନନ୍ଦନକାନନ ଅନିର୍ଦ୍ଦିଷ୍ଟକାଳ ଯାଏ ବନ୍ଦ

ବାରଙ୍ଗ,(ଡି.ଏନ୍.ଏ.): କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଚିଡ଼ିଆଖାନାକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ପଶୁପକ୍ଷୀମାନେ କରୋନା ସଂକ୍ରମିତ ହେବାର ଆଶଙ୍କା କରାଯାଇ ନନ୍ଦନକାନନକୁ ମେ ୧ରୁ ୧୫ତାରିଖ ପର୍ଯ୍ୟନ୍ତ ବନ୍ଦ କରାଯାଇଥିଲା। କିନ୍ତୁ ସଂକ୍ରମଣ ସଂଖ୍ୟା କମିବା ପରିବର୍ତ୍ତେ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ପୁଣି ନନ୍ଦନକାନନ ଓ ବଟାନିକାଲ ଗାର୍ଡେନ ବନ୍ଦ ସମୟସୀମାକୁ ବୃଦ୍ଧି କରାଯାଇଛି। ସଂକ୍ରମଣ ହାର ଆଶାନୁରୂପକ ଭାବେ ରାଜ୍ୟରେ ହ୍ରାସ ନ ପାଇବା ପର୍ଯ୍ୟନ୍ତ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ବିମଳ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି।

### ସଂକ୍ଷେପରେ

## ପାଞ୍ଚ ଫୁଟ୍‌ର ଧଳା ନାଗ ଉଦ୍ଧାର



ବ୍ରହ୍ମପୁର ଅଫିସ,୧୪।୫: ବ୍ରହ୍ମପୁର ଲୋଚାପଡା ରୋଡ୍ ଧୋବାନାଳ ନିକଟରେ ରହୁଥିବା କଂଗ୍ରେସ ସଭାନେତ୍ରୀ ସ୍ୱରୂପା ତ୍ରିପାଠୀଙ୍କ ଘରୁ ଶୁକ୍ରବାର ଏକ ବିରଳ ଧଳା ରଙ୍ଗର ନାଗ ସାପ ଉଦ୍ଧାର ହୋଇଛି। ବଗିଚାରେ ଏକ ନାଗ ସାପ ଥିବା ଦେଖି ପ୍ରଥମେ ସେ ଉକ୍ତ ଅଞ୍ଚଳର ପଶୁପ୍ରେମୀ କୁନା ମିଶ୍ରଙ୍କୁ ଯୋଗାଯୋଗ କରିଥିଲେ। କୁନା ସଙ୍ଗେ ସଙ୍ଗେ ଆସି କୌଶଳ କ୍ରମେ ସାପଟିକୁ କାବୁ କରିଥିଲେ। ଏହାପରେ ସେ ତାକୁ ନିକଟରେ ଥିବା ଜଙ୍ଗଲରେ ଛାଡି ଦେଇଥିଲେ। ଏହି ରଙ୍ଗର ନାଗ ସାପ ବହୁତ ବିରଳ ବୋଲି କୁନା ପ୍ରକାଶ କରିଛନ୍ତି।

## କରୋନାରେ ଯୁବ ଓଡ଼ିଆ ବୈଜ୍ଞାନିକଙ୍କ ମୃତ୍ୟୁ

ବାହାନଗା,୧୪।୫(ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ଅଞ୍ଚଳର ଯୁବ ବୈଜ୍ଞାନିକ ବୈଦ୍ୟନାଥ ମହାନ୍ତିଙ୍କ କରୋନାରେ ମୃତ୍ୟୁ ହୋଇଯାଇଛି। ୧୫ଦିନ ପୂର୍ବରୁ ତାଙ୍କ ବଡଭାଇ ବିଶ୍ୱନାଥଙ୍କ ମୃତ୍ୟୁ ହୋଇଥିଲା। ବଡଭାଇଙ୍କ ମୃତ୍ୟୁ ଖବର ଶୁଣି ବୈଦ୍ୟନାଥ କୁଏତରୁ ଦିଲ୍ଲୀ ଆସିବା ପରେ ବମ୍ବେସ୍ଥିତ ବାସଭବନରେ ରହିଯାଇଥିଲେ। ସେଠାରେ ସେ ଅସୁସ୍ଥ ହୋଇପଡିବାରୁ ମେଡିକାଲରେ ଭର୍ତ୍ତି ହୋଇଥିଲେ। ପରେ ସେ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ଭର୍ତ୍ତି କରାଯାଇଥିଲା। କିଛି ଦିନ ଚିକିତ୍ସା ପରେ ବୈଦ୍ୟନାଥ ସୁସ୍ଥ ହୋଇ ଦୁଇଦିନ ତଳେ ଭେଣ୍ଟିଲେଟରରୁ ବାହାରିଥିଲେ। ହଠାତ ବୈଦ୍ୟନାଥଙ୍କ ଦେହ ଶୁକ୍ରବାର ଅସୁସ୍ଥ ହୋଇପଡିଥିଲା । ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ଗଳାବାଟରେ ଚାଲିଛି ଚଳପ୍ରଚଳ

ଜଳେଶ୍ୱର, ୧୪।୫(ଡି.ଏନ.ଏ.)

କରୋନା ଭୂତାଣୁର ୨ୟ ଲହର ସମଗ୍ର ଦେଶରେ କାୟା ବିସ୍ତାର କରି ଚାଲିଥିବା ବେଳେ ପଶ୍ଚିମବଙ୍ଗ ମ୍ୟୁଟାଣ୍ଟକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କଠୋର ନୀତି ଅବଲମ୍ବନ କରାଯାଇଛି। ଓଡିଶା-ପଶ୍ଚିମବଙ୍ଗ ସୀମା ସିଲ୍ କରାଯିବା ସହିତ ଯାନବାହନ ଯାଞ୍ଚ କଡାକଡି କରାଯାଉଛି। ଏନେଇ ପ୍ରଶାସନ ପକ୍ଷରୁ ଉଚ୍ଚପଦସ୍ଥ ଅଧିକାରୀମାନେ ବାରମ୍ବାର ସୀମାନ୍ତ ଅଞ୍ଚଳ ପରିଦର୍ଶନ କରି ସମୀକ୍ଷା କରୁଛନ୍ତି। ହେଲେ ଆଗରେ ତାଲା ପଛରେ ମେଲା ଭଳି କେତେକ ଗଳା ରାସ୍ତାରେ ଦଲାଲମାନଙ୍କ ସହାୟତାରେ ପ୍ରବାସୀମାନେ ଓଡିଶା ମଧ୍ୟକୁ ପ୍ରବେଶ କରୁଥିବା ନଜରକୁ ଆସିଛି।

ବାଲେଶ୍ୱର ଜିଲାର ଉପାନ୍ତ ଜଳେଶ୍ୱର ବ୍ଲକର ନେଡ୍ରୁଆ, ସୁଗୋ, ନଛିମପୁର, ଲକ୍ଷ୍ମଣନାଥ, ଗୋବରଘଟ୍ଟା, ଦକ୍ଷିଣପ୍ରହରାଜପୁର, ଶ୍ରୀରାମପୁର, ମାକିଡିଆ, ଓଲମରା, ଶ୍ୟାମନଗର, ସର୍ଦ୍ଦାରବନ୍ଧ ଓ ଖୁଆଡ ପଞ୍ଚାୟତର ୪୫ଟି ଗାଁ ପଶ୍ଚିମବଙ୍ଗର ୫୧ଟି ଗାଁକୁ ଲାଗି ରହିଛି ।୬୦ନଂ. ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲପ୍ଲାଜା ନିକଟରେ ସ୍ୱତନ୍ତ୍ର ପୋଲିସ ମୁତୟନ ହୋଇ ଯାଞ୍ଚ କଡାକଡି ଚାଲିଛି। ପ୍ରଶାସନ ପକ୍ଷରୁ ମୁଖ୍ୟ କେତେକ ରାସ୍ତାକୁ ସିଲ୍ କରାଯାଇଥିବା ବେଳେ କେତେକ ଗ୍ରାମ୍ୟ ରାସ୍ତା ଏବେ ବି ମୁକୁଳା ପଡିଛି। ପଶ୍ଚିମବଙ୍ଗର ଧୋଇପଡା-ଓଡିଶାର ନେଡ୍ରୁଆ ପଞ୍ଚାୟତର ସାହାପୁର ରାସ୍ତା ଖୋଲା ରହିଛି। ଟୋଲପ୍ଲାଜା ନିକଟରେ ଥିବା ପାସିଂ ଅଫିସ୍‌କୁ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଥିବା ବେଳେ ଏବେ ବି ଗୋଟିଏ ଦୁଇଟି ପାସିଂ ଅଫିସ୍ କାର୍ଯ୍ୟ କରୁଛି । ଗଳାବାଟର ସୁଯୋଗ ନେଇ ପାସିଂ ଅଫିସ୍‌ରେ କାର୍ଯ୍ୟ କରୁଥିବା କେତେକ ଦଲାଲ ରାତିରେ ପ୍ରତି ଚାରିଚକିଆ ଯାନରୁ ୫ହଜାର ଟଙ୍କା ନେଇ ଓଡିଶା ମଧ୍ୟକୁ ପ୍ରବେଶ କରାଉଛନ୍ତି । ଏପରିକି ସେମାନେ ଜାଲ କାଗଜପତ୍ର କରାଇ ଯାଞ୍ଚ କରାଯାଉଥିବା ରାସ୍ତାରେ ଗାଡି ପାର୍ କରୁଛନ୍ତି । ଦଲାଲମାନେ ଗାଡିଗୁଡିକୁ ଚେକ୍‌ଗେଟ ନିକଟରୁ ଫେରାଇ ନେଇ ପଶ୍ଚିମବଙ୍ଗର ସୁନାକଣିଆ-ମାଟିବିରୁଆଁ ରାସ୍ତାରେ ନେଇ ବରିଂନିମପୁରରୁ ଧୋଇପଡା-ସାହାପୁର-ସୁଗୋ ରାସ୍ତାରେ କଡେଇ ନେଉଛନ୍ତି। ସୁଗୋଠାରେ ଜଣେ ଦଲାଲ ଗାଡି ପ୍ରତି ୨ହଜାର ଟଙ୍କା ନେଇ ପଶ୍ଚିମବଙ୍ଗରୁ ଆସୁଥିବା ଗାଡିକୁ ଏସ୍କର୍ଟ ଦେଉଛନ୍ତି । ଏପରି କାର୍ଯ୍ୟ ଚାଲୁଥିବା ବେଳେ ପୋଲିସ କିପରି ଟେର୍ ପାଉନି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତେଣୁ ପ୍ରବାସୀମାନଙ୍କ ଅନୁପ୍ରବେଶ ରୋକିବାକୁ ବହୁ ବୁଦ୍ଧିଜୀବୀ ଓ ସଚେତନ ନାଗରିକ ଦାବି କରିଛନ୍ତି। ଏ ସମ୍ପର୍କରେ ଏସ୍‌ଡିପିଓ ଅଙ୍କିତା କୁମ୍ଭାରଙ୍କୁ ପଚରାଯିବାରୁ ସେ କହିଛନ୍ତି, ଏହା ମୋ ନଜରରେ ନାହିଁ। ଯଦି ଏପରି ହେଉଥାଏ, ତାହାହେଲେ ସେସବୁ ସ୍ଥାନରେ ଖୁବ୍‌ଶୀଘ୍ର ବ୍ୟାରିକେଡ କରାଯାଇ ପୋଲିସ ମୁତୟନ କରାଯିବାର ବ୍ୟବସ୍ଥା କରାଯିବ।



ମୁକୁଳା ପଡିଥିବା ପଶ୍ଚିମବଙ୍ଗର ଧୋଇପଡା-ଓଡିଶାର ସାହାପୁର ରାସ୍ତା।

### ନାଁକୁ ସୀମା ସିଲ୍

## ଆଉ ୨ ଯୋଡ଼ା ସ୍ପେଶାଲ ଟ୍ରେନ୍ ବାତିଲ

ଭୁବନେଶ୍ୱର, ୧୪।୫(ବ୍ୟୁରୋ)

କରୋନା ସଂକ୍ରମଣରେ ବ୍ରେକ୍ ଲଗାଇବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଏହାର ପରିସୀମା ମଧ୍ୟରୁ ଛାଡୁଥିବା ଦୁଇ ଯୋଡା ସ୍ପେଶାଲ ଏକ୍ସପ୍ରେସ୍ ଟ୍ରେନ୍‌କୁ ବାତିଲ କରାଯାଇଛି। ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ସ୍ପେଶାଲ ଟ୍ରେନ୍ (୦୮୪୯୩/୦୮୪୯୪)କୁ ଉଭୟ ପାର୍ଶ୍ୱରୁ ମେ ୧୫, ୧୬, ୨୨ ଓ ୨୩ ତାରିଖ ଦିନ ବାତିଲ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ବିଶାଖାପାଟଣା-କାଚେଗୁଡା-ବିଶାଖାପାଟଣା ସ୍ପେଶାଲ (୦୮୫୬୧/୦୮୫୬୨)କୁ ବିଶାଖାପାଟଣାଠାରୁ ମେ' ୧୪ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଓ କାଚେଗୁଡାଠାରୁ ମେ' ୧୫ରୁ ଜୁନ୍ ୧ ପର୍ଯ୍ୟନ୍ତ ବାତିଲ କରାଯାଇଛି। ସୂଚନାଯୋଗ୍ୟ, ପୂର୍ବତଟ ରେଳପଥ ପକ୍ଷରୁ ପୂର୍ବରୁ ୪ ଯୋଡା ସ୍ପେଶାଲ ଏକ୍ସପ୍ରେସ ଟ୍ରେନ୍ ପୁରୀ-ଏଲଟିଟି-ପୁରୀ (୦୨୮୬୬/୦୨୮୬୫), ଭୁବନେଶ୍ୱର-ଏଲଟିଟି-ଭୁବନେଶ୍ୱର(୦୨୮୮୦/୦୨୮୭୯), ବିଶାଖାପାଟଣା-କଡ଼ପା-ବିଶାଖାପାଟଣା (୦୭୪୮୮/୦୭୪୮୭) ଓ ବିଶାଖଶପାଟଣା-ଲିଙ୍ଗମପଲ୍ଲୀ-ବିଶାଖାପାଟଣା (୦୨୮୩୧/୦୨୮୩୨)କୁ ବାତିଲ କରାଯାଇଛି।

## ନନ୍ଦନକାନନରେ ଅଜଗର ମୃତ

ବାରଙ୍ଗ,୧୪।୫(ଡି.ଏନ୍.ଏ.)

ନନ୍ଦନକାନନ ସରୀସୃପ ଉଦ୍ୟାନର ୫୧ନଂ ଏନକ୍ଲୋଜରରେ ରହୁଥିବା ଏକ ଅଣ୍ଡିରା ଭାରତୀୟ ଅଜଗର ସାପର ଶୁକ୍ରବାର ମୃତ୍ୟୁ ଘଟିଛି। ତାକୁ ୧୮ବର୍ଷ ହୋଇଥିଲା। ଦୀର୍ଘଦିନ ହେବ ରୋଗାଗ୍ରସ୍ତ ଥିଲା। ଶୁକ୍ରବାର ଅଜଗରଟି ଗୋଟିଏ ଜାଗାରେ ଦୀର୍ଘ ସମୟ ପଡ଼ିରହିବା ପରେ କର୍ମଚାରୀମାନେ ଡାକ୍ତରଙ୍କୁ ଜଣାଇଥିଲେ। ଚିକିତ୍ସା ସତ୍ତ୍ୱେ ତା'ର ମୃତ୍ୟୁ ଘଟିଥିଲା।

## ଉଦାହରଣ ସାଜିଲେ ଗର୍ଭବତୀ ନର୍ସ

### ବିନା ଛୁଟିରେ ଡ୍ୟୁଟି



କାର୍ଯ୍ୟରତ ନର୍ସ ସୁରେଖା।

ବାଲେଶ୍ୱର ଅଫିସ,୧୪।୫

କର୍ତ୍ତବ୍ୟ ଆଗ, ଆଉ ସବୁ ପଛ। ଏହି ଉକ୍ତିକୁ ଚରିତାର୍ଥ କରିଛନ୍ତି ୯ ମାସର ଗର୍ଭବତୀ ନର୍ସ ସୁରେଖା ପ୍ରଧାନ। ରୋଗୀ ସେବାକୁ ପ୍ରାଥମିକତା ଦେଇ ସେ ନିଜର ଶରୀର କଷ୍ଟକୁ ଭୁଲିଯାଇଛନ୍ତି। ବିନା ଛୁଟିରେ ସେ ମେଡ଼ିକାଲରେ ଡ୍ୟୁଟି କରୁଛନ୍ତି। ମହାମାରୀ କରୋନା ସମୟରେ ମେଡ଼ିକାଲ କର୍ତ୍ତୃପକ୍ଷ ତାଙ୍କୁ ଛୁଟି ନେବାକୁ ଉପଦେଶ ଦେଇଥିଲେ ମଧ୍ୟ କର୍ମଚାରୀ ଅଭାବକୁ ଦୃଷ୍ଟିରେ ରଖି ସେ ଡ୍ୟୁଟି କରିବାକୁ ଆସୁଛନ୍ତି। ତାଙ୍କର ଏଭଳି କର୍ତ୍ତବ୍ୟନିଷ୍ଠା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ବିଭିନ୍ନ ମହଲରୁ ତାଙ୍କୁ ପ୍ରଶଂସା କରାଯାଉଛି।

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଷ୍ଟାଫନର୍ସ ଭାବେ କାର୍ଯ୍ୟ କରୁଛନ୍ତି ସୁରେଖା। ଗର୍ଭାବସ୍ଥା ସମୟରେ ବିଶ୍ରାମର ଆବଶ୍ୟକତା ଥିବାବେଳେ ସେ ରୋଗୀସେବାକୁ ପ୍ରାଥମିକତା ଦେଇଛନ୍ତି। ସେ କୁହନ୍ତି, ଯେଉଁ ଗୁରୁଦାୟିତ୍ୱ ତାଙ୍କୁ ମିଳିଛି ତାହା ତୁଲାଇବାକୁ ପଡ଼ିବ। କରୋନା ପାଇଁ ଅଧିକ କାମ ଥିବା ବେଳେ କର୍ମଚାରୀ ଅଭାବରୁ ଡ୍ୟୁଟି କରିବାକୁ ଆସୁଛି। ରୋଗୀସେବାରୁ ଆତ୍ମତୃପ୍ତି ମିଳୁଛି। ଚିକିତ୍ସାଧିକାରୀ ଡା. ଅଜୟ କୁମାର ସାମଲ କୁହନ୍ତି, ନର୍ସ ସୁରେଖା ପ୍ରସୂତିକାଳୀନ ଛୁଟି ପାଇଁ ଆବେଦନ କରିଛନ୍ତି। ଏହାସତ୍ତ୍ୱେ ଚିକିତ୍ସାଳୟରେ ଷ୍ଟାଫ୍ କମ୍ ଥିବାରୁ ସେ ନିଜେ ଏହାକୁ ଅନୁଭବ କରି ପ୍ରତିଦିନ ଡ୍ୟୁଟି କରୁଛନ୍ତି। ତାଙ୍କୁ ଚିକିତ୍ସାଳୟ ପକ୍ଷରୁ ହାଲ୍‌କା କାମରେ ନିୟୋଜିତ କରାଯାଇଛି। ସେ କେମିତି ସୁରକ୍ଷିତ ରହିବେ ସେଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି।



ଚନ୍ଦନଯାତ୍ରା ଉପଲକ୍ଷେ ପୁରୀ ଚନ୍ଦନ ଘରକୁ ଶୁକ୍ରବାର ରଙ୍ଗ କରାଯାଉଛି।

## ସାହିତ୍ୟିକ ନରେନ୍ଦ୍ର ବେହେରାଙ୍କ ପରଲୋକ



ନରେନ୍ଦ୍ର ବେହେରା

କଟକ ଅଫିସ, ୧୪।୫

ସାହିତ୍ୟିକ, ନାଟ୍ୟକାର, ଗୀତିକାର ତଥା ଅନୁବାଦକ ନରେନ୍ଦ୍ର ବେହେରାଙ୍କ ଗତ ୧୨ ତାରିଖରେ ଜାମସେଦପୁରଠାରେ ପରଲୋକ ହୋଇଯାଇଛି। ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ସେ କିଛିଦିନ ହେବ କରୋନାରେ ଆକ୍ରାନ୍ତ ହୋଇ ଜାମସେଦପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଥିଲା। ଜାମସେଦପୁରସ୍ଥିତ ଶ୍ମଶାନରେ କରୋନା ଗାଇଡ୍‌ଲାଇନ୍ ଅନୁଯାୟୀ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ପୁଅ ନିଷିର୍ଥ ମୁଖାଗ୍ନି ଦେଇଥିଲେ।

କଟକ ଜିଲା ଟାଙ୍ଗୀ ନିକଟସ୍ଥ ମଣିଆରେ ନରେନ୍ଦ୍ର ଜନ୍ମଗ୍ରହଣ କରିଥିଲେ। ତାଙ୍କର ସ୍ତ୍ରୀ, ୨ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ସେ ଆକାଶବାଣୀର ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାର ଓ ନାଟ୍ୟକାର ଭାବେ ପ୍ରତିଷ୍ଠିତ। ଦୂରଦର୍ଶନରେ ତାଙ୍କର ଅନେକ ନାଟକ ଓ 'ଆରାଧନା' ଧାରାବାହିକ ପ୍ରସାରିତ ହୋଇଛି। ତାଙ୍କ ନାଟକ ମଧ୍ୟରେ ଡାଇନିଂ ଟେବୁଲ, ଯୌତୁକ, ଶେଷ ଫଗୁଣର ଆଳାପ, ମେଘମାଳା, ଅସ୍ତସୂର୍ଯ୍ୟ, କପେ ଚା ଅଧା ଅଧା ପ୍ରଭୃତି ଅନ୍ତର୍ଭୁକ୍ତ ।ସେହିପରି ତାଙ୍କ ରଚିତ ଗଳ୍ପ ପୁସ୍ତକ ପ୍ରତୀକ୍ଷା ଓ ଗୀତିକବିତା ସଂକଳନ ପ୍ରେମ ପିଆଲା, ପୁଣ୍ୟ ପାହାଚ ଏବଂ ଅନୁବାଦ ଗ୍ରନ୍ଥ ଗୃଧ୍ର, ପ୍ରେମଚାନ୍ଦଙ୍କ କଥା ସାଗର ଓଡ଼ିଆ ସାହିତ୍ୟକୁ ଏକ ଅମୂଲ୍ୟ ଅବଦାନ। ପୁନେଇଁ ଜହ୍ନ, ପିଲାଗଉଡ ଓ ଫୁଲ ସବାରି ପ୍ରଭୃତି କ୍ୟାସେଟ୍ ମାଧ୍ୟମରେ ସେ ପ୍ରଶଂସିତ ହୋଇଛନ୍ତି। ତାଙ୍କ ବିୟୋଗରେ ଲେଖିକା ପ୍ରତିଭା ରାୟ, ସାରଳା ସାହିତ୍ୟ ସଂସଦ ପ୍ରତିଷ୍ଠାତା ଇଂ. ପ୍ରଭାକର ସ୍ୱାଇଁ, ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ସାହିତ୍ୟିକ ବିପିନ ବିହାରୀ ମିଶ୍ର, ପଦ୍ମଶ୍ରୀ ଡ. ରଜତ କର, ଉତ୍କଳ ସାହିତ୍ୟ ସମାଜ ସଭାପତି ତରୁଣ କୁମାର ସାହୁ ଓ ଉପସଭାପତି ସଞ୍ଜିତ କୁମାର ପଟ୍ଟନାୟକ ପ୍ରମୁଖ ଓଡ଼ିଆ ଓ ଭାରତୀୟ ସାରସ୍ୱତ ଜଗତରେ ଅପୂରଣୀୟ କ୍ଷତି ବୋଲି ଶୋକବାର୍ତ୍ତାରେ କହିଛନ୍ତି।

## ୪୫ କଏଦୀଙ୍କୁ କରୋନା, ଜଣେ ଏମ୍‌କେସିଜି ସ୍ଥାନାନ୍ତର

### ମଣ୍ଡଳ କାରାଗାରରେ ଖୋଲିଲା ଡିସିସିସି

ବ୍ରହ୍ମପୁର ଅଫିସ,୧୪।୫- ବ୍ରହ୍ମପୁର ମଣ୍ଡଳ କାରାଗାରର ୪୬ ଅନ୍ତେବାସୀ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ଜେଲ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ିଛି। ଚିକିତ୍ସା ପାଇଁ ଜିଲା ପ୍ରଶାସନ ତରଫରୁ ଜେଲ ପରିସରସ୍ଥ ହସ୍ପିଟାଲରେ ଡେଡିକେଟେଡ୍ କୋଭିଡ୍ କେୟାର୍ ସେଣ୍ଟରସ୍ (ଡିସିସିସି) ଆରମ୍ଭ କରାଯାଇଛି। ଡିସିସିସି ଦାୟିତ୍ୱରେ ବ୍ରହ୍ମପୁର ତହସିଲଦାର ସିପକ କୁମାର ପାତ୍ର ରହିଛନ୍ତି। ସେଠାରେ ୪୫ କଏଦୀଙ୍କ ଚିକିତ୍ସା ଚାଲିଛି। ସେହିପରି ଅନ୍ୟ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଏମ୍‌କେସିଜି ମେଡିକାଲ କୋଭିଡ୍ ହସ୍ପିଟାଲ୍-୨ରେ ଭର୍ତ୍ତି କରାଯାଇଛି। ୪୬ ଜଣଙ୍କ ମଧ୍ୟରେ ୪ଜଣ ଦୋଷୀସାବ୍ୟସ୍ତ ହୋଇ ସଜା କାଟୁଥିବା ବନ୍ଦୀ ବୋଲି ଜେଲର ସତ୍ୟନାରାୟଣ ବେହେରା କହିଛନ୍ତି। ଗତ କିଛିଦିନ ହେଲା ଜେଲରେ କେତେଜଣଙ୍କୁ ଜ୍ୱର, କାଶ ହୋଇଥିଲା। ଏଥିପାଇଁ କର୍ତ୍ତୃପକ୍ଷ କରୋନା ଲକ୍ଷଣ ଥିବା ୮୨ ଅନ୍ତେବାସୀ ଓ ଦୁଇଜଣ କର୍ମଚାରୀ ମୋଟ ୮୪ଜଣଙ୍କର ଆଣ୍ଟିଜେନ୍ ପରୀକ୍ଷା କରାଇଥିଲେ। ସେଥିରୁ ୪୬ ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା।

## କରୋନାରେ ସରପଞ୍ଚ ମୃତ

କାମାକ୍ଷାନଗର, ୧୪।୫(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ସୋଗର ପଞ୍ଚାୟତର ସରପଞ୍ଚ ସୀତାରାମ ବେହେରାଙ୍କ ଗୁରୁବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ସେ କରୋନା ସଂକ୍ରମଣର ଶିକାର ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କର ଏଭଳି ବିୟୋଗ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।

ସୀତାରାମ ଗତ ସୋମବାର ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ସ୍ୱାବ୍ ପରୀକ୍ଷାରୁ ତାଙ୍କ ରିପୋର୍ଟ ପଜିଟିଭ୍ ବାହାରିଥିଲା। ମଙ୍ଗଳବାର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସୀତାରାମଙ୍କ ପରଲୋକରେ ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ବିଡିଓ ବିକାଶ ମହାନ୍ତି ଗଭୀର ଶୋକବ୍ୟକ୍ତ କରିଛନ୍ତି। କାମାକ୍ଷାନଗର ବ୍ଲକ ସରପଞ୍ଚ ସଂଘ ସଭାପତି ଲଳିତ ସାହୁଙ୍କ ସଭାପତିତ୍ୱରେ ଶୁକ୍ରବାର ଖଟୁଆହତା ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଶୁକ୍ରବାର ଶୋକସଭା ଅନୁଷ୍ଠିତ ହୋଇଥିଲା। ସୀତାରାମ କୋଭିଡ୍ ପରିଚାଳନାରେ ନିୟୋଜିତ ଥାଇ ସଂକ୍ରମିତ ହୋଇଥିଲେ। ତାଙ୍କୁ କୋଭିଡ୍ ଯୋଦ୍ଧା ମାନ୍ୟତା ପ୍ରଦାନ କରିବା ସହ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଶୋକସଭାରେ ସରପଞ୍ଚ ଶିଶିରକାନ୍ତ ବେହେରା, ଶତ୍ରୁଘ୍ନ ମହାକୁଡ, ପ୍ରାଣବନ୍ଧୁ ଦାସ, ଅନିତା ନାୟକ, ପ୍ରଭାତୀ ସେଠୀ, ଜିଲା ପରିଷଦ ସଭ୍ୟ ହୃଦାନନ୍ଦ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।



ସୀତାରାମ ବେହେରା।

### ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି

## ସ୍ତ୍ରୀ ସମେତ ଶିଶୁପୁତ୍ରକୁ ଟାଙ୍ଗିଆରେ ହାଣି ହତ୍ୟା

ବୋରିଗୁମ୍ମା,୧୪।୫(ଡି.ଏନ.ଏ.): ସ୍ତ୍ରୀ ଏବଂ ୫ ବର୍ଷର ଶିଶୁପୁତ୍ରକୁ ନିର୍ମମ ଭାବେ ଟାଙ୍ଗିଆରେ ହାଣି ହତ୍ୟା କରିବା ପରି ଦୁଃଖଦ ଘଟଣା ଘଟିଛି କୋରାପୁଟ ଜିଲା ବି.ସିଂହପୁର ଥାନା ଅନ୍ତର୍ଗତ ହର ଗ୍ରାମରେ। ଏନେଇ ଗ୍ରାମବାସୀ ହତ୍ୟାକାରୀ ସ୍ୱାମୀକୁ ବାନ୍ଧି ବି.ସିଂହପୁର ପୋଲିସ ଜିମା ଦେଇଛନ୍ତି। ଖବରରୁ ଜଣାପଡ଼ିଛି ଏହି ଗ୍ରାମରେ ଧୁବୁଲୁ ମୁଦୁଲି ସ୍ତ୍ରୀ ଓ ପୁଅକୁ ଧରି ରହୁଥିଲେ। କୌଣସି କାରଣକୁ ନେଇ ଗୁରୁବାର ରାତିରେ ଧୁବୁଲୁ ଓ ତାଙ୍କ ସ୍ତ୍ରୀ ଡମୁଣୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳ ପରେ ଡମୁଣୀ ନିଜ ୫ବର୍ଷର ପୁଅ ପବୁଲୁକୁ ଧରି ପାଖ ଗ୍ରାମରେ ଥିବା ନିଜ ବାପଘରକୁ ଚାଲିଯିବାକୁ ବାହାରିଥିଲେ। ଧୁବୁଲୁ ତାଙ୍କୁ ନ ଯିବାକୁ କହିଥିଲେ। ମାତ୍ର ଡମୁଣୀ ନ ଶୁଣିବାରୁ ନିଶାସକ୍ତ ଅବସ୍ଥାରେ ଧୁବୁଲୁ ଘରେ ଥିବା ଟାଙ୍ଗିଆରେ ଡମୁଣୀ ଏବଂ ଶିଶୁପୁତ୍ରକୁ ନୃଶଂସ ଭାବେ ହାଣି ହତ୍ୟା କରିଥିଲେ। ଗ୍ରାମବାସୀ ଘଟଣା ସମ୍ପର୍କରେ ଜାଣିବା ପରେ ହତ୍ୟାକାରୀ ଧୁବୁଲଙ୍କୁ ଘରେ ବାନ୍ଧି ରଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବା ପରେ ଧୁବୁଲୁଙ୍କୁ ହସ୍ତାନ୍ତର କରିଥିଲେ। ଥାନା ଅଧିକାରୀ ଦାମୋଦର ବିହାରୀ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

NADI ASTROLOGY NOW IN ODISHA
ONLINE SERVICE ONLY
WHATSAPP VIDEO CALL,
SKYPE, ZOOM MEETING etc.
More Details Contact below Numbers:
Mrs. Priti Madam
+91 98616 63250
+91 98904 20681
+91 99307 73397

Happy Birthday

Arit Pati
At - Deypur, Ostapur, Kendrapara
May the Lord continue to shower you with happiness, good future, prosperity and good health all the days of your life.
Best wishes from:- Bou, Aai, all the family members .
D-20713

ଜନ୍ମଦିନ ଶୁଭେଚ୍ଛା

HAPPY Birthday
(ମାମୁନ)
ତ୍ରିଷ୍ଣା ତଲିନା
କଣ୍ଟି, ଗୋପ, ପୁରୀ
ଆଜି ତୋର ୧୨ତମ ଜନ୍ମବାର୍ଷିକ ଅବସରରେ ମା' ତାରିଣୀଙ୍କ ପଦାରବିନ୍ଦରେ ବିନମ୍ର ନିବେଦନ ତୋର ଚଲାପଥ କୁସୁମିତ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁ ସଦା ଖୁସି ଓ ଦୀର୍ଘ ନିରାମୟ ଜୀବନ ଯାପନ କର, ସର୍ବଦା ସୁଖୀ ରୁହ। ଶୁଭେଚ୍ଛା ସହ:- ଜେଜେବାପା, ଜେଜେମାଆ, ସବୁ ଅଙ୍କଲ ଆଣ୍ଟି, ଭାଇ, ଅଜା, ଆଇ, ମାମୁ, ମାଇଁ, ଲିକି, ଲକି, ଗୁଡୁ, ଚିଣ୍ଟୁ, ଟ୍ୱିଙ୍କିଲି, ବାବା, ମାମା ଏବଂ ସମସ୍ତ ପରିବାରବର୍ଗ ।
ଧ-୬୯୦୪୭

ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା

ସମାଇରା ସାହୁ (ରିଦ୍ଧି)
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ବାପା, ମାଆ, ଜେଜେବାପା, ଜେଜେମାଆ, ଦାଦୁ, ଦାଦି
ଧ-୨୦୭୧୫

ରାଜନୀତି ବିଜ୍ଞାନରେ Ph.D ଡିଗ୍ରୀ ଲାଭ

ଗାଙ୍ଗେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟ, ପଟାଙ୍ଗିର ଅଧକ୍ଷ ଶ୍ରୀ ଜନ୍ମେଶ୍ୱର ସାହୁ Berhampur Universityରୁ ରାଜନୀତି ବିଜ୍ଞାନରେ Ph.D ଡିଗ୍ରୀ ହାସଲ କରି Doctorate ଲାଭ କରିଛନ୍ତି। ସେ ଏରୋନଟିକସ ମହାବିଦ୍ୟାଳୟ, ସୁନାବେଢ଼ାର ରାଜନୀତି ବିଜ୍ଞାନର ଅବସରପ୍ରାପ୍ତ ଅଧାପକ ଡଃ ପ୍ରଦୀପ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କର ଗବେଷଣାତ୍ମକ ସନ୍ଦର୍ଭର ଶୀର୍ଷକ "Leadership and Political Development of the Tribal Communities in Koraput District of Orissa" ଟି ଆନ୍ଧ୍ରପ୍ରଦେଶର ଅନନ୍ତପୁରମ Sri Krishnadevaraya Universityର ରାଜନୀତି ବିଜ୍ଞାନ ବିଭାଗର ପ୍ରଫେସର Dr. B.V. Raghavulu ଓ Delhi Universityର East Asian Studies ବିଭାଗର ପ୍ରଫେସର ଡଃ ନବୀନ କୁମାର ପଣ୍ଡାଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଅଛି। ଡଃ ଜନ୍ମେଶ୍ୱର ସାହୁ ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ା ସ୍ଥିତ କଳପଙ୍ଗି ଗ୍ରାମର ସ୍ୱର୍ଗତ ପିତା ଭ୍ରମର ସାହୁ ଓ ସ୍ୱର୍ଗତ ମାତା ପୂର୍ଣ୍ଣବାସୀ ସାହୁଙ୍କ ତୃତୀୟ ପୁତ୍ର ଏବଂ ନୟାଗଡ଼ ଜିଲ୍ଲା ରାଜ ସୁନାଖଳା, ଗୋପୀନାଥପୁର ସାହିର ଶ୍ରୀଯୁକ୍ତ ଗୋବର୍ଦ୍ଧନ ସାହୁଙ୍କ କନିଷ୍ଠ ଜାମାତା ଅଟନ୍ତି। ଏହି ସଫଳତାର ଶ୍ରେୟ ଜଗତରନାଥ ପ୍ରଭୁ ଶ୍ରୀଜଗନ୍ନାଥ, ଜଗଧାତ୍ରୀ ମା' ତାରିଣୀ ଓ ଗୁରୁଜନ ତଥା ତତ୍ତ୍ୱାବଧାରକ ଓ ଶୁଭକାଂକ୍ଷୀମାନଙ୍କୁ ସମର୍ପଣ କରିଛନ୍ତି ।
ଧ-୨୦୭୧୦

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ

ସ୍ୱର୍ଗତ ଯତୀନ୍ଦ୍ରନାଥ ସାହୁ
ଆବିର୍ଭାବ: ୦୯।୦୫।୧୯୪୦
ତିରୋଧାନ: ୦୫।୦୫।୨୦୨୧
ଚାହୁଁ ଚାହୁଁ ଦଶ ଦିନ ବିତିଗଲା। ଆମକୁ ଛାଡ଼ି ଚାଲିଗଲ। ତୁମ କର୍ତ୍ତବ୍ୟନିଷ୍ଠା, ସ୍ନେହ, ଭଲପାଇବା ଆଉ ମଧୁର କଥା ସବୁ ଦିନ ପାଇଁ ଚିରସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ସ୍ତ୍ରୀ: ସୁଲ, ଟିଙ୍କୁ (ଅମିତ୍), ପିଙ୍କୁ, ରିଙ୍କୁ, ମିନୁ, ରିଙ୍କି, ସବିତା, ନାତୁଣୀ: ଗୋଲୁ, ନାତି: ସାଇ ଏବଂ ପରିବାରବର୍ଗ ।
ଧ-୨୦୭୧୪

ଦଶାହ ଉପଲକ୍ଷେ

ସ୍ୱର୍ଗତା ମିନତୀ ରାଣୀ ଦାଶ
ଆବିର୍ଭାବ: ୦୯।୦୩।୧୯୬୪
ତିରୋଧାନ: ୦୬।୦୫।୨୦୨୧
ମମି, ତୋର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀମା ପ୍ରଭୁ ଶ୍ରୀଅରବିନ୍ଦଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ ।
-:ଶୋକସନ୍ତପ୍ତ:-
ପାପା, ରୋଜି, କୁନୁ, ମୁନୁ ଓ ପରିବାରବର୍ଗ ।
ଧ-୨୦୭୧୨

୫୨ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ଗୋବର୍ଦ୍ଧନ ଦାଶ
(ଦାଣ୍ଡମୁକୁନ୍ଦପୁର, ଜିଲ୍ଲା-ପୁରୀ)
ତିରୋଧାନ- ୧୯୭୦ (ବୈଶାଖଶୁକ୍ଳ ଚତୁର୍ଥୀ)
ପୂଜ୍ୟଷ୍ପଦ ନନା,
ହୃଦୟର ପ୍ରତିଟି ସ୍ପନ୍ଦନ ତୁମେ...ଆତ୍ମାର ଆକୁଳ ପ୍ରାର୍ଥନା ତୁମେ...ପଞ୍ଚ ଦଶନ୍ଧି ଅସୁମାରି ସ୍ମୃତିର ଅମୃତ ମଣୋହି ତୁମେ...ସ୍ନେହ, ଆଦର୍ଶ, ପ୍ରେରଣାର ଆଲୋକ ବର୍ତ୍ତିକା ତୁମେ। ଅବର୍ତ୍ତମାନରେ ସପ୍ନରେ ଆସି ମନକୁ ଆନ୍ଦୋଳିତ କରିଛ। ହେ ମହାନ୍ ଆତ୍ମା... ଆମ ଜୀବନ ସମର୍ପିତ ତୁମ ଉଦ୍ଦେଶ୍ୟରେ। ମହାମାରି, ଦୁଃଖ, କଷ୍ଟ, ଭୟ, ଯନ୍ତ୍ରଣାରୁ ରକ୍ଷାକର।
ଶୋକସନ୍ତପ୍ତ
ତୁମର ହତଭାଗ୍ୟ- ସନ୍ତାନ...ସନ୍ତତି
ଧ-୭୨୧୦୩

## କ ବି ତା



### ଅକ୍ଷୟତୃତୀୟା

ଆମ ଓଡ଼ିଶାର ପବିତ୍ର ଧରାରେ
ସୁନାର ଫସଲ ଫଳେ
ଖରା ବର୍ଷା ଶୀତେ କୃଷକ ଭାଇର
ଅତି ପରିଶ୍ରମ ବଳେ।
ଅକ୍ଷୟ ତୃତୀୟା ପବିତ୍ର ଦିବସେ
ସରାଗରେ ଚାଷୀ ନେଇ
ଚାଷ ଅନୁକୂଳ କରେ କ୍ଷେତେ ତା'ର
ଅକ୍ଷି ମୁଠି ବୁଣି ଦେଇ।
ବଡ଼ି ଭୋଅରୁ ନିତ୍ୟକର୍ମ ସାରି
ଦୀପ ଧୂପ ଫୁଲ ଧରି
କ୍ଷେତକୁ ଯାଏ ସେ ବରଷକ ପାଇଁ
ଭରସାକୁ ହୃଦେ ଧରି।
କ୍ଷେତରେ ପହଞ୍ଚି ହିଡର ମୁଣ୍ଡରେ
ଦୀପ ଧୂପ ଭୋଗ ଦେଇ
ଅନ୍ନପୂର୍ଣ୍ଣାଙ୍କର ପୂଜା କରିଥାଏ
ଆଶା ଓ ବିଶ୍ୱାସ ନେଇ।
କୃଷକ ହସିଲେ ହସିବ ଦୁନିଆ
ଅନ୍ନଦାତା ପରା ସିଏ
ଖାଦ୍ୟ ଉପୁଜାଇ ରଖେ ସେ ଜୀବନ
ତା' ପରି ହୋଇବ କିଏ।

*–ଅମୂଲ୍ୟ କୁମାର ପଣ୍ଡା*
*ଅରଙ୍ଗାବାଦ, ବରୀ, ଯାଜପୁର*

### ଆସ ଲଗାଇବା ଗଛ

ଆସିଗଲା ବର୍ଷା ଦିନ
ମହତ କାମ କରିବ ଯେବେ
କଥାଟିଏ କହେ ଶୁଣ।
ଗଛର ମହିମା ଶୁଣାଇବି ପିଲେ
ମହାଦ୍ରୁମ ଏହି ବୃକ୍ଷ
ମଣିଷ–ପାଦପ ଅଭେଦ୍ୟ ପୀରତି
ତା' ପାଇଁଟି ପୂରେ ଲକ୍ଷ୍ୟ।
ସବୁଜିମା ଘେରା, ଫୁଲ ଫଳ ଭରା
ବନଟିଏ ଦେଖିଦେଲେ,
ଅପୂର୍ବ ପ୍ରଶାନ୍ତି ମନ ପରାଣରେ
କିଏ ଯେହ୍ନେ ଜାଗିଦିଏ।
ଗଛରୁ ପାଉଛ ଖଟା ମିଠା ପିତା
ପୁଣି କଷା ଆଉ ରାଗ,
ସବୁରି ସୁଆଦ ଦେହ ପାଇଁ ହିତ
ଏକଥା କି ଭୁଲ ଆଗ ?
ମା' ପରି ଦିଏ ପିଲାଙ୍କ ପାଇଁ କି
ପାଣି ପବନ ଓ ଖାଦ୍ୟ,
ନ ଥିଲେଟି ଗଛ କେମିତି ବଞ୍ଚିବ
ଏଇ ସୁନ୍ଦର ଜଗତ !
ଏବେଠାରୁ ପିଲେ ଯତ୍ନବାନ ହୁଅ
ଲଗାଅ ପ୍ରଚୁର ଗଛ,
ପାଣି ଦେଇ ମୂଳେ ଯତନ କଲେ
ଚାରିଆଡ଼ ହେବ ସ୍ୱଚ୍ଛ।
ମଣିଷ ସମାଜ ଆଉ ଗଛବୃଛ
ଅଙ୍ଗାଙ୍ଗୀ ଭାବେ ଜଡ଼ିତ
ତୁମ କୁନି ହାତେ ସବୁଜିମା ଭରୁ
ହସୁଥାଉ ଏ ଜଗତ।

*– ପୁଷ୍ପଲତା ମହାନ୍ତି*
*୭୧/ଏ, ବିଜେବି ନଗର, ଭୁବନେଶ୍ୱର*

### ପାଶେ ଥିବୁ ମୋର ମିତ

ପଢ଼ିଦେଲେ ତୋତେ ଧରି ମୋର ହାତେ
ଦୁଃଖ ଯାଏ ସବୁ ସରି,
ବନ୍ଧୁଟିଏ ସାଜି ଅଛୁ ମୋର ପାଶେ
କିଏ ହେବ ତୋର ସରି।
ତୋ ଦେହର ଛବି ଛପା ଅକ୍ଷର ଯେ
ସଜ ଫୁଲ ପରି ଦିଶେ,
ତୋ ଦେହର ପାଠ ମନେ ରଖିଦେଲେ
ଫିକ୍ ଫିକ୍ ହୋଇ ହସେ।
ସଜେଇ ସାଇତି ରଖିବି ପାଖରେ
ଝାଡି ଧୂଳି, ମଳି ବାଲି
ଅତି ଦରକାରୀ ସବୁଠାରେ ଲୋଡା
ହେଉଛୁ ତୁ ଆଜିକାଲି।
ପାଖେ ଥିବୁ ମୋର ମିତଟିଏ ହୋଇ
ଜୀବନର ଶେଷ ଯାଏ,
ଛାତିରେ ଧରି ମୁଁ ପଢୁଥିବି ପାଠ
ତୋତେ ଭାରି ଭଲ ପାଏ।

*–ପ୍ରଶାନ୍ତ କୁମାର ଦାଶ*
*କୁଞ୍ଚର, ସଙ୍ଗଳାଇ, ପିପିଲି, ପୁରୀ*

### ସଜଫୁଲ

ସଜଫୁଲଟିଏ ଫୁଟେ ବଗିଚାରେ
ଦିଶଇ କେଡ଼େ ସୁନ୍ଦର
କଳିରୁ ବିକଶି ହୁଏ ଫୁଲଟିଏ
ମହକାଏ ବାସ ତା'ର।
ରଙ୍ଗ ବେରଙ୍ଗର ରଙ୍ଗ ଭରା କେତେ
କୋମଳ ପାଖୁଡା ତା'ର
ପତର ଗହଳେ ହସୁଥାଏ ଚାହିଁ
ଖେଳଇ ସାଥେ ଭ୍ରମର।
ପରଜାପତିଟି ଉଡ଼ିବୁଲୁଥାଏ
ଫୁଲେଫୁଲେ ବଗିଚାର
ଏ ସାରା ଜଗତେ କୋମଳ ପବିତ୍ର
ଫୁଲଟି ଏ ଦୁନିଆର।

*– ଅର୍ଚ୍ଚନା କର*
*୬୫୬, ନୟାପଲ୍ଲୀ, ଭୁବନେଶ୍ୱର*

## ଗିନିଜ୍ ୱାର୍ଲ୍ଡ ରେକର୍ଡ

### ସବୁଠୁ ଓଜନିଆ ଆମ୍ବ



ପିଲାମାନେ ତୁମେ ତ ଆମ୍ବ ଦେଖିଥିବ ନିଶ୍ଚୟ। ଗୋଟେ ଗୋଟେ ଆମ୍ବ ଏତେ ବଡ଼ ଆଉ ତାହାର ସ୍ୱାଦ ଏତେ ମିଠା ହୋଇଥାଏ ଯେ ଗୋଟେ ଖାଇଲେ ପେଟ ପୂରିଯାଏ। କିନ୍ତୁ ଏମିତି ଗୋଟେ ଆମ୍ବ ତୁମେ ହୁଏତ କେହି ଦେଖି ନ ଥିବ, ଯାହାର ଓଜନ ପାଖାପାଖି ୫ କିଲୋଗ୍ରାମ୍। କିନ୍ତୁ ଏଭଳି ଏକ ଆମ୍ବ ଅମଳ କରି ଏବେ ଗିନିଜ୍ ୱାର୍ଲଡ ରେକର୍ଡ କରିଛି କଲମ୍ବିଆର ଗୁଆୟାତାରେ ଥିବା ଏକ ଫାର୍ମ। ଏହି ଫାର୍ମର ମାଲିକ କୃଷକ ଦମ୍ପତି ଆରଲାଣ୍ଡୋ ନୋବୋଆ ବରେରା ଏବଂ ତାଙ୍କ ପତ୍ନୀ ମାରିୟା ମାରୋକ୍ୱିନ୍। ଫାର୍ମର ଏକ ଗଛରେ ଏହି ବିଶାଳ ଆମ୍ବଟି ଏତେ ବଡ଼ ହେବା ଦେଖି ପ୍ରଥମେ ସେମାନେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। କାହିଁକି ନା ଏହାର ଓଜନ ୪ କିଲୋଗ୍ରାମ୍ ୨୫୦ ଗ୍ରାମ୍ ହୋଇଥିଲା। ଏତେ ଓଜନର ଆମ୍ବ ସମ୍ପର୍କରେ ଜାଣିବା ପରେ ଏବେ ଏହା ଗିନିଜ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଛି। ଏହା ପୂର୍ବରୁ ଫିଲିପାଇନ୍ସର ଏକ ଆମ୍ବ ବିଶ୍ୱର ସବୁଠୁ ବଡ଼ ଆମ୍ବଭାବେ ଗିନିଜ୍ ରେକର୍ଡ କରିଥିଲା, ଯାହାର ଓଜନ ୩ କିଲୋଗ୍ରାମ ୪୩୫ ଗ୍ରାମ୍ ଥିଲା।

## ଆ ଇ ନା



ଲୁବୁନ୍
୧୧ ବର୍ଷ

# ବାପାରେ ମତେ ଏଠୁ ନେଇଯା...



ଗପ

କୃଷ୍ଣ ଦାଶ ଓ ଗୀତା ଦେବୀ ଦୁଇ ବୁଢ଼ାବୁଢ଼ୀ ଚନ୍ଦକା ଗାଁରେ ରହୁଥିଲେ। କୃଷ୍ଣବାବୁ ଜଣେ ଅବସରପ୍ରାପ୍ତ ପୋଷ୍ଟମାଷ୍ଟର। ଧର୍ମ କାର୍ଯ୍ୟରେ ଭାରି ମନ। ସବୁବେଳେ ଦୁଇଟି କଥା ସମସ୍ତଙ୍କୁ ଶିଖାନ୍ତି, ସମୟ ଓ ଟଙ୍କାର ମୂଲ୍ୟ ବୁଝ ଓ ତା'କୁ ଠିକ ଭାବେ ଉପଯୋଗ କର। କିଛି ଲୋକ ତାଙ୍କୁ କୃପଣ ବି କୁହନ୍ତି, କିନ୍ତୁ ଗାଁରେ କାହାର କିଛି ଅସୁବିଧା ହେଲେ ଆଗ ସେ ସାହାଯ୍ୟ ପାଇଁ ଠିଆ ହୁଅନ୍ତି। ଗୀତା ଦେବୀ ସେତେବେଳର ଜମିଦାର ଘରର ଝିଅ। ଦୁହିଁଙ୍କର ପିଲାପିଲି କହିଲେ, ଚାରି ପୁଅ ଚାରି ଝିଅ, ସମସ୍ତେ ସରକାରୀ ଚାକିରିରେ ଅବସ୍ଥାପିତ। କୃଷ୍ଣଙ୍କର ସେ ସମୟରେ ଏତେ ଅଧିକ ଦରମା ନ ଥିବାରୁ ସେ ଚାକିରି ସହିତ ଟିଉସନ କରି ପିଲାଙ୍କୁ ମଣିଷ କରିଥିଲେ। ହେଲେ ସେ ଯେବେ ଅବସର ନେଇ ଘରେ ରହିଲେ, ପିଲାମାନେ ଯିଏ ଯାହା ଚାକିରି ଲାଗି ବାହାରେ ରହିବା ଆରମ୍ଭ କଲେ। ଧୀରେ ଧୀରେ ବୁଢ଼ାବୁଢ଼ୀଙ୍କ ବୟସ ବଢ଼ିବାରୁ ପିଲାଙ୍କ ଆବଶ୍ୟକତା ଲୋଡ଼ିଲେ। ହେଲେ ସେମାନେ ଆଉ ଗାଁରେ ରହିବାକୁ ଇଚ୍ଛା କଲେନି, ଏମିତି କି ପରସ୍ପର ମଧ୍ୟରେ ଆଉ ଜଣେ ଭାଇ ରଖୁ ମୁଁ କାହିଁକି ରଖିବି ବୋଲି ଝଗଡା କଲେ। କୃଷ୍ଣବାବୁଙ୍କର ପେନସନ ୩୦ହଜାରେ ଟଙ୍କା। ସେ କାହା ଉପରେ ନିର୍ଭର ନ ଥାଇବି ପିଲାଙ୍କ ପାଖରେ ଅଲୋଡ଼ା। ଦିନେ ଗୀତା ଦେବୀଙ୍କୁ ରାଗିକି କହିଲେ ସବୁ ପିଲାଙ୍କୁ ଚାକିରିଆ ନ କରି ଜଣକୁ ମୂର୍ଖ କରିଥିଲେ ସେ ତ ପାଖରେ ରହି ଥାଆନ୍ତା। ପିଲାମାନେ ପାଳି କରି ଗାଁରେ ଆସି ବାପାମାଆଙ୍କୁ ମାସକର ସଉଦା ଦେଇ ଆସନ୍ତି, ଯେପରି କେଉଁ ବୃଦ୍ଧାଶ୍ରମରେ ଦାନ। କିନ୍ତୁ କେହି କେବେ ବୁଝିଲେନି ବୃଦ୍ଧା କାଳରେ ପିଲାଙ୍କ ପାଖରେ ରହିବା ତାଙ୍କର ଟିକିଏ ଆଉଁସା ସ୍ୱର୍ଗର ଖୁସି ସାଙ୍ଗରେ ସମାନ। ଦିନେ କୃଷ୍ଣ ବାବୁଙ୍କୁ ବହୁତ ଦେହ ଖରାପ ହେଲା। ଗାଁ ଲୋକଙ୍କଠୁ ଖବର ପାଇ ବଡ ପୁଅ ପହଞ୍ଚି ତାଙ୍କୁ ମେଡିକାଲ ନେଲେ। ସେଠାରୁ ବାପାଙ୍କୁ ନିଜେ ରହୁଥିବା ଭଡା ଘରକୁ ନେଲେ ଏବଂ ମାଆକୁ ଭଉଣୀ ଘରକୁ ପଠାଇଦେଲେ। ଏ ବୟସରେ ଦୁହେଁ ଅଲଗା ରହିବାକୁ ଇଚ୍ଛା ପ୍ରକାଶ କଲେନାହିଁ ଏବଂ ଗାଁକୁ ଚାଲିଆସିଲେ। ବୟସ ଅଧିକ ହୋଇଥିବାରୁ ପିଲାମାନେ ଜଣେ ଝିଅକୁ ତାଙ୍କ ସେବା ପାଇଁ ରଖିଲେ। ହେଲେ ସେ ସେବା ବଦଳରେ ସେମାନଙ୍କୁ ଅତ୍ୟାଚାର କରୁଥିଲା। ହେଲେ ବୁଢ଼ାବୁଢ଼ୀ ଦୁହେଁ ଡରରେ ଏକଥା ପିଲାଙ୍କୁ ଜଣାଇ ପାରୁ ନ ଥିଲେ। ଏହା ଭିତରେ ଦିନେ କୃଷ୍ଣଙ୍କର ମୃତ୍ୟୁ ହେଲା ଏବଂ ଗୀତା ଦେବୀ ପୂରା ଭାଙ୍ଗି ପଡ଼ିଲେ। କଷ୍ଟରେ ଗୀତା ଦେବୀଙ୍କ ଜୀବନ ବିତୁଥାଏ। ଦିନେ ତାଙ୍କର ପୁଅ ବଡ ନାତିକୁ ଧରି ବୁଲିବାକୁ ଆସିଲେ। ଗୀତା ଦେବୀ ବଡ ନାତିକୁ ସବୁ ନାତି ନାତୁଣୀ ଭିତରେ ଅଧିକା ଭଲ ପାଆନ୍ତି। ତାକୁ ପାଖକୁ ଡାକି କହିଲେ, ବାପାରେ ମତେ ଏଠୁ ନେଇଯା...। ହେଲେ ଅସହାୟ ନାତି ବହୁତ ଭଲ ପାଉଥିଲେ ବି ଜେଜେମାଆକୁ ସେହି କେୟାରଟେକର ଝିଅଟି ପାଖେ ଛାଡି ବାପାଙ୍କ ସହ ଫେରିବାକୁ ବାଧ ହେଲା। କିଛି ଦିନ ଭିତରେ ଗୀତାଦେବୀଙ୍କ ମୃତ୍ୟୁ ଘଟିଲା। ଆଠଟି ପିଲା ଆଉ ଏତେଜଣ ନାତିନାତୁଣୀ ଥାଇ ମଧ ଶେଷ ସମୟରେ ଜେଜେମା' ଏକା ଦୁଃଖ କଷ୍ଟରେ ମରିବା କଥା ନାତିକୁ ଖୁବ୍ ଦୁଃଖୀ କରିଦେଲା। ଯଦି ପିଲାମାନେ ସେମାନଙ୍କୁ ପାଳି ପୋଷି ମଣିଷ କରିବା ପଛରେ ବାପାମାଆଙ୍କ କଷ୍ଟକୁ ବୁଝନ୍ତେ ତେବେ ଏମିତି କେବେ ହୋଇ ନ ଥାନ୍ତା ବୋଲି ଭାବି ହେଉଥିଲା। ସେବେଠୁ ଯେଉଁ ବୁଢ଼ୀ ଲୋକଙ୍କୁ ଦେଖିଲେ ତା'ର ମନେ ପଡିଯାଏ ଜେଜେମାଆର ଶେଷ ଡାକ – ବାପାରେ ମତେ ଏଠୁ ନେଇଯା।

**–ଇଂ. ଶଶାଙ୍କ ଶେଖର ପଣ୍ଡା**
*ୟୁନିଟ୍ ୯, ଭୁବନେଶ୍ୱର*

## ତୁମ ତୂଳୀରୁ





**ଭାସ୍ୱତୀ ବିଶୋଇ**
କ୍ଲାସ– ୫, କେନ୍ଦ୍ରୀୟ ବିଦ୍ୟାଳୟ ନଂ–୩, ଭୁବନେଶ୍ୱର






**ଅନ୍ୱେଷା ସେଠୀ**
କ୍ଲାସ–୫, ଦିଲ୍ଲୀ ପବ୍ଲିକ ସ୍କୁଲ, ରାଉରକେଲା





**ରାଧେଶ ବିଶ୍ୱାଳ**
କ୍ଲାସ– ୩, ସାଉଥ ପଏଣ୍ଟ ସ୍କୁଲ, କୋଲକାତା– ୧୯

## ଖିଲିଖିଲି ହସ

ଥରେ ସୋମୁ ରାମୁକୁ କହିଲା, ଆରେ ସୋମୁ କହିଲୁ, ମୁଁ ଯଦି ତୋତେ ପ୍ରଥମେ ଦୁଇଟି, ତା'ପରେ ଦୁଇଟି ଏବଂ ପରେ ଆଉ ଦୁଇଟି କୁକୁର ଦେବି। ତେବେ କହିଲୁ, ତୋ ପାଖରେ ମୋଟ କେତୋଟି କୁକୁର ରହିବେ ? ସୋମୁ ବିଳମ୍ବ ନ କରି କହିଲା, ମୋ ପାଖରେ ୮ଟି କୁକୁର ରହିବେ। ରାମୁ କହିଲା, କେମିତି ? ସୋମୁ ଉତ୍ତର ଦେଲା, ଆରେ ବୋକା, ମୋ ପାଖରେ ଏବେ ଦୁଇଟି କୁକୁର ଅଛନ୍ତି। ତୁ ଆଉ ୬ଟା ଦେଲେ ମୋର ୮ଟି ହେବ। ଏତିକି କଥା ତୁ ବୁଝି ପାରୁନୁ !

ଦୀପକ କ୍ଲାସରେ ବସି ଢୁଳାଉଥାଏ। ଏହି ସମୟରେ ସ୍କୁଲର ପ୍ରଧାନ ଶିକ୍ଷକ କ୍ଲାସ ଭିତରକୁ ପଶି ଆସି ତାକୁ କହିଲେ, ଏ ଗଧ, ତୁ ସବୁବେଳେ ଏମିତି ଘୁମଉଛୁ କାହିଁକି, ଆଚ୍ଛା କହିଲୁ, ପାରାଦୀପ କେଉଁଠି ? ଦୀପକ ଆଖି ମଳି ମଳି କହିଲା, ନା, ସାର୍, ମୁଁ କହିପାରିବି ନାହିଁ। ସାର୍ କହିଲେ, ତା'ହେଲେ ବେଞ୍ଚ୍ ଉପରେ ଠିଆ ହୁଅ। ଦୀପକ ଉତ୍ତର ଦେଲା, ସାର୍, ମୁଁ ଯଦି ବେଞ୍ଚ୍ ଉପରେ ଠିଆ ହେବି ତା'ହେଲେ କ'ଣ ମୁଁ ପାରାଦୀପ କେଉଁଠି ଦେଖିପାରିବି ?

## କହିଲ ଦେଖି

ପିଠିରେ ତାହାର କୁଜ
ମରୁଭୂମିର ସେ ଜାହାଜ
କଣ୍ଟାଗଛ ଅଟଇ ଆହାର
କୁଜରେ ସଞ୍ଚୟ ଖାଦ୍ୟ ନୀର
ଚଳିଯାଏ ଦଶବାର ଦିବସ
ନାମ ତାହାର କିସ ?



ଉତ୍ତର– **ଓଟ**

ବହୁତ ଲମ୍ବାର ଜୀବଟେ
ଡାଳପତ୍ର ତା'ର ଖାଦ୍ୟ ଅଟେ
ଶରୀରଠୁ ବଡ଼ ବେକ ତା'ର
ବାଘସିଂହର ସେ ଶିକାର
ଦେଖାଯାଏ ବେଶି ଆଫ୍ରିକାରେ
କିଏ କହିବ ନାମ ତା'ର ?



ଉତ୍ତର– **ଜିରାଫ**

କାଠ ଗାଡ଼ି ଟାଣି ଥାଏ
ମାଲିକର ଘରେ ଥାଏ
ଘାସ କୁଣ୍ଡା ଖାଏ
ବେତ ପାହାର ଖାଇଥାଏ
ମୁନିବର କଥା ମାନିଥାଏ
କୁହ ପିଲେ କିଏ ?



ଉତ୍ତର– **ବଳଦ**

*–ରୋହିତ କୁମାର ମଳିକ, ଅଣ୍ଡରାଇ, ବୋଡ଼କ, ଭଦ୍ରକ*

## ତୁମ ପଢ଼ିବା ପାଇଁ

### ମୋ ଆଶା

ତ୍ରୟମାସିକ ଶିଶୁ–କିଶୋର ପତ୍ରିକା 'ମୋ ଆଶା'ର ଗ୍ରୀଷ୍ମ ସଂଖ୍ୟା (ଏପ୍ରିଲ–ଜୁନ୍) ରେ ସ୍ଥାନିତ ହୋଇଛି ପିଲାଙ୍କର ମନଲାଖି ଗପ, କବିତା, ନିୟମିତ ସ୍ତମ୍ଭ ଏବଂ ବିଭିନ୍ନ ବିଷୟବସ୍ତୁ। ଏଗୁଡିକର ଉପସ୍ଥାପନା ପିଲାମାନଙ୍କର ମନକୁ ଛୁଇଁବ ବୋଲି ଆଶା କରାଯାଏ। ତା'ସହ ହିରାଲାଲ୍ ବରିହାଙ୍କ ଅଳଙ୍କରଣ କୌଣସି ଗୁଣରେ କମ ହୋଇନାହିଁ। ସୁମନ୍ତ ମହାରଣାଙ୍କ ସମ୍ପାଦିତ ଏହି ରଙ୍ଗିନ ପତ୍ରିକାର ମୂଲ୍ୟ ରହିଛି ୨୦ ଟଙ୍କା। ଯୋଗାଯୋଗ : 'ମୋ ଆଶା', ଲିଟିଲ୍ ଷ୍ଟାର୍ ଗ୍ରୁପ୍ ପାଟପୁର, ନିମାପଡା, ପୁରୀ, ପିନ୍–୭୫୨୧୦୬




## ଚଗଲା ଭୀମୁ




## ମତାମତ

➤ପିଲାଙ୍କ ଧରିତ୍ରୀ ପୃଷ୍ଠାରେ କବିତାଗୁଡିକ ଛୋଟ ଏବଂ ବହୁତ ସୁନ୍ଦର ଲାଗିଲା।
*–ଶୁଭାଶିଷ ମହାନ୍ତି, କେନ୍ଦୁଝର*

➤କବିତା ସ୍ତମ୍ଭରେ ଚିତ୍ରଗୁଡିକ ବହୁତ ସୁନ୍ଦର ଲାଗିଲା।
*–ଶେଖର ବ୍ରହ୍ମ, ଭଦ୍ରକ*

➤ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ପ୍ରକାଶିତ 'ଏକ ପ୍ରଶ୍ନ ତିନି ଉତ୍ତର' ଗପଟିରେ ବହୁତ କିଛି ଶିକ୍ଷଣୀୟ କଥା ରହିଛି।
*–ରଶ୍ମିତା ଜେନା, କଳାହାଣ୍ଡି*

➤କହିଲ ଦେଖି ସ୍ତମ୍ଭରେ ଛୋଟ ଛୋଟ କବିତା ଶୈଳୀରେ କଥା ବହୁତ ଭଲ ଲାଗିଲା।
*–ନୀଳାମ୍ବୁ ଧର, ଜଗତସିଂହପୁର*

➤ତୁମ ତୂଳୀରୁ ସ୍ତମ୍ଭରେ ପିଲାଙ୍କ ଦ୍ୱାରା ଅଙ୍କିତ ଚିତ୍ରଗୁଡିକ ଭାରି ସୁନ୍ଦର ଲାଗିଲା।
*–ରବିନାରାୟଣ ପରିଡା, ପୁରୀ*

➤ଚଗଲା ଭୀମୁ ସ୍ତମ୍ଭରେ କାର୍ଟୁନଟି ମତେ ସବୁଠୁ ବେଶି ଭଲ ଲାଗୁଛି।
*–ଲକ୍ଷ୍ମୀନାରାୟଣ ଜେନା, ମୟୂରଭଞ୍ଜ*

➤ଖିଲିଖିଲି ହସ ସ୍ତମ୍ଭରେ ଛୋଟ ଛୋଟ ହସ କଥାଗୁଡିକ ବହୁତ ଭଲ ଲାଗିଲା।
*–ଶୁଭଜିତ୍ ପଣ୍ଡା, କଟକ*

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ଶନିବାର, ମେ ୧୫/୨୦୨୧ Berhampur, Saturday, May 15/ 2021

# ଓଡ଼ିଶା ଏଫ୍‌ସିରେ ସାହିଲ, ସେବାଷ୍ଟିଆନ

ଭୁବନେଶ୍ୱର,୧୪।୫ (ସ୍ପୋର୍ଟ୍ସ ବ୍ୟୁରୋ)

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଅଷ୍ଟମ ସଂସ୍କରଣ ଆରମ୍ଭ ହେବା ପୂର୍ବରୁ ଓଡ଼ିଶା ଏଫ୍‌ସି ଦୁଇ ତାରକା ଖେଳାଳିଙ୍କୁ ଦଳରେ ସାମିଲ କରିଛି। ଡିଫେଣ୍ଡର ସାହିଲ ପନୱାର ଓ ସେବାଷ୍ଟିଆନ ଥଙ୍ଗମୁଆନସଙ୍ଗ ଓଡ଼ିଶା ଏଫ୍‌ସି ସହ ଚୁକ୍ତି କରିଛନ୍ତି।

ହାଇଦ୍ରାବାଦ ଏଫ୍‌ସି ବୋର୍ଡରେ ୨୧ ବର୍ଷୀୟ ସାହିଲ ଆସି ଓଡ଼ିଶା ସହ ୨ ବର୍ଷୀୟା ଚୁକ୍ତି କରିଛନ୍ତି। ଆଉ ଗୋଟିଏ ବର୍ଷ ଚୁକ୍ତି ବଢାଇବାକୁ ତାଙ୍କ ପାଖରେ ବିକଳ୍ପ ମଧ୍ୟ ରହିଛି। ଏହି ଗ୍ରୀଷ୍ମ ସେସନରେ ଭାରତୀୟ ଖେଳାଳିଙ୍କ ଟ୍ରାନ୍ସଫର ଥରେ ଖୋଲିବା ପରେ ଆନୁଷ୍ଠାନିକ ଭାବେ ଏହି ଟ୍ରାନ୍ସଫର ସମ୍ପନ୍ନ ହେବ ବୋଲି କୁହାଯାଇଛି। ଡୋରାଡୁନ୍‌ର ଏହି ଲେଫ୍ଟ ବ୍ୟାକ୍ ପ୍ଲେୟର ଆଇଏସ୍‌ଏଲ୍‌ର ଚତୁର୍ଥ ସଂସ୍କରଣରେ ଏଫ୍‌ସି ପୁଣେ ସିଟି ତରଫରୁ ପଦାର୍ପଣ କରିଥିଲେ। ଏହାପରେ ସେ ହାଇଦ୍ରାବାଦ ଏଫ୍‌ସିରେ ସାମିଲ ହୋଇଥିଲେ। ୨ଟି କ୍ଲବ ତରଫରୁ ସେ ୩୭ଟି ମ୍ୟାଚ୍ ଖେଳିଛନ୍ତି। ବିଭିନ୍ନ ବୟସବର୍ଗ ଟୁର୍ନାମେଣ୍ଟରେ ସେ ଭାରତ ପାଇଁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି। ୨୦୧୭ ସାଉଥ୍ ଏସିଆନ ଫୁଟବଲ ଫେଡେରେଶନ (ସାଫ୍) ୧୮ ବର୍ଷରୁ କମ୍ ଚାମ୍ପିୟନଶିପ୍‌ରେ ସେ ଟିମ୍ ଇଣ୍ଡିଆର ନେତୃତ୍ୱ ନେଇଥିଲେ।

ସେହିପରି ଉତ୍ତରପୂର୍ବାଞ୍ଚଳ ରାଜ୍ୟ ମଣିପୁରର ୨୨ ବର୍ଷୀୟ ସେବାଷ୍ଟିଆନଙ୍କୁ ଓଡ଼ିଶା ଏଫ୍‌ସି ଆପଣେଇଛି। ସେ କିଛିଦିନ ତଳେ ଗୋକୁଲମ କେରଳ ଏଫ୍‌ସି ତରଫରୁ ପ୍ରତିନିଧିତ୍ୱ କରି ଆଇ-ଲିଗ୍ ଟାଇଟଲ ଜିତିଛନ୍ତି। ସେ ମଧ୍ୟ ଓଡ଼ିଶା ସହ ୨ ବର୍ଷୀୟା ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ସେ ମଧ୍ୟ ପୂର୍ବରୁ ନେରୋକା ଓ ଚେନ୍ନାଇ ସିଟି ଏଫ୍‌ସି ତରଫରୁ ଆଇ- ଲିଗ୍‌ରେ ପ୍ରତିନିଧିତ୍ୱ କରିଥିଲେ। ନିଜ ୟୁଥ୍ କ୍ୟାରିୟରରେ ସେ ପୁଣେ ସହିତ ଜଡିତ ଥିଲେ।

ସାହିଲ ଓ ସେବାଷ୍ଟିଆନଙ୍କୁ ଆମେ ଦଳକୁ ସ୍ୱାଗତ କରୁଛୁ ବୋଲି ଓଡ଼ିଶା ଏଫ୍‌ସି ମୁଖ୍ୟ କାର୍ଯ୍ୟନିର୍ବାହୀ ରୋହନ ଶର୍ମା କହିଛନ୍ତି। ଆଇଏସ୍‌ଏଲ୍‌ରେ ସାହିଲ ଗତ କିଛିବର୍ଷ ହେବ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଯୁବ ଖେଳାଳି ହୋଇଥିଲେ ମଧ୍ୟ ସେ ଅଭିଜ୍ଞ ଭଳି ପ୍ରଦର୍ଶନ କରିଛନ୍ତି। ସାହିଲ ଓ ସେବାଷ୍ଟିଆନ ଦେଶର ଦୁଇ ଉଦୀୟମାନ ଡିଫେଣ୍ଡର ରୂପେ ଜଣାଶୁଣା। ଦଳ ଏମାନଙ୍କ ପ୍ରତିଭାରୁ ଫାଇଦା ଉଠାଇବ। ଓଡ଼ିଶା ଏଫ୍‌ସି ସବୁବେଳେ ଯୁବ ଖେଳାଳିଙ୍କୁ ଆଗକୁ ବଢିବାର ସୁଯୋଗ ଦେଇଥାଏ ଓ ଅଗ୍ରାଧିକାର ଦେଇଥାଏ। ଆଗାମୀ ସେସନରେ ଏହି ଦୁଇ ଖେଳାଳି ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହେବେ ବୋଲି ଆଶା କରୁଛୁ ବୋଲି ରୋହନ କହିଛନ୍ତି।


ସେବାଷ୍ଟିଆନ ଥଙ୍ଗମୁଆନସଙ୍ଗ ଓ ସାହିଲ ପନୱାର।

**ଇଣ୍ଡିଆନ ସୁପର ଲିଗ୍**

## ପୁଣି ଆଇପିଏଲ୍ ହେଲେ ଖେଳିବେ ଆର୍ଚର

ଲଣ୍ଡନ, ୧୪।୫ (ପି.ଟି.)

ଆଘାତଜନିତ ସମସ୍ୟାରୁ ମୁକୁଳିବା ପରେ ଇଂଲଣ୍ଡ ସ୍ପିଡ୍‌ଷ୍ଟର ଜୋଫ୍ରା ଆର୍ଚର କ୍ରିକେଟକୁ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। କୋଭିଡ୍ ପାଇଁ ବର୍ତ୍ତମାନ ସସ୍‌ପେଣ୍ଡ ଥିବା ଆଇପିଏଲ୍ ଯଦି ବର୍ଷର ପରବର୍ତ୍ତୀ ଭାଗରେ ଖେଳାଯାଏ ତେବେ ସେ ଖେଳିବାକୁ ଚାହାନ୍ତି ବୋଲି କହିଛନ୍ତି। ଇଂଲଣ୍ଡର ଭାରତ ଟୁର୍ ବେଳେ ଏହି ୨୬ ବର୍ଷୀୟ ବୋଲରଙ୍କ କହୁଣୀରେ ଆଘାତ ଲାଗିଥିଲା। ଫଳରେ ସେ ଆଇପିଏଲରେ ଖେଳିପାରି ନ ଥିଲେ। ଇଞ୍ଜୁରିରୁ ମୁକ୍ତି ପାଇବା ପରେ ଆର୍ଚର କାଉଣ୍ଟି କ୍ରିକେଟରେ ସସେକ୍ସ ଟିମ୍ ତରଫରୁ ଖେଳୁଛନ୍ତି। ଗୁରୁବାର କେଣ୍ଟ ବିପକ୍ଷ ମ୍ୟାଚରେ ସେ ତାଙ୍କ ୧୩ ଓଭର ବୋଲିଂ କରି ୨୯ ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିପାରିଛନ୍ତି।

# ହସି ନେଗେଟିଭ୍, ରିଦ୍ଧିମାନ ପୁଣି ପଜିଟିଭ

ନୂଆଦିଲ୍ଲୀ, ୧୪।୫ (ପି.ଟି.)

ସଦ୍ୟ କୋଭିଡ୍ ଟେଷ୍ଟରେ ଅଷ୍ଟ୍ରେଲିଆର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ତଥା ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବ୍ୟାଟିଂ କୋଚ୍ ମାଇକେଲ ହସିଙ୍କର ନେଗେଟିଭ ଆସିଛି। ସେ ସମ୍ଭବତଃ ରବିବାର ଚେନ୍ନାଇରୁ ନିଜ ଦେଶକୁ ଫେରିଯାଇ ପାରନ୍ତି। ତେବେ ଭାରତର ଟେଷ୍ଟ ଉଇକେଟ କିପର ରିଦ୍ଧିମାନ ଶାହାଙ୍କ ଫଳାଫଳ ପୁଣି ପଜିଟିଭ ଆସିଛି। ସେ ପୂର୍ବଭଳି ଆଇସୋଲେଶନରେ ରହିବେ। ବର୍ତ୍ତମାନ ସସ୍‌ପେଣ୍ଡ ଥିବା ଆଇପିଏଲ୍‌ରେ ଉଭୟ ହସି ଓ ଶାହା କରୋନା ସଂକ୍ରମିତ ହୋଇଥିଲେ। ସିଏସ୍‌କେ ସିଇଓ କାଶୀବିଶ୍ୱନାଥ କହିଛନ୍ତି, ଆର୍‌ଟି-ପିସିଆର୍ ଟେଷ୍ଟରେ ହସିଙ୍କର ନେଗେଟିଭ୍ ଆସିଛି। ସେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଛନ୍ତି। ହସି ମାଳଦ୍ୱୀପ ବାଟ ଦେଇ କିମ୍ବା ସିଧାସଳଖ ଅଷ୍ଟ୍ରେଲିଆ ଯିବେ ତାହା ନିଜେ ସ୍ଥିର କରିବେ। ହସିଙ୍କୁ ଛାଡ଼ି ଆଇପିଏଲ୍ ସହ ସମ୍ପୃକ୍ତ ଅଷ୍ଟ୍ରେଲୀୟ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ମାନେ ଭାରତରୁ ଯାଇ ମାଳଦ୍ୱୀପରେ ଅଟକିଛନ୍ତି। ସେଠାରେ ସେମାନେ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ରବିବାର ସୁଦ୍ଧା ବିମାନ ଯୋଗେ ସ୍ୱଦେଶ ଫେରିବେ। ଶାହା ଟୁଇଟରରେ କହିଛନ୍ତି, କିଛିଦିନ ବ୍ୟବଧାନରେ ହୋଇଥିବା ୨ଟି ଟେଷ୍ଟରେ ଗୋଟିକରେ ନେଗେଟିଭ ଓ ଅନ୍ୟଟି ପିଜିଟିଭ୍ ଆସିଥିବାରୁ ସେ କ୍ୱାରାଣ୍ଟାଇନ୍‌ରେ ରହିବେ। କହିବାକୁ ଗଲେ ତାଙ୍କ କ୍ୱାରାଣ୍ଟାଇନ୍ ପିରିୟଡ ଶେଷ ହୋଇ ନ ଥିଲା। ବର୍ତ୍ତମାନ କିନ୍ତୁ ସେ ସୁସ୍ଥ ଅନୁଭବ କରୁଛନ୍ତି। ତାଙ୍କ ବିରୋଧରେ କେହି ଅପପ୍ରଚାର ନ କରିବାକୁ ସେ ଅନୁରୋଧ କରିଛନ୍ତି।




# ନୀତୁଙ୍କ ଚୟନ କମିଟି, ମଦନ ସନ୍ଦେହ ଘେରରେ

ନୂଆଦିଲ୍ଲୀ,୧୪।୫(ପି.ଟି.)

ପୂର୍ବତନ ଭାରତୀୟ ଓପନର ଡବ୍ଲ୍ୟୁ.ଭି. ରମଣଙ୍କୁ ଭାରତୀୟ ମହିଳା କ୍ରିକେଟ ଦଳର ହେଡ୍ କୋଚ୍ ପଦରୁ ବିଦା କରାଯିବା ପରେ ବିବାଦ ସୃଷ୍ଟି ହୋଇଛି। ପୂର୍ବତନ କ୍ରିକେଟର ମଦନ ଲାଲ୍‌ଙ୍କ ନେତୃତ୍ୱାଧୀନ କ୍ରିକେଟ ଉପଦେଷ୍ଟା କମିଟି (ସିଏସି), ସଦସ୍ୟ ସୁଲକ୍ଷଣା ନାଏକ ଓ ନୀତୁ ଡେଭିଡ୍‌ଙ୍କ ଚୟନ କମିଟି ଏବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସନ୍ଦେହ ଘେରକୁ ଆସିଛି।

ରମଣଙ୍କ ତତ୍ତ୍ୱାବଧାନରେ ଭାରତୀୟ ମହିଳା ଦଳ ଗତବର୍ଷ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଥିଲା। ସେ ମଧ୍ୟ ଜଣେ ସଫଳ କୋଚ୍ ରୂପେ ଜଣାଶୁଣା ଥିଲେ। ତେବେ ସିଏସି ତାଙ୍କୁ ବହିଷ୍କାର କରି ପୂର୍ବତନ କ୍ରିକେଟର ରମେଶ ପାୱାରଙ୍କୁ ଏହି ହାଇପ୍ରୋଫାଇଲ ପଦରେ ଗୁରୁବାର ନିଯୁକ୍ତ କରିଥିଲା। ପାୱାରଙ୍କୁ ଏହି ପଦରୁ ୨୦୧୮ରେ ବହିଷ୍କାର କରାଯାଇଥିଲା। ତେଣୁ ଲୋଧା କମିଟିର ନିୟମ ଅନୁସାରେ ମଦନ ଲାଲ୍‌ଙ୍କ ସିଏସି ବେଆଇନ କାର୍ଯ୍ୟ କରିଛି ବୋଲି ପ୍ରଶ୍ନ ଉଠିଛି। କେଉଁ ଭଳି ସ୍ଥିତିରେ ରମଣଙ୍କୁ ପଦରୁ ବହିଷ୍କାର କରାଗଲା ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି।




**ରମଣ ଇଫେକ୍ଟ**

ପୂର୍ବତନ ଭାରତୀୟ ଖେଳାଳି ସୁଲକ୍ଷଣା ମୁମ୍ବାଇ କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ନାଏକଙ୍କ ସାନ ଭଉଣୀ। ସେ ଏପର୍ଯ୍ୟନ୍ତ ସିଏସିର ୩ଟି ବୈଠକରେ ଅଂଶଗ୍ରହଣ କରିଛନ୍ତି। ଗତ ଦକ୍ଷିଣ ଆଫ୍ରିକା ସିରିଜରେ ଦଳ ଚୟନ ନେଇ ରମଣ ଅସନ୍ତୋଷ ଜାହିର କରିଥିଲେ। ବ୍ୟାଟିଂ ସେନସେସନ ଶେଫାଳୀ ବର୍ମା ଓ ଶିଖା ପାଣ୍ଡେଙ୍କୁ ଦକ୍ଷିଣ ଆଫ୍ରିକା ଦିନିକିଆ ସିରିଜରେ ସାମିଲ କରାଯାଇ ନ ଥିଲା। ଏ ନେଇ ରମଣ ଓ ଚୟନ କମିଟି ମଧ୍ୟରେ ମତପାର୍ଥକ୍ୟ ଦେଖା ଦେଇଥିଲା। ତେଣୁ ବିଭିନ୍ନ କାରଣ ନେଇ ରମଣ ଓ ଅନ୍ୟମାନଙ୍କ ମଧ୍ୟରେ ତିକ୍ତତା ଦେଖା ଦେଇଥିଲା। ଯାହା ଫଳରେ ରମଣଙ୍କୁ ପଦରୁ ହଟାଯିବାର ଅଭିଯୋଗ ହୋଇଛି। କିନ୍ତୁ ଏଥିପାଇଁ ସିଏସି, ନୀତୁ ଓ ନାଏକ ଏବେ ସନ୍ଦେହ ଘେରକୁ ଆସିଛନ୍ତି।

**ଗାଙ୍ଗୁଲି, ଦ୍ରାବିଡଙ୍କୁ ରମଣଙ୍କ ଚିଠି**

ଏ ସଂକ୍ରାନ୍ତରେ ରମଣ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଓ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ଅଧ୍ୟକ୍ଷ ରାହୁଲ ଦ୍ରାବିଡଙ୍କୁ ଚିଠି ଲେଖି ନିଜର ଅସନ୍ତୋଷ ଜାହିର କରିଛନ୍ତି। ପ୍ରଥମେ ମହିଳା ବା ମହିଳାଙ୍କୁ ଅଗ୍ରାଧୀକାର ଦେବାର ସଂସ୍କୃତି ତଥା ଚଳଣି ଭାରତୀୟ ମହିଳା ଦଳରେ ରହିଛି ଓ ଏଥିରେ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ରମଣ ଚିଠିରେ ଉଲ୍ଲେଖ କରିଛନ୍ତି। ଏଥିସହ ରମଣ ଭାରତୀୟ ମହିଳା କ୍ରିକେଟ ପାଇଁ ଏକ ରୋଡ ମ୍ୟାପ୍ ପ୍ରସ୍ତୁତ କରି ଗାଙ୍ଗୁଲି ଓ ଦ୍ରାବିଡ୍‌ଙ୍କୁ ମେଲ୍ କରିଛନ୍ତି। କ୍ରିକେଟ ପାଇଁ ଦଳ ସବୁଠାରୁ ବଡ଼ ବୋଲି ସେ ଏଥିରେ ଦର୍ଶାଇଛନ୍ତି।

# ଜାପାନରେ ଭାଇରସ୍ ଏମର୍ଜେନ୍ସି ବଢ଼ିବ

ଟୋକିଓ,୧୪।୫ (ଏପି)

ଟୋକିଓ ଅଲିମ୍ପିକ୍ସ ଆୟୋଜନ କରିବା ନେଇ ଜାପାନ ସରକାର ତାଙ୍କର ଆଭିମୁଖ୍ୟ ପୁଣି ସ୍ପଷ୍ଟ କରିଛନ୍ତି। ଅଲିମ୍ପିକ୍ସ ଆୟୋଜନ ହେବାକୁ ଆଉ ମାତ୍ର ୨ ମାସ ବାକି ରହିଛି। ରାଜଧାନୀ ଟୋକିଓ ଓ ଅନ୍ୟ ୫ଟି ଅନ୍ୟ ସହରରୁ ଏବେ ୯ଟି ଅଞ୍ଚଳରେ ସରକାର କରୋନା ଭାଇରସ୍ ଏମର୍ଜେନ୍ସିକୁ ବଢ଼ାଇବାକୁ ନିଷ୍ପତ୍ତି ନେଇଛନ୍ତି। ଅଲିମ୍ପିକ୍ସ ପୂର୍ବରୁ ଜାପାନ କରୋନା ଭାଇରସ୍ ନେଇ ସଂଘର୍ଷ କରୁଛି। ଏବେ ଜାପାନର ଉତ୍ତରରେ ଥିବା ଦ୍ୱୀପ ରାଜ୍ୟ ହୋକାଇଡୋ, ହିରୋଶିମା ଓ ପଶ୍ଚିମ ଜାପାନର ଓକାୟାମାରେ ଏମର୍ଜେନ୍ସି ଲାଗୁ କରାଯିବ ବୋଲି କୁହାଯାଇଛି। ହୋକାଇଡୋରେ ଅଲିମ୍ପିକ୍ ମାରାଥନ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି।

ପୂର୍ବରୁ ଟୋକିଓ, ଓସାକା ଓ ଅନ୍ୟ ୪ଟି ଅଞ୍ଚଳରେ କରୋନା ସଂକ୍ରମଣ ପାଇଁ ବିଭିନ୍ନ କଟକଣା ଜାରି କରାଯାଇ ସାରିଛି। ଏହା ୩୧ ତାରିଖ ପର୍ଯ୍ୟନ୍ତ ଲାଗୁ ରହିବ। ଏହି ଅଞ୍ଚଳରେ ଥିବା ବାର୍, କରାଓକେ ପାର୍ଲର ଓ ମନୋରଞ୍ଜନ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ଯେଉଁ ବ୍ୟବସାୟୀମାନେ ନିୟମ ମାନିବେ ଓ ଜରିମାନାର ସମ୍ମୁଖୀନ ନ ହେବେ, ସେମାନଙ୍କୁ କ୍ଷତିପୂରଣ ଦିଆଯିବ ବୋଲି କୁହାଯାଇଛି। ଶୁକ୍ରବାର ଏ ନେଇ ପ୍ରଧାନମନ୍ତ୍ରୀ ୟୋଶିହାଇଡ୍ ସୁଗା ଏନେଇ ଔପଚାରିକ ଭାବେ ଘୋଷଣା କରିବେ। ଅନ୍ୟ ଅଞ୍ଚଳକୁ ଇମର୍ଜେନ୍ସି ବଢ଼ାଇବା ସରକାରଙ୍କ ପ୍ରାରମ୍ଭିକ ଯୋଜନାଠାରୁ ଟିକିଏ ଭିନ୍ନ। ହିରୋଶିମାରେ ଆୟୋଜନ ହେବାକୁ ଥିବା ମଶାଲ ରାଲିକୁ ମଧ୍ୟ ଇତିମଧ୍ୟରେ ବାତିଲ କରାଯାଇଛି।

**ଟୋକିଓ ଅଲିମ୍ପିକ୍ସ**

ଅଲିମ୍ପିକ୍ ଆୟୋଜନକୁ ଜାପାନରେ ପ୍ରବଳ ବିରୋଧ କରାଯାଉଛି। ଫଳରେ ସୁଗାଙ୍କ ସରକାର ଚାପରେ ରହିଛନ୍ତି। ବାରମ୍ବାର ଏମର୍ଜେନ୍ସି ନେଇ ଘୋଷଣା ହେବା ଓ ଟିକାକରଣରେ ମନ୍ଥରତା ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢାଇଛି। ଲୋକେ ମଧ୍ୟ ସରକାରଙ୍କୁ ସହଯୋଗ କରିବାକୁ ଅମଙ୍ଗ ହେଉଛନ୍ତି। ଏପର୍ଯ୍ୟନ୍ତ ୨ ପ୍ରତିଶତରୁ କମ୍ ଲୋକଙ୍କୁ ଟିକା ଦିଆଯାଇଛି।

# କୋଟା ପୂରଣ ନ କରିପାରିଲେ ହାର୍ଦ୍ଦିକ ଅନ୍‌ଫିଟ୍

ନୂଆଦିଲ୍ଲୀ,୧୪।୫ (ପି.ଟି.)

ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଟେଷ୍ଟ ଦଳରୁ ବାଦ୍ ଦେବା ଲାଗି ବର୍ତ୍ତମାନର ସିଲେକ୍ସନ କମିଟିର ନିଷ୍ପତ୍ତି ପ୍ରତି ସମର୍ଥନ ଜଣାଇଛନ୍ତି ଭାରତର ପୂର୍ବତନ ଚୟନକର୍ତ୍ତା ସରଣଦୀପ ସିଂ। ଅନ୍ୟପକ୍ଷରେ ଏହି ପୂର୍ବତନ ଅଲ୍‌ରାଉଣ୍ଡର ଯଦି ତାଙ୍କ କୋଟା ଓଭର ପୂରଣ ନ କରିପାରନ୍ତି ତେବେ ତାଙ୍କୁ ସୀମିତ ଓଭର ଫର୍ମାଟ୍ ପାଇଁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯିବା ଉଚିତ ନୁହେଁ ବୋଲି ସେ କହିଛନ୍ତି। ୨୦୧୯ରେ ପିଠିରେ ଅସ୍ତ୍ରୋପଚାର ହେବାପରେ ଖେଳକୁ ପ୍ରତ୍ୟାବର୍ତ୍ତନ ପରେ ହାର୍ଦ୍ଦିକ ନିୟମିତ ବୋଲିଂ କରିନାହାନ୍ତି। ସେ ଜଣେ ଅଲ୍‌ରାଉଣ୍ଡର ହୋଇଥିଲେ ମଧ୍ୟ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପାଇଁ ତାଙ୍କୁ ମନୋନୀତ କରାଯାଇନାହିଁ। ଚଳିତବର୍ଷ ପ୍ରାରମ୍ଭରେ ଐତିହାସିକ ଅଷ୍ଟ୍ରେଲିଆ ଟୁର୍ ସହ ସରଣଦୀପଙ୍କ ଚୟନକର୍ତ୍ତା କାର୍ଯ୍ୟକାଳ ଶେଷ ହୋଇଥିଲା। ଇଂଲଣ୍ଡ ଟୁର୍ ପାଇଁ ପୃଥ୍ୱୀ ଶ'ଙ୍କୁ ଭାରତୀୟ ଦଳରେ ସାମିଲ କରା ନ ଯିବା ନେଇ ସେ ଅଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଅସ୍ତ୍ରୋପଚାର ପରେ ହାର୍ଦ୍ଦିକ ନିୟମିତ ଭାବେ ବୋଲିଂ କରିନାହାନ୍ତି। ଚୟନକର୍ତ୍ତାମାନେ ଏହି କାରଣରୁ ତାଙ୍କୁ ଟେଷ୍ଟ ଦଳରେ ନେଇନାହାନ୍ତି। ଅନ୍ତର୍ଜାତୀୟ ଦିନିକିଆରେ ୧୦ ଓଭର ଏବଂ ଟି୨୦ରେ ୪ ଓଭର ବୋଲିଂ କରିପାରିଲେ ହାର୍ଦ୍ଦିକଙ୍କୁ ସୀମିତ ଓଭର କ୍ରିକେଟ ପାଇଁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯିବା ଉଚିତ। ତାଙ୍କୁ କେବଳ ଜଣେ ବ୍ୟାଟ୍ସମ୍ୟାନ ହିସାବରେ ଦଳରେ ନେଇ ହେବନାହିଁ ବୋଲି ଭାରତର ଏହି ପୂର୍ବତନ ସ୍ପିନର କହିଛନ୍ତି। ଅସ୍ତ୍ରୋପଚାର ପରେ ପୂରା କୋଟା ବୋଲିଂ କରିପାରୁ ନ ଥିବା ହାର୍ଦ୍ଦିକଙ୍କୁ ଯଦି ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଏ ତେବେ ଦଳର ସନ୍ତୁଳନ ରହିବ ନାହିଁ। କାରଣ ଏହାଦ୍ୱାରା ସୂର୍ଯ୍ୟକୁମାର ଯାଦବଙ୍କ ଭଳି ଖେଳାଳିଙ୍କୁ ଦଳରୁ ବାଦ୍ ଦେବାକୁ ପଡ଼ିବ। ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ଦେଖିବାକୁ ମିଳିଛି ଯେ, ଆମେ ୫ ବୋଲରଙ୍କୁ ନେଇ ଖେଳିପାରିବା ନାହିଁ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ